READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଲେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ବର୍ଷ-୩ ସଂଖ୍ୟା-୫୧ ୦୬ - ୧୨ ଜାନୁଆରୀ, ୨୦୨୦ ଭୁବନେଶ୍ୱର Monday Weekly VOL-3 ISSUE-51 06th - 12th JANUARY, 2020 BHUBANESWAR ₹ 5/- (8 Pages)

### ଇରାନ ଉପରେ ଆମେରିକାର ଏୟାର ଷ୍ଟ୍ରାଇକ୍, ଭାରତରେ ପ୍ରଭାବ

# ଟଙ୍କା ମୂଲ୍ୟ ହ୍ରାସ, ସୁନା ମହଙ୍ଗା

**ବାଗଦାଦ/ତେହେରାନ :** ଇରାନ ଉପରେ ଆମେରିକା ଏୟାର ଷ୍ଟ୍ରାଇକର ତୁରନ୍ତ ପ୍ରଭାବ ଭାରତ ଉପରେ ପଡିଛି। ଯାହା ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟ କ୍ଷେତ୍ରରେ ପରିଲକ୍ଷିତ ହୋଇଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୪୨ ପଇସା ହ୍ରାସ ଘଟି ୭୧ ଟଙ୍କା ୮୦ ପଇସାରେ ଶୁକ୍ରବାର କାରବାର ଶେଷ ହୋଇଥିଲା। ଆଶ୍ଚର୍ଯ୍ୟର କଥା ହେଉଛି ଗତ ଶୁକ୍ରବାର ଗୋଟିଏ ଦିନରେ କାରବାରରେ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୭୫୨ ଟଙ୍କା ବୃଦ୍ଧି ଘଟିଛି। ବିଶ୍ୱ ବଜାରରେ ତୈଳ ଦରରେ ବୃଦ୍ଧି ଭଳି ପରିସ୍ଥିତି ଦେଖାଯାଇଛି। ମଧ୍ୟପ୍ରାଚ୍ୟରେ ଦେଖା ଦେଇଥିବା ଅସ୍ଥିରତା ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ୪% ବୃଦ୍ଧି ହୋଇଛି। ଫଳରେ ତୈଳ ଦର ମହଙ୍ଗା ହୋଇଛି। ଅନ୍ୟପକ୍ଷରେ ଆମେରିକାର ବିମାନ ଆକ୍ରମଣରେ



ଇରାନ ସୈନ୍ୟବାହିନୀ କ୍ୟୁଡ୍ସ ଫୋର୍ସର ମୁଖ୍ୟ କମାଣ୍ଡର କାସିମ ସୁଲେମାନଙ୍କ ମୃତ୍ୟୁ ପରେ ରକ୍ତମୁଖା ହୋଇଉଠିଛି ଇରାନ। ଯେଉଁଥିପାଇଁ ଆମେରିକା ବିରୋଧରେ ଯୁଦ୍ଧ ପାଇଁ ଇରାନ ସଜବାଜ ହେଉଛି। ମଧ୍ୟପ୍ରାଚ୍ୟରେ ତୀବ୍ର ଉତ୍ତେଜନାକୁ ଦେଖି ବିଶ୍ୱ ନେତାମାନେ ଚିନ୍ତିତ ଥିଲା ବେଳେ ଶାନ୍ତି ବଜାୟ ରଖିବାକୁ ଭାରତ ନିବେଦନ କରିଛି। ଆମେରିକା ନିଜ ଦେଶର ନାଗରିକଙ୍କୁ ତୁରନ୍ତ ଇରାନ ଛାଡି ଫେରି ଆସିବାକୁ ନିର୍ଦ୍ଦେଶ ଦେଇଛି। ପେଣ୍ଟାଗନ ପକ୍ଷରୁ ପ୍ରକାଶ ପାଇଛି ଯେ, ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଆମେରିକା ଇରାନ ଉପରେ ବିମାନ ଆକ୍ରମଣ କରିଛି। ଘଟଣା ପରେ ରାସ୍ତାରେ ଇରାନବାସୀଙ୍କ ଆମେରିକା ବିରୋଧୀ ବିକ୍ଷୋଭ ଦେଖିବାକୁ ମିଳିଛି। ଫ୍ରାନ୍ସ ଓ ଚାଇନା ଆମେରିକାର ଏହି ପଦକ୍ଷେପକୁ ନିନ୍ଦା କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଆମେରିକା କ୍ଷେପଣାସ୍ତ୍ର ଆକ୍ରମଣରେ ଇରାନର ଶକ୍ତିଶାଳୀ କ୍ୟୁଡ୍ସ ଫୋର୍ସର ପ୍ରମୁଖ କମାଣ୍ଡର ମେଜର ଜେନେରାଲ କାସିମ ସୁଲେମାନ ନିହତ ଘଟଣା ପରେ ମଧ୍ୟପ୍ରାଚ୍ୟ ଓ ପାରସ୍ୟ ଉପସାଗରୀୟ ଅଞ୍ଚଳରେ ବ୍ୟାପକ ଉତ୍ତେଜନା ସୃଷ୍ଟି ହୋଇଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ସୁଲେମାନଙ୍କ ହତ୍ୟାର ତୀବ୍ର ନିନ୍ଦାକରି ଚରମ ପ୍ରତିଶୋଧ ନିଆଯିବ ବୋଲି ଘୋଷଣା କରିଛନ୍ତି। ଏବେ ଆମେରିକା-ଇରାନ ମୁହାଁମୁହିଁ ହୋଇରହିଥିବା ବେଳେ ତୃତୀୟ ବିଶ୍ୱଯୁଦ୍ଧ ଘଟିବାର ଆଶଙ୍କା ଦେଖାଦେଇଛି। ବିଶ୍ୱବ୍ୟାପୀ ତୈଳ ଦର ବୃଦ୍ଧି ପାଇଛି। ଆମେରିକା ନାଗରିକମାନେ ଇରାନ ଓ ଇରାକ ଛାଡ଼ି ଫେରି ଆସିବାକୁ ରାଷ୍ଟ୍ରପତି ଟ୍ରମ୍ପ ପରାମର୍ଶ ଦେଇଛନ୍ତି। ମେଜର ଜେନେରାଲ ସୁଲେମାନ ଇରାନର ଅତ୍ୟନ୍ତ ପ୍ରଭାବଶାଳୀ କମାଣ୍ଡର ଥିଲେ। ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡର କ୍ୟୁଡ୍ସ ବାହିନୀର ସେ ପ୍ରମୁଖ କମାଣ୍ଡର ଥିବା ସହ ଦେଶର ସର୍ବୋଚ୍ଚ ନେତା ଖାମେନିଙ୍କ ଖୁବ୍ ଘନିଷ୍ଠ ଥିଲେ। ତାଙ୍କୁ ଖାମେନିଙ୍କ ପରେ ଦେଶର ଦ୍ୱିତୀୟ ଶକ୍ତିଶାଳୀ ନେତା ଭାବେ ଗଣନା କରାଯାଉଥିଲା। ସେ ଆମେରିକା ଓ ଇସ୍ରାଏଲର ଘୋର ବିରୋଧୀ ଥିଲେ। ତାଙ୍କ ନେତୃତ୍ୱରେ ଇରାନ ସେନା ➤ ପୃ-୬

# ବର୍ଷା ପରେ ଶୀତ ବଢ଼ିବ



**ଭୁବନେଶ୍ୱର :** ଅଦିନିଆ ବର୍ଷା ଯୋଗୁଁ ସାରା ରାଜ୍ୟରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଆଗକୁ ଶୀତର ପ୍ରଭାବ ବଢ଼ିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଉତ୍ତର ପ୍ରଦେଶରୁ ମଧ୍ୟପ୍ରଦେଶ ଓ ଛତିଶଗଡ଼ ଦେଇ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ପର୍ଯ୍ୟନ୍ତ ଯାଇଥିବା ଟ୍ରଫ୍ ଲାଇନ୍ ଏବଂ ପଶ୍ଚିମବଙ୍ଗରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ପାଗରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ଗୋଟିଏ ସପ୍ତାହ ହାଡଭଙ୍ଗା ଶୀତ ପରେ ଅଦିନିଆ ବର୍ଷା ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଥିପାଇଁ ଚାଷୀକୂଳ ସର୍ବାଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖାଦେଇଛି। ବାତ୍ୟା ଫନୀ ପରେ ଟୋକନ ବ୍ୟବସ୍ଥାକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ଦେଖା ଦେଇଥିଲା। ଏବେ ଅଦିନିଆ ବର୍ଷା ଯୋଗୁଁ ଫସଲ ନଷ୍ଟ ହେବା ପରି ପରିସ୍ଥିତି ସୃଷ୍ଟି ହେଲାଣି। ➤ ପୃ-୬

# ଜିଲ୍ଲାସ୍ତରରେ ଖୋଲିବ ଓମ୍ୱାଡକ୍ ସେଲ୍

**ଭୁବନେଶ୍ୱର :** ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ୱାଡକ୍) ପାଣ୍ଠି ଅନ୍ତର୍ଗତ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ ବିଷୟରେ ବିଚାରପତି ଏକେ ପଟ୍ଟନାୟକଙ୍କ ଅଧକ୍ଷତାରେ ଗଠିତ ନିରୀକ୍ଷଣ କର୍ତ୍ତୃପକ୍ଷ ସନ୍ତୋଷ ପ୍ରକାଶ କରିଛନ୍ତି। ଖାରବେଳ ଭବନ ପରିସରରେ ଥିବା ସଭାଗୃହରେ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ବୈଠକରେ ପ୍ରାୟ ୧୭୦୦କୋଟି ଟଙ୍କା ମୂଲ୍ୟର ନୂତନ ପ୍ରକଳ୍ପ ଅନୁମୋଦନ କରାଯାଇଥିଲା। ଓମ୍ୱାଡକ୍ ପାଣ୍ଠି ମାଧମରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକର ଅନୁଗମନ, ଆନ୍ତଃବିଭାଗୀୟ ସଂଯୋଗ ଏବଂ ପରିଚାଳନା ଲାଗି ଜିଲ୍ଲାସ୍ତରରେ ଓମ୍ୱାଡକ୍ ସେଲ୍ ଖୋଲିବା ପାଇଁ ବୈଠକରେ ଅନୁମୋଦନ



ହୋଇଥିଲା। ଏହି ଅବସରରେ ବିଚାରପତି ଶ୍ରୀ ପଟ୍ଟନାୟକ ଅମ୍ୱାଡ୍ସି ୱେବସାଇଟ୍ ଉନ୍ମୋଚନ କରିଥିଲେ। ଓମ୍ୱାଡକ୍ର କାର୍ଯ୍ୟକଳାପ ଓ ପ୍ରକଳ୍ପ ଅଗ୍ରଗତି ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ସେମାନଙ୍କର ମତାମତ ଗ୍ରହଣ କରିବା ଏହି ୱେବସାଇଟ୍ର ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟ ଶାସନସଚିବ ଶ୍ରୀ ତ୍ରିପାଠୀ କହିଥିଲେ। ସମୁଦାୟ ମୟୂରଭଞ୍ଜ ଜିଲ୍ଲାକୁ ଓମ୍ୱାଡକ୍ ଅନ୍ତର୍ଭୁକ୍ତ କରିବା ପ୍ରସ୍ତାବକୁ ବିଚାରପତି ପଟ୍ଟନାୟକ ଅନୁମୋଦନ ଦେଇଥିଲେ। ଏଥିରେ ଅଧକ୍ଷତା କରିଥିବା ବିଚାରପତି ଶ୍ରୀ ପଟ୍ଟନାୟକ କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟନ ➤ ପୃ-୬

# ଭୁବନେଶ୍ୱରକୁ ଓଡିଏଫ୍ ++

**ଭୁବନେଶ୍ୱର :** ଭୁବନେଶ୍ୱରରେ ଏବେ ୨୨୬ଟି ଶୌଚାଳୟ ଥିବାବେଳେ ଏଥିରେ ୧୬୯୮ଟି ସିଟ୍ରେ ଲୋକେ ଶୌଚ କରୁଛନ୍ତି। ସାମୁହିକ, ଗୋଷ୍ଠୀ, ଇ-ଟଏଲେଟ୍ ଓ ପେଟ୍ରୋଲ ପମ୍ପ ଆଦିରେ ଶୌଚାଳୟଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଛି। ତେବେ ମାର୍ଚ୍ଚ ଶେଷ ସୁଦ୍ଧା ଭୁବନେଶ୍ୱରର ୨୦ଟି ମୁଖ୍ୟ ସ୍ଥାନରେ ପରିଶ୍ରାଗାର ନିର୍ମାଣ କରାଯିବ। ତେଣୁ ଭୁବନେଶ୍ୱର ମହାନଗର ନିଗମ ଖୋଲା ମଳମୁକ୍ତ (ଓପନ ଡେଫିକେସନ୍ ଫ୍ରି/ଓଡିଏଫ୍++) ସହର ଭାବେ ଆତ୍ମଘୋଷଣା କରିଛି ବୋଲି ବିଏମ୍ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ବିଏମ୍ସି ମୁଖ୍ୟାଳୟରେ ଅନୁଷ୍ଠିତ ଆତ୍ମଘୋଷଣା ଉତ୍ସବରେ କମିଶନର



ଶ୍ରୀ ଚୌଧାରୀ କହିଥିଲେ, ଭୁବନେଶ୍ୱରକୁ ଲୋକେ ମନ୍ଦିର ମାଳିନୀ ସହର ଅଥବା ଦେଶର ନଂ୧ ସ୍ମାର୍ଟସିଟି ଭାବେ ଜାଣିଛନ୍ତି। ହେଲେ ଏବେ ଭୁବନେଶ୍ୱରକୁ ସ୍ୱଚ୍ଛ ସହର ଭାବେ ପରିଗଣିତ କରିବାର ସମୟ ଆସିଛି। ଏବେ ସହରକୁ ପରିଚ୍ଛନ୍ନ ଏବଂ ସବୁଜିମାରେ ପରିଣତ କରିବା ପାଇଁ ବିଏମ୍ସି ଗୋ-ଗ୍ରୀନ୍ ଅଭିଯାନ ଆରମ୍ଭ କରିଛି। ଉପହାରରେ ଚାରା, ପୁସ୍ତକ ଦେବା ସହ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ପାଇଁ ସେ ନାଗରିକଙ୍କୁ ପରାମର୍ଶ ଦେଇଛନ୍ତି। ତେଣୁ ଲୋକମାନେ ଏଥିରେ ଭାଗିଦାରୀ ହୋଇ ସହରକୁ ସ୍ୱଚ୍ଛ କରିବାରେ ସହଯତା କରନ୍ତୁ। ➤ ପୃ-୬

## ବକ୍ରବାଣୀ



ମଦୁଆ ବୁଝଇ ମଦର ମାନ
ରାତି ଅଧ ଯାଏ ଖୋଲେ ଦୋକାନ
ମଦ ନେଇକରି ଘରକୁ ଆସ
ମାଇପ ସାଥିରେ ଏକାଠି ବସ
ବାହାରୁ ପିଇକି ଆସିବ ନାହିଁ
ପୋଲିସ ଜଗିଚି ଫାଇନ ପାଇଁ
ଜିରୋ ନାଇଟର ମଜା ଉଠାଅ
ସାରା ରାତି ବସି ଫଟୋ ପଠାଅ
ସକାଳୁ ସକାଳୁ ମନ୍ଦିର ଯାଅ
ଠାକୁରଙ୍କୁ ମଦ ଶୁଙ୍ଘେଇ ଦିଅ।

—— ଟୁଟୁ

# ହିନ୍ଦୁ ରାଷ୍ଟ୍ର ଘୋଷଣା ହେଉ ଭାରତ : ଶଙ୍କରାଚାର୍ଯ୍ୟ

**ପୁରୀ :** ବିଶ୍ୱରେ ଅନେକ ମୁସଲିମ୍ ଓ ଖ୍ରୀଷ୍ଟିଆନ୍ ରାଷ୍ଟ୍ର ରହିଛି। ଅନେକ ଦେଶରେ ହିନ୍ଦୁମାନେ ବସବାସ କରୁଥିଲେ ମଧ ନିର୍ଦ୍ଦିଷ୍ଟ ହିନ୍ଦୁ ରାଷ୍ଟ୍ର ନାହିଁ। ତେଣୁ ମିଳିତ ଜାତିସଂଘ ପକ୍ଷରୁ ଭାରତ, ନେପାଳ, ଭୁଟାନକୁ ହିନ୍ଦୁ ରାଷ୍ଟ୍ର ରୂପେ ଘୋଷଣା କରାଯିବାକୁ ଦାବି କରିଛନ୍ତି ପୁରୀ ଗୋବର୍ଦ୍ଧନ ପୀଠର ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଏଥିସହିତ ବିଭିନ୍ନ ଦେଶରେ ଉତ୍ପୀଡନର ଶୀକାର ହେଉଥିବା ହିନ୍ଦୁମାନଙ୍କୁ ଏହି ୩ ରାଷ୍ଟ୍ରରେ ଥଇଥାନ କରାଯିବା ଏବଂ ଜାତିସଂଘରେ ଏ ସମ୍ପର୍କିତ ସ୍ୱତନ୍ତ୍ର ନ୍ୟାୟାଳୟ ପ୍ରତିଷ୍ଠା କରାଯିବାକୁ ଜଗଦ୍ଗୁରୁ ମତପ୍ରକାଶ କରିଛନ୍ତି। ଜାତୀୟ ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ନେଇ ଦେଶରେ ସୃଷ୍ଟି ହୋଇଥିବା ଆନ୍ଦୋଳନ ଓ ହିଂସାକାଣ୍ଡ ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ସ୍ୱାମୀ ନିଶ୍ଚଳାନନ୍ଦ ତାଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଦେଶର ହିତ ସାଧନ ପାଇଁ କୌଣସି ପଦକ୍ଷେପ ନିଆଯିବା ପୂର୍ବରୁ ବିଚାର



ବିମର୍ଶ କରାଯିବା ଉଚିତ୍। ଏଥିନେଇ ସଠିକ ବିଚାର ବିମର୍ଷ କରିଥିଲେ ଏଭଳି ହିଂସା ସୃଷ୍ଟି ହୋଇନଥାନ୍ତା ବୋଲି ସ୍ୱାମୀଜୀ କହିଛନ୍ତି। ଭାରତକୁ ଏକ ହିନ୍ଦୁ ରାଷ୍ଟ୍ର ରୂପେ ଘୋଷଣା କରାଯିବାକୁ ସେ ଦୃଢ଼ ଦାବି କରିଛନ୍ତି। ଆମେରିକାର ହାୱାଇରୁ ପ୍ରକାଶିତ 'ହିନ୍ଦୁଇଜିମ୍ ଟୁଡେ' ପତ୍ରିକା ପକ୍ଷରୁ ସ୍ୱାମୀ ନିଶ୍ଚଳାନନ୍ଦଙ୍କୁ 'ହିନ୍ଦୁ ଅଫ ଦି ଇଅର- ୨୦୧୯' ସମ୍ମାନରେ ସମ୍ମାନିତ କରାଯାଇଛି। ପତ୍ରିକାର ପ୍ରତିନିଧି ଶୁକ୍ରବାର ଦିନ ଗୋବର୍ଦ୍ଧନ ପୀଠରେ ସ୍ୱାମୀଜୀଙ୍କୁ ସାକ୍ଷାତ କରି ଏ ସମ୍ମାନ ସ୍ୱରୂପ ଏକ ସ୍ମୃତିଫଳକ କାଉଆଇ ହିନ୍ଦୁ ମୋନାଷ୍ଟ୍ରିର ଅନ୍ତେବାସୀମାନଙ୍କ ଦ୍ୱାରା ଗୁନ୍ଥାଯାଇଥିବା ରୁଦ୍ରାକ୍ଷ ମାଳା ଏବଂ ସେଠାରେ ଥିବା ଭଗବାନ ଶିବ ନଟରାଜଙ୍କ ପବିତ୍ର ପାଦପଦ୍ମର ବିଭୂତି ପ୍ରଦାନ କରିଥିଲେ। ଏଥିସହିତ ପତ୍ରିକାର ପରିଚାଳନା ସମ୍ପାଦକ ଆଚାର୍ଯ୍ୟକୁ ଅରୁଗୁମନାଥ ସ୍ୱାମୀଙ୍କ ଏକ ପତ୍ର ସ୍ୱାମୀଜୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ୱାମୀଜୀ ଭାରତକୁ ହିନ୍ଦୁ ରାଷ୍ଟ୍ର ରୂପେ ଘୋଷଣା କରାଯିବା ସପକ୍ଷରେ ମତଦେବା ସହ କହିଥିଲେ ଯେ ପ୍ରାଚୀନକାଳରୁ ଜଗନ୍ନାଥ ମନ୍ଦିର ସମେତ ହିନ୍ଦୁ ମନ୍ଦିରଗୁଡିକ ସମସ୍ତ ସନାତନୀଙ୍କ ସାଂସ୍କୃତିକ, ଧାର୍ମିକ, ଦାର୍ଶନିକ, ଶିକ୍ଷା ଓ ସାମାଜିକ କେନ୍ଦ୍ର ହୋଇ ରହିଆସିଛି। ମାତ୍ର ଶାସନତନ୍ତ୍ର ମନ୍ଦିରଗୁଡ଼ିକୁ ହାତକୁ ନେବା ଏବଂ ଅନ୍ୟ କେତେକ କାରଣ ଯୋଗୁଁ ➤ ପୃ-୬

# ବାଘ ମୃତ୍ୟୁ ବଢୁଛି

### ୨୦୧୯ରେ ମରିଛନ୍ତି ୧୧୦ ବାଘ, ୪୯୧ କଲରାପରିଆ

**ନୂଆଦିଲ୍ଲୀ :** ଭାରତରେ ବାଘ ଆଉ ସୁରକ୍ଷିତ ନୁହନ୍ତି। ୨୦୧୯ରେ ଭାରତ ପାଖରେ ଥିବା ୧୧୦ଟି ବାଘ ଓ ୪୯୧ଟି କଲରାପତରିଆ ପ୍ରାଣ ହରାଇଥିବା ରିପୋର୍ଟ ଆସିବା ପରେ ଏହା ସତ ପ୍ରମାଣିତ ହୋଇଛି। ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ସୋସାଇଟି ଅଫ୍ ଇଣ୍ଡିଆ (ଡବ୍ଲ୍ୟୁପିଏସ୍ଆଇ) ନାମକ ଏନଜିଓ ସଂସ୍ଥା ଦେଇଥିବା ରିପୋର୍ଟରୁ ଏହା ଜଣାପଡିଛି। ରିପୋର୍ଟ ଅନୁଯାୟୀ, ୨୦୧୮ରେ ୩୪ଟି ବାଘ ଶିକାରୀଙ୍କ ଦ୍ୱାରା ପ୍ରାଣ ହରାଇଥିବା ବେଳେ ୨୦୧୯ରେ ଏହା ୩୮ରେ ପହଞ୍ଚିଛି। ଅର୍ଥାତ୍ ବାଘଗୁଡିକ ଏବେ ଶିକାରୀଙ୍କ ଟାର୍ଗେଟରେ ରହିଛନ୍ତି। ସେହିପରି ୨୦୧୮ରେ ୫୦୦ଟି କଲରାପତରିଆ ପ୍ରାଣ ହରାଇଥିବା ବେଳେ ଏଥରେ ସାମାନ୍ୟ ସୁଧାର ଆସିଛି।



ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରେଳ ଓ ସଡକ ପଥରେ ଦୁର୍ଘଟଣାଗ୍ରସ୍ତ ହୋଇ ଅଧିକାଂଶ କଲରାପତରିଆ ପ୍ରାଣ ହରାଉଛନ୍ତି। ୨୦୧୮ ମସିହାରେ ମୋଟ ୧୦୪ଟି ବାଘ ପ୍ରାଣ ହରାଇଥିବା ବେଳେ ଏଥର ଏହା ୧୧୦କୁ ବୃଦ୍ଧି ପାଇଛି। ରାଜ୍ୟ କଥା ବିଚାରକୁ ନେଲେ ମଧ୍ୟପ୍ରଦେଶରେ ସର୍ବାଧିକ ୨୯ଟି ବାଘ ପ୍ରାଣ ହରାଇଛନ୍ତି। ୨୦୧୮ରେ ଏହି ସଂଖ୍ୟା ୨୩ ଥିଲା। ସେହିପରି ମହାରାଷ୍ଟ୍ରରେ ୨୨ଟି ବାଘ ଚଳିତ ବର୍ଷ ପ୍ରାଣ ହରାଇଥିବା ବେଳେ ➤ ପୃ-୬

# ୬କୋଟି ହିତାଧିକାରୀଙ୍କୁ ପିଏମ୍ କିଷାନର ତୃତୀୟ କିସ୍ତି



**ବେଙ୍ଗାଲୁରୁ :** କର୍ଣ୍ଣାଟକର ତୁମକୁର ଠାରେ ଆୟୋଜିତ ଏକ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଗତିଶୀଳ ଚାଷୀମାନଙ୍କୁ କୃଷିମନ୍ତ୍ରୀଙ୍କ କୃଷି କର୍ମଣ ପୁରସ୍କାର ଏବଂ ବିଭିନ୍ନ ରାଜ୍ୟକୁ ପ୍ରଶଂସାମୂଳକ ପୁରସ୍କାର ପ୍ରଦାନ କରିଛନ୍ତି। ସେ ମଧ ଡିସେମ୍ବର ୨୦୧୯ରୁ ମାର୍ଚ୍ଚ ୨୦୨୦ ଅବଧି ଲାଗି ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି (ପିଏମ-କିସାନ)ର ତୃତୀୟ କିସ୍ତି ଆକାରରେ ହିତାଧିକାରୀମାନଙ୍କୁ ୨ ହଜାର ଟଙ୍କା ଲେଖାଏଁ ସହାୟତା ଜାରି କରିଛନ୍ତି। ଏହାଦ୍ୱାରା ଦେଶର ୬ କୋଟି ହିତାଧିକାରୀ ଲାଭାନ୍ୱିତ ହୋଇପାରିବେ। ପ୍ରଧାନମନ୍ତ୍ରୀ କର୍ଣ୍ଣାଟକର କୃଷକମାନଙ୍କୁ କିଷନ କ୍ରେଡିଟ କାର୍ଡ (କେସିସି) ବଣ୍ଟନ କରିଥିଲେ। ପ୍ରଧାନମନ୍ତ୍ରୀ ମଧ ୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ପିଏମ କିସାନ ହିତାଧିକାରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ତାମିଲନାଡୁର ମତ୍ସ୍ୟଜୀବୀମାନଙ୍କୁ ଗଭୀର ସମୁଦ୍ର ମାଛ ଧରା ଡଙ୍ଗାର ଚାବି ଏବଂ ମାଛ ଧରା ପୋତ ଟ୍ରାନ୍ସପୋଣ୍ଡର ବଣ୍ଟନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଅନ୍ନଦାତା-ଆମର କୃଷକ ଭାଇ ଓ ଭଉଣୀମାନଙ୍କୁ ଏହି ନୂଆ ବର୍ଷରେ, ➤ ପୃ-୬

## ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ଓଡିଶାକୁ ପୁରସ୍କାର

**ଭୁବନେଶ୍ୱର :** କୃଷି କ୍ଷେତ୍ରରେ ଉତ୍କର୍ଷତା ଲାଗି ଓଡିଶାକୁ ପଞ୍ଚମ ଥର ଲାଗି କୃଷି କର୍ମଣ ପୁରସ୍କାର ମିଳିଛି। କର୍ଣ୍ଣାଟକର ତୁମୁକୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ କିଷାନ ଯୋଜନାରେ ତୃତୀୟ କିସ୍ତି ପ୍ରଦାନ ସମୟରେ ଏହି ପୁରସ୍କାର ଘୋଷଣା



କରିଥିଲେ। ରାଜ୍ୟ କୃଷି ମନ୍ତ୍ରୀ ଅରୁଣ ସାହୁ ପ୍ରଧାନମନ୍ତ୍ରୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ବାବଦରେ ଓଡିଶାକୁ ଏକ କୋଟି ଟଙ୍କା ମିଳିଛି। ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** – ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** – କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ।

**ମିଥୁନ** – ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।

**କର୍କଟ** – ଧାର୍ମିକ ଓ ଆଧାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।

**ସିଂହ** – ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**କନ୍ୟା** – ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**ତୁଳା** – କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ।

**ବିଛା** – କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ।

**ଧନୁ** – କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**ମକର** – ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**କୁମ୍ଭ** – ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ। ପରିବାରରେ ଶାନ୍ତି ବଜାୟ ରହିବ।

**ମୀନ** – ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଗଗନଯାନ ମିଶନ ପାଇଁ ୪ ମହାକାଶଚାରୀ ଚୟନ

## ରୁଷିଆରେ ଦିଆଯିବ ତାଲିମ

**ବେଙ୍ଗାଲୁରୁ :** ବହୁ ପ୍ରତୀକ୍ଷିତ ଗଗନଯାନ ମିଶନ ଲାଗି ମହାକାଶଚାରୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ରୁଷିଆରେ ଜାନୁଆରୀ ତୃତୀୟ ସପ୍ତାହରେ ତାଲିମ ପ୍ରଦାନ କାର୍ଯ୍ୟ ଆରମ୍ଭ ହେବ ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ କୁହାଯାଇଛି। ଇସ୍ରୋର ଅଧକ୍ଷ କେ ଶିବନ କହିଛନ୍ତି, ଏହି ମିଶନରେ ମହାକାଶକୁ ଯିବାକୁ ଥିବା ୪ ଜଣ ମହାକାଶଚାରୀଙ୍କୁ ଚିହ୍ନଟ କରାଯାଇଛି। ସେ କହିଛନ୍ତି, ଚନ୍ଦ୍ରଯାନ-୩ ଓ ଗଗନୟାନ ଉଭୟ ମିଶନର କାର୍ଯ୍ୟ ଏକସଙ୍ଗେ ଚାଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଚନ୍ଦ୍ରଯାନ-୨ ସମ୍ପର୍କରେ ଶିବନ କହିଲେ, ଏହି ମିଶନ ଶେଷ ପର୍ଯ୍ୟାୟରେ ଫେଲ୍ ହୋଇଥିଲା। ଏହା ସଫଳତାର ସହ ଚନ୍ଦ୍ରପୃଷ୍ଠର ନିର୍ଦ୍ଦିଷ୍ଟ ସ୍ଥାନରେ ଲ୍ୟାଣ୍ଡ୍ କରିପାରି ନଥିଲେ ମଧ୍ୟ ଏହାର ଅର୍ବିଟର୍ ଏବେବି କାର୍ଯ୍ୟ କରୁଛି ଏବଂ ଏହା ଆଗାମୀ ୭ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହି ତଥ୍ୟ ଯୋଗାଇବ।



ଚନ୍ଦ୍ରଯାନ-୨ର ବିକ୍ରମ ଲ୍ୟାଣ୍ଡରକୁ ଏବେ ନିକଟରେ ଠାବ କରିଥିବା ଚେନ୍ନାଇର ଜଣେ ବୈଷୟକବିତ୍‌ଙ୍କୁ ଇସ୍ରୋ ମୁଖ୍ୟ ଅଭିନନ୍ଦନ ଜଣାଇ କହିଲେ, ନଷ୍ଟ ହୋଇଯାଇଥିବା ଏହି ଯାନ ସମ୍ପର୍କରେ କୌଣସି ତଥ୍ୟ ପ୍ରକାଶ କରିବା ଇସ୍ରୋର ନୀତି ବିରୁଦ୍ଧ। କିନ୍ତୁ ଚନ୍ଦ୍ରର କେଉଁ ସ୍ଥାନରେ ବିକ୍ରମ ଲ୍ୟାଣ୍ଡର ହାର୍ଡ ଲ୍ୟାଣ୍ଡିଂ କରିଥିଲା ତାହା ଆମେ ଜାଣୁ। କେଉଁ କାରଣରୁ ଏଭଳି ଘଟିଲା ସେ ସମ୍ପର୍କରେ ଶିବନ କହିଛନ୍ତି, ପରିବେଗ ହ୍ରାସ ହେଉଛି ମୁଖ୍ୟ କାରଣ। ଉଲ୍ଲେଖଯୋଗ୍ୟ ଚନ୍ଦ୍ରଯାନ-୨ ମିଶନ ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ଲାଗି ଭାରତର ଥିଲା ପ୍ରଥମ ଉଦ୍ୟମ। ଇସ୍ରୋ ଚନ୍ଦ୍ରପୃଷ୍ଠର ଦକ୍ଷିଣମେରୁରେ ଚନ୍ଦ୍ରଯାନ-୨କୁ ଲ୍ୟାଣ୍ଡିଂ କରାଇବାର ଯୋଜନା କରିଥିଲା। ଶିବନ ଆହୁରି କହିଛନ୍ତି, ଦ୍ୱିତୀୟ ମହାକାଶକେନ୍ଦ୍ର ପାଇଁ ଭୂମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ତାମିଲନାଡୁର ଥୁଠୁକୁଡ଼ିରେ ଏହି କେନ୍ଦ୍ର ପ୍ରତିଷ୍ଠା କରାଯିବାକୁ ଯୋଜନା କରାଯାଉଛି।

# ଭାରତ-ପାକ୍ ମଧ୍ୟରେ ଆଣବିକ ତଥ୍ୟ ବିନିମୟ

**ନୂଆଦିଲ୍ଲୀ :** ଭାରତ ଓ ପାକିସ୍ତାନ ମଧ୍ୟରେ ଆଣବିକ କେନ୍ଦ୍ର ସମ୍ପର୍କିତ ତଥ୍ୟ ଆଦାନପ୍ରଦାନ ହୋଇଛି। ଦୁଇଦେଶ ମଧ୍ୟରେ ଏହି ବ୍ୟବସ୍ଥା ଦୀର୍ଘ ୨୯ ବର୍ଷ ଧରି ଚାଲିଆସିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ଅନୁଯାୟୀ ଦୁଇଦେଶ ନିଜ ଅଞ୍ଚଳରେ ଥିବା ଆଣବିକ କେନ୍ଦ୍ରଗୁଡ଼ିକ ସମ୍ପର୍କରେ ପରସ୍ପରକୁ ତଥ୍ୟ ପ୍ରଦାନ କରୁଛନ୍ତି। ୧୯୮୮ ଡିସେମ୍ବର ୩୧ରେ ଦୁଇଦେଶ ମଧ୍ୟରେ ଏ ସଂକ୍ରାନ୍ତରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହା ୧୯୯୧ ଜାନୁଆରୀ ୨୭ରୁ ଲାଗୁ ହୋଇଥିଲା। ଚୁକ୍ତି ଅନୁଯାୟୀ ଦୁଇଦେଶ କେହି କାହାରି ଆଣବିକ କେନ୍ଦ୍ର ଉପରେ ଆକ୍ରମଣ କରିବେ ନାହିଁ ଏବଂ ଦୁହେଁ ପ୍ରତିବର୍ଷ ଆଣବିକ କେନ୍ଦ୍ର ଓ ତତ୍‌ସମ୍ପର୍କିତ କେନ୍ଦ୍ରଗୁଡ଼ିକର ତାଲିକା ପରସ୍ପରକୁ ପ୍ରଦାନ କରିବେ। ୧୯୯୨ ଜାନୁଆରୀ ୧ରେ ପ୍ରଥମ ତାଲିକା ଦୁଇଦେଶ ମଧ୍ୟରେ ବିନିମୟ ହୋଇଥିଲା। ବୁଧବାର ନୂଆଦିଲ୍ଲୀ ଓ ଇସଲାମାବାଦରେ ଥିବା ଦୂତାବାସ ଜରିଆରେ ଏହି ତାଲିକା ଆଦାନପ୍ରଦାନ ହୋଇଛି। ଜମ୍ମୁ-କଶ୍ମୀର ପ୍ରସଙ୍ଗକୁ ନେଇ ଦୁଇଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଥିଲାବେଳେ ଆଣବିକ କେନ୍ଦ୍ର ସମ୍ପର୍କିତ ତଥ୍ୟ ବିନିମୟ କରାଯାଇଛି। ଗତ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ପାକିସ୍ତାନ ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଭାରତ ସହ କୂଟନୈତିକ ସମ୍ପର୍କରେ ତିକ୍ତତା ସୃଷ୍ଟି କରିଛି। ଏହାସତ୍ତ୍ୱେ ଦୁଇଦେଶ ମଧ୍ୟରେ ଚୁକ୍ତି ଅନୁଯାୟୀ ଆଣବିକ କେନ୍ଦ୍ର ସମ୍ପର୍କିତ ତଥ୍ୟ ଆଦାନପ୍ରଦାନ କରାଯାଇଛି। ଇତିମଧ୍ୟରେ ଭାରତ-ପାକିସ୍ତାନ ମଧ୍ୟ ସେମାନଙ୍କ ଦେଶରେ ବିଭିନ୍ନ ଜେଲ୍‌ରେ ବନ୍ଦୀ ଥିବା ଅପର ଦେଶର ନାଗରିକ ଏବଂ ମତ୍ସ୍ୟଜୀବୀଙ୍କ ତାଲିକା ବିନିମୟ କରିଛନ୍ତି। ୨୦୦୮ରେ ଏ ସଂକ୍ରାନ୍ତରେ ହୋଇଥିବା ରାଜିନାମା ଅନୁଯାୟୀ ଏହି ତଥ୍ୟ ଆଦାନପ୍ରଦାନ କରାଯାଇଛି। ଚୁକ୍ତି ଅନୁଯାୟୀ ପ୍ରତିବର୍ଷ ଜାନୁଆରୀ ୧ ଓ ଜୁଲାଇ ୧ରେ ଦୁଇଦେଶ ପରସ୍ପର ମଧ୍ୟରେ କଏଦୀଙ୍କ ତାଲିକା ଆଦାନପ୍ରଦାନ କରିବେ। ଦୁଇଦେଶ ମଧ୍ୟରେ ସଦ୍ୟ ବିନିମୟ ହୋଇଥିବା ତାଲିକା ଅନୁଯାୟୀ ଭାରତର ଜେଲ୍‌ରେ ୨୬୭ ଜଣ ପାକିସ୍ତାନୀ ନାଗରିକ ଓ ୯୭ ଜଣ ମତ୍ସ୍ୟଜୀବୀ ଅଟକ ରହିଛନ୍ତି। ସେହିପରି ପାକିସ୍ତାନ ଜେଲ୍‌ରେ ଥିବା ୧୪ ଭାରତୀୟ ନାଗରିକଙ୍କୁ ଆଇନ୍‌ଗତ ସହାୟତା ଦେବାଲାଗି ଇସଲାମାବାଦ ଭାରତକୁ ଅନୁମତି ଦେଇଛି।

# ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ କୋଟି ଟପିଲା

**ନୂଆଦିଲ୍ଲୀ :** ଜିଏସ୍‌ଟି ସଂଗ୍ରହ ପ୍ରସଙ୍ଗରେ ନବବର୍ଷ କେନ୍ଦ୍ର ସରକାରଙ୍କ ପାଇଁ ଆଶ୍ୱସ୍ତିକର ସାବ୍ୟସ୍ତ ହୋଇଛି। କାରଣ କ୍ରମାଗତ ଦ୍ୱିତୀୟ ମାସରେ ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ କୋଟି ଟଙ୍କା ଟପିଛି ବୋଲି ସରକାରୀସ୍ତରରେ ଜାରି ହୋଇଥିବା ବିବୃତିରୁ ଏ ସମ୍ବନ୍ଧରେ ଜଣାପଡ଼ିଛି। ନଭେମ୍ବରରେ ମୋଟ ୧,୦୩,୪୯୨ କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ କରାଯାଇଥିବାବେଳେ ଡିସେମ୍ବରରେ ୧,୦୩,୧୮୪ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ଏପ୍ରିଲ୍‌ରୁ ଡିସେମ୍ବରର ତଥ୍ୟ ମୁତାବକ ଅଗଷ୍ଟ, ସେପ୍ଟେମ୍ବର ଏବଂ ଅକ୍ଟୋବର ଆଦି ତିନିମାସରେ ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ କୋଟି ଟଙ୍କାରୁ କମ୍ ରହିଥିବାବେଳେ ଏପ୍ରିଲ୍‌ରେ ସର୍ବାଧିକ ୧,୧୩,୮୬୫ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିଲା। ପ୍ରକାଶଯୋଗ୍ୟ, ୨୦୧୯ ଜୁଲାଇରେ ଜିଏସ୍‌ଟି ଲାଗୁ କରାଯିବା ପରେ ଏହା ନବମ ମାସ, ଯେଉଁ ମାସରେ ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ କୋଟି ଟଙ୍କାର ଲକ୍ଷ୍ୟକୁ ପାର୍ କରିଛି। ଜିଏସ୍‌ଟି ସଂଗ୍ରହ ସହିତ ୨୦୧୯-୨୦ ପାଇଁ ୧୩.୩୫ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ସଂଗ୍ରହ ପାଇଁ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟକୁ ହାସଲ କରିବାକୁ ହେବ ବୋଲି ଟିକସ ଅଧିକାରୀଙ୍କୁ କୁହାଯାଇଥିଲା। ୨୦୧୯-୨୦ରେ ସରକାର ପ୍ରତ୍ୟକ୍ଷ ଟିକସରୁ ୧୩.୩୫ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ରାଜସ୍ୱ ବିଭାଗ ଆଗାମୀ ୪ ମାସ ମଧ୍ୟରେ ଟିକସ ସଂଗ୍ରହକୁ ଆହୁରି ଅଧିକ ବଢ଼ାଇବା ଲାଗି ପ୍ରମୁଖ ପଦକ୍ଷେପ ନେବେ। ସିବିଆଇସି, ସିବିଡିଟିର ସଦସ୍ୟଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ଲକ୍ଷ୍ୟ ହାସଲ କରିବା ଲାଗି ବିଭାଗ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଜିଏସ୍‌ଟି ଆଦାୟ ହ୍ରାସକୁ ନେଇ ବିତ୍ତୀୟ ବ୍ୟବସ୍ଥା ପରିଚାଳନା କ୍ଷେତ୍ରରେ ସମସ୍ୟା ଦେଖାଯାଇପାରେ ବୋଲି ବିଭିନ୍ନ ସଂସ୍ଥାଙ୍କ ପକ୍ଷରୁ ଆକଳନ କରାଯାଇଥିଲା। ସାଂପ୍ରତିକ ସ୍ଥିତିରେ ବିତ୍ତୀୟ ନିଅଣ୍ଟ ବ୍ୟବସ୍ଥାକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି ହୋଇଥିବା ବେଳେ ବିଭିନ୍ନ ରାଜ୍ୟକୁ ଦିଆଯିବାକୁ ଥିବା ଜିଏସ୍‌ଟି କ୍ଷତିପୂରଣ ବାବଦ ସରକାରଙ୍କ ସମସ୍ୟା ଦ୍ୱିଗୁଣିତ ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା। ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୯ଟି ରାଜ୍ୟକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବାକୁ ଥିବା ଜିଏସ୍‌ଟି କ୍ଷତିପୂରଣ ଦେୟ ୬୦ ହଜାରରୁ ୭୦ ହଜାର କୋଟି ଟଙ୍କାରେ ପହଞ୍ଚିବ ବୋଲି ରେଟିଂ ଏଜେନ୍ସି ଇକ୍ରା ପକ୍ଷରୁ କୁହାଯାଇଥିଲା। ଏହାବ୍ୟତୀତ ଗତ ବର୍ଷ ତୁଳନାରେ ଚଳିତବର୍ଷ ଏହି ସବୁ ରାଜ୍ୟମାନଙ୍କୁ କେନ୍ଦ୍ରୀୟ ଟିକସ ଅଂଶ ମଧ୍ୟ ହ୍ରାସ ପାଇବା ସହ ରାଜସ୍ୱ ହ୍ରାସକୁ ନେଇ ବଜେଟ ଅନୁସାରେ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟଧାର୍ଯ୍ୟ ପୂରଣ କରିବାରେ ସରକାର ବିଫଳ ହେବେ ବୋଲି କୁହାଯାଉଥିଲା। ଚଳିତ ଆର୍ଥିକ ବର୍ଷ ପାଇଁ ବଜେଟରେ ଯେତିକି ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ରହିଥିଲା ସେ ତୁଳନାରେ ବର୍ତ୍ତମାନ ସୁଦ୍ଧା ଏହି ପରିମାଣ ଅଧିକ ହୋଇସାରିଛି। ୨୦୧୯-୨୦ ବଜେଟ୍‌ରେ ବିତ୍ତୀୟ ନିଅଣ୍ଟ ପରିମାଣ ଜିଡିପିର ୩.୩ ପ୍ରତିଶତ ଭାବେ ଧାର୍ଯ୍ୟ କରାଯାଇଥିଲା ବେଳେ ଏହା ଆର୍ଥିକ ବର୍ଷ ଶେଷ ସୁଦ୍ଧା ୩.୫ ପ୍ରତିଶତରୁ ୩.୮ ପ୍ରତିଶତ ମଧ୍ୟରେ ପହଞ୍ଚିବ ବୋଲି ଆଶଙ୍କ ପ୍ରକାଶ ପାଇଛି। ବର୍ତ୍ତମାନ ଆର୍ଥିକ ବ୍ୟବସ୍ଥାର ସ୍ଥିତି ଯେଉଁଳି ରହିଛି ତଦ୍ୱାରା ବିତ୍ତୀୟ ନିଅଣ୍ଟ ହାର ୩.୮ ପ୍ରତିଶତରେ ପହଞ୍ଚିବ ବୋଲି ଏଫ୍‌ଆର୍‌ବିଏମ୍( ବିତ୍ତୀୟ ଦାୟିତ୍ୱ ଏବଂ ବଜେଟ୍ ପରିଚାଳନା) ନୀତି ଅନୁସାରେ ପୂର୍ବରୁ କୁହାଯାଇସାରିଛି।




ନୂଆଦିଲ୍ଲୀ,୧୧/ଏଜେନ୍ସି: ରେଳ ଇଞ୍ଜିନ୍ ନିର୍ମାଣ କ୍ଷେତ୍ରରେ ଭାରତୀୟ ରେଳବାଇ ବିଶ୍ୱ ରେକର୍ଡ ସ୍ଥାପନ କରିଛି।୨୦୧୯ ବର୍ଷରେ ପଶ୍ଚିମବଙ୍ଗ ରାଜ୍ୟର ଚିତ୍ତରଞ୍ଜନ ଲୋକୋମୋଟିଭସ୍(ସିଏଲ୍‌ଡବ୍ଲ୍ୟୁ) ପକ୍ଷରୁ ମୋଟ ୪୪୬ଟି ଇଞ୍ଜିନ୍ ନିର୍ମାଣ କରାଯାଇ ଏହି ରେକର୍ଡ ହାସଲ କରାଯାଇଛି। ଏହି ଇଞ୍ଜିନ୍ ନିର୍ମାଣ କାରଖାନାରେ ବାର୍ଷିକ ୨୦୦ ଇଞ୍ଜିନ୍ ଉତ୍ପାଦନ କରାଯିବାର ବ୍ୟବସ୍ଥା ରହିଥିଲେ ହେଁ ଗୋଟିଏ ବର୍ଷରେ ଦ୍ୱିଗୁଣରୁ ଅଧିକ ଇଞ୍ଜିନ୍ ନିର୍ମାଣ କରାଯାଇଥିବା କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋଏଲ୍ କହିଛନ୍ତି। ସେ ଦେଇଥିବା ସୂଚନା ଅନୁଯାୟୀ, ସିଏଲ୍‌ଡବ୍ଲ୍ୟୁ ଦ୍ୱାରା ୨୦୧୪ରେ ୨୪୨ଟି ଇଞ୍ଜିନ୍ ଉତ୍ପାଦନ କରାଯାଇଥିଲା ବେଳେ ୨୦୧୫ରେ ୨୭୩ ୨୦୧୬ରେ ୨୭୦,୨୦୧୭ରେ ୩୨୫ ଏବଂ ୨୦୧୮ରେ ୩୮୭ଟି ଇଞ୍ଜିନ୍ ଉତ୍ପାଦନ କରାଯାଇଥିଲା। ତେବେ ୨୦୧୯ରେ ସମସ୍ତ ରେକର୍ଡ ଭଙ୍ଗ କରାଯାଇ ୪୪୬ଟି ଇଞ୍ଜିନ୍ ଉତ୍ପାଦନ କରାଯାଇଥିବା ବେଳେ ୨୦୧୪ ତୁଳନାରେ ଏହି କାରଖାନାରୁ ଇଞ୍ଜିନ୍ ଉତ୍ପାଦନରେ ୮୫ ପ୍ରତିଶତ ଅଭିବୃଦ୍ଧି ଘଟିଛି ବୋଲି କୁହାଯାଇଛି। କିଛି ଦିନ ତଳେ ମାତ୍ର ୨୧୬ଟି କାର୍ଯ୍ୟକାରୀ ଦିବସରେ ଏହି କାରଖାନାରୁ ୩୦୦ଟି ଇଞ୍ଜିନ୍ ଉତ୍ପାଦନ କରାଯାଇ ଏହା ବିଶ୍ୱର ସର୍ବବୃହତ୍ ଇଞ୍ଜିନ୍ ଉତ୍ପାଦନକାରୀ ଉଦ୍ୟୋଗ ଭାବେ ପ୍ରତିଷ୍ଠାଲାଭ କରିଥିଲା। ଅନ୍ୟପକ୍ଷରେ ୧୦୦ଟି ଇଞ୍ଜିନ୍ ନିର୍ମାଣ କ୍ଷେତ୍ରରେ ୨୦୧୧-୧୨ ବର୍ଷରେ ମାତ୍ର ୧୨୬ କାର୍ଯ୍ୟକାରୀ ଦିବସ ଉପଯୋଗ କରାଯାଇଥିଲା ବେଳେ ୨୦୧୨-୧୩ ବର୍ଷରେ ୧୪୦, ୨୦୧୩-୧୪ରେ ୧୦୯,୨୦୧୪-୧୫ରେ ୧୨୫,୨୦୧୫- ୧୬ରେ ୧୨୬, ୨୦୧୬-୧୭ରେ ୧୪୨,୨୦୧୭-୧୮ରେ ୯୪, ୨୦୧୮- ୧୯ରେ ୯୧ ଏବଂ ୨୦୧୯-୨୦ରେ ୮୮ ଦିନ ଉପଯୋଗ କରାଯାଇଥିବା କୁହାଯାଇଛି।

# ବଢ଼ିଲା ପାନ୍-ଆଧାର ଲିଙ୍କ୍ ଅବଧି

**ନୂଆଦିଲ୍ଲୀ :** ପାନ୍ ନମ୍ବର ସହ ଆଧାର ଲିଙ୍କ କରିବାର ସମୟ ସୀମା ଚଳିତ ଡିସେମ୍ବର ୩୧ ତାରିଖ ଶେଷ ହେଉଥିଲା ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସମୟ ସୀମା ୨୦୨୦ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୨୦୧୯ ଫାଇନାନ୍ସ ଆକ୍ଟ ଅନୁଯାୟୀ ଯଦି କୌଣସି ବ୍ୟକ୍ତିଙ୍କ ପାନ୍ ନଥାଏ କିମ୍ବା ପାନ୍ ସହ ଆଧାର କାର୍ଡକୁ ଲିଙ୍କ୍ କରାନଯାଇଥାଏ ତେବେ ଆବଶ୍ୟକ କ୍ଷେତ୍ରରେ ଆଧାର ନମ୍ବର ବ୍ୟବହାର କରାଯାଇପାରିବାର ବ୍ୟବସ୍ଥା ରହିଛି। ତେବେ ପାନ୍ ସହ ଆଧାର ନମ୍ବର ଲିଙ୍କ୍ କରିବା ବାଧ୍ୟତାମୂଳକ କରାଯାଇଥିବା ବେଳେ ଏଥିପାଇଁ ୨୦୧୯, ଡିସେମ୍ବର ୩୧ ତାରିଖ ଶେଷ ସମୟ ସୀମା ରଖାଯାଇଥିଲା। ନତୁବା ୨୦୨୦ ଜାନୁଆରୀ ୧ ରୁ ପାନ୍ ଅଚଳ ହୋଇଯିବ ବୋଲି କୁହାଯାଇଥିଲା। ଏହାଦ୍ୱାରା ଜଣେ କୌଣସି ବିତ୍ତୀୟ କାରବାର କିମ୍ବା ଆୟକର ରିଟର୍ଣ୍ଣ ଦାଖଲ କରିବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଆନ୍ତା। ପାନ୍ କାର୍ଡ ଅଚଳ ହୋଇଗଲେ ଆଧାର ନମ୍ବର କାର୍ଯ୍ୟକାରୀ ହୋଇପାରିବ କି ନାହିଁ ତାହା ସ୍ପଷ୍ଟ କରାଯାଇ ନଥିଲେ ହେଁ ଅଧିକରୁ ଅଧିକ ଲୋକ ପାନ୍ ସହ ଆଧାର ନମ୍ବର ସଂଯୋଗ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲିଙ୍କ୍ ଅବଧି ବୃଦ୍ଧି କରାଯାଇଥିବା କୁହାଯାଇଛି। ସରକାରୀ ସୂତ୍ରରେ ପ୍ରକାଶ କରାଯାଇଥିବା ତଥ୍ୟ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ଦେଶରେ ୧୨୫ କୋଟିରୁ ଊର୍ଦ୍ଧ୍ୱ ଆଧାର କାର୍ଡ ଜାରି କରାଯାଇଥିବା ବେଳେ ଗତ ନଭେମ୍ବର ୧୧ ତାରିଖ ସୁଦ୍ଧା ପାନ୍ ସହ ଆଧାର ଲିଙ୍କ୍ ସଂଖ୍ୟା ୨୯,୩୦,୭୪,୫୨୦ ରହିଥିଲା । ସେହିଭଳି ଗତ ମାର୍ଚ୍ଚ ଶେଷ ସୁଦ୍ଧା ୪୪.୫୭ ଟିକସଦାତାଙ୍କୁ ପାନ୍ ନମ୍ବର ଦିଆଯାଇଥିଲା ବେଳେ ଏମାନଙ୍କ ମଧ୍ୟରୁ ଶତକଡ଼ା ୯୮ ଭାଗ ଅର୍ଥାତ୍ ୪୩.୫୨ ଲକ୍ଷ ଲୋକ ବ୍ୟକ୍ତିଗତ ଭାବେ ଆୟକର ଟିକସ ଦାଖଲ କରିଥିଲେ।



# '୨୦୨୬ରେ ଚତୁର୍ଥ ସର୍ବବୃହତ୍ ଅର୍ଥବ୍ୟବସ୍ଥା ହେବ ଭାରତ'

**ନୂଆଦିଲ୍ଲୀ :** ୨୦୨୬ରେ ଜର୍ମାନୀକୁ ପଛରେ ପକାଇ ଭାରତ ଚତୁର୍ଥ ସର୍ବବୃହତ୍ ଅର୍ଥବ୍ୟବସ୍ଥା ହେବ ବୋଲି ଏକ ରିପୋର୍ଟରେ ସୂଚିତ କରାଯାଇଛି। ଏହାସହ ୨୦୩୪ରେ ଜାପାନକୁ ପଛରେ ପକାଇ ଭାରତ ତୃତୀୟ ସର୍ବବୃହତ୍ ଅର୍ଥବ୍ୟବସ୍ଥା ହେବ ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରିପୋର୍ଟ ମୁତାବକ, ୨୦୨୬ ସୁଦ୍ଧା ଭାରତ ୫ ଟ୍ରିଲିୟନ୍ ଡଲାରର ଅର୍ଥବ୍ୟବସ୍ଥା ରୂପେ ପରିଚିତି ହାସଲ କରିବ। ମାତ୍ର ୨୦୨୪ ସୁଦ୍ଧା ଭାରତକୁ ୫ ଟ୍ରିଲିୟନ୍ ଡଲାରର ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ବ୍ରିଟେନ୍‌ସ୍ଥିତ ସେଣ୍ଟର୍ ଇକୋନୋମିକ୍ସ ଆଣ୍ଡ୍ ବିଜିନେସ୍ ରିସର୍ଚ୍ଚ (ସିଇବିଆର୍)ର ୱାର୍ଲ୍ଡ ଇକୋନୋମିକ୍ ଲିଗ୍ ଟେବୁଲ୍ ୨୦୨୦ ଶୀର୍ଷକ ରିପୋର୍ଟ ମୁତାବକ, ୨୦୧୯ରେ ଭାରତ ଉଭୟ ବ୍ରିଟେନ୍ ଓ ଫ୍ରାନ୍ସକୁ ନିର୍ଣ୍ଣାୟକ ରୂପେ ପଛରେ ପକାଇ ପଞ୍ଚମ ସର୍ବବୃହତ୍ ଅର୍ଥବ୍ୟବସ୍ଥା ରୂପେ ପରିଚିତ ହୋଇଛି। ବର୍ତ୍ତମାନ ଭାରତ ୨୦୨୬ ସୁଦ୍ଧା ଜର୍ମାନୀକୁ ପଛରେ ପକାଇ ଚତୁର୍ଥ ଏବଂ ୨୦୩୪ରେ ଜାପାନକୁ ପଛରେ ପକାଇ ତୃତୀୟ ସର୍ବବୃହତ୍ ଅର୍ଥବ୍ୟବସ୍ଥା ହେବ ବୋଲି ଅନୁମାନ କରାଯାଉଛି। ଏହାବ୍ୟତୀତ ଆସନ୍ତା ୧୫ ବର୍ଷ ପର୍ଯ୍ୟନ୍ତ ତୃତୀୟ ସ୍ଥାନ ପାଇଁ ଜାପାନ, ଜର୍ମାନୀ ଏବଂ ଭାରତ ମଧ୍ୟରେ ପ୍ରତିଯୋଗିତା ଲାଗି ରହିବ ବୋଲି ମଧ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଭିତ୍ତିଭୂମି ଉନ୍ନୟନ କ୍ଷେତ୍ରରେ ବିନିଯୋଗ ହେବ ୧୦୨ ଲକ୍ଷ କୋଟି

## ଅଭିବୃଦ୍ଧି ବଢ଼ାଇବା ଚିନ୍ତା

**ନୂଆଦିଲ୍ଲୀ :** ସାଂପ୍ରତିକ ଅର୍ଥନୀତି ବ୍ୟବସ୍ଥାକୁ ନେଇ କେନ୍ଦ୍ର ସରକାରଙ୍କୁ ଚିନ୍ତା ଘାରିଛି। ମାନ୍ଦାବସ୍ଥା ପ୍ରଭାବରେ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ସବୁ କ୍ଷେତ୍ରରେ ଅବନତି ଘଟି ଚାଲିଥିବା ବେଳେ ସାମଗ୍ରିକ ଅଭିବୃଦ୍ଧି ପ୍ରକ୍ରିୟା ମଧ୍ୟ ଯଥେଷ୍ଟ ଭାବେ ପ୍ରଭାବିତ ହୋଇଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଜିଡିପି ହାର ବିଗତ ୬ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଥିବା ବେଳେ ଏହି ବର୍ଷର ହାରାହାରି ଅଭିବୃଦ୍ଧି ପୂର୍ବବର୍ଷ ତୁଳନାରେ ହ୍ରାସ ପାଇବ ବୋଲି ଜାତୀୟ ଏବଂ ଆନ୍ତର୍ଜାତିକସ୍ତରର ବିଭିନ୍ନ ସଂସ୍ଥା ପକ୍ଷରୁ ଆକଳନ କରାଯାଇଛି। ଅନ୍ୟପକ୍ଷରେ ରାଜସ୍ୱ ଆଦାୟ ହ୍ରାସ ପାଇ ଚାଲିଥିବାରୁ ଚଳିତ ଆର୍ଥିକ ବର୍ଷର ବଜେଟ୍ ଆକଳନ ଅନୁସାରେ କେନ୍ଦ୍ର ସରକାର ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟପୂରଣ କରିବାରେ ମଧ୍ୟ ସଫଳ ହେବେ ନାହିଁ ବିଭିନ୍ନ ସଂସ୍ଥା ପକ୍ଷରୁ କୁହାଯାଇଛି। ଏହାକୁ ନେଇ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି। ପୂର୍ବରୁ ବିଭିନ୍ନ କ୍ଷେତ୍ର ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ୟାକେଜ୍ ଘୋଷଣା କରିସାରିଥିବା ବେଳେ ଭିତ୍ତିଭୂମି କ୍ଷେତ୍ର ପାଇଁ ବଡ଼ ଘୋଷଣା କରିଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ଭିତ୍ତିଭୂମି ଉନ୍ନୟନ କ୍ଷେତ୍ରରେ ୧୦୨ ଲକ୍ଷ କୋଟି ଟଙ୍କା ବିନିଯୋଗ କରିବାକୁ କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି ବୋଲି ସୀତାରମଣ କହିଛନ୍ତି। ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ଗତ ସ୍ୱାଧୀନତା ଦିବସରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିତ୍ତିଭୂମି କ୍ଷେତ୍ରରେ ୧୦୦ ଲକ୍ଷ କୋଟି ଟଙ୍କା ନିବେଶ କରାଯିବ ବୋଲି ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଭିତ୍ତିଭୂମି ବିକାଶ କ୍ଷେତ୍ରକୁ ନେଇ ଗଠିତ ଏକ ଟାସ୍କଫୋର୍ସ ୭୦ଟି ପରାମର୍ଶକାରୀ ସଂସ୍ଥାଙ୍କ ସହ ଆଲୋଚନା କରାଯିବା ପରେ ୧୦୨ ଲକ୍ଷ କୋଟି ଟଙ୍କାର ନିବେଶ ପାଇଁ କ୍ଷେତ୍ର ଚିହ୍ନଟ କରିଥିଲେ ବୋଲି ସୀତାରମଣ କହିଛନ୍ତି। ଏହାବ୍ୟତୀତ ଆଉ ୩ ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯିବା ନେଇ ମଧ୍ୟ ସମ୍ଭାବନା ରହିଛି ବୋଲି ସେ କହିଥିଲେ। ଦେଶରେ ପ୍ରଥମଥର ପାଇଁ ଆରମ୍ଭ କରାଯାଇଥିବା ନ୍ୟାସନାଲ ଇନ୍‌ଫ୍ରାଷ୍ଟ୍ରକଚର୍ ପାଇପଲାଇନ୍ ପ୍ରକଳ୍ପ(ଏନ୍‌ଆଇପି) ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରକଳ୍ପଗୁଡିକରେ ଏହି ପରିମାଣର ପୁଞ୍ଜି ବିନିଯୋଗ କରାଯିବା ସହିତ ଆଗାମୀ ଦିନରେ ଅର୍ଥନୀତିକୁ ୫ଲକ୍ଷ କୋଟି ଡଲାରରେ ପହଞ୍ଚାଇବାକୁ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହାକୁ ପରିବର୍ଦ୍ଧିତ କରିବାରେ ସହାୟତା ମିଳିବ ବୋଲି ସୀତାରମଣ କହିଛନ୍ତି। ବିଶେଷକରି ବିଗତ ୫ ବର୍ଷ ମଧ୍ୟରେ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ପକ୍ଷରୁ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପଗୁଡିକରେ ୫୧ ଲକ୍ଷ କୋଟି ଟଙ୍କା ନିବେଶ କରାଯିବ। ୩୯ ପ୍ରତିଶତ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ନୂତନ ପ୍ରକଳ୍ପଗୁଡିକରେ ବ୍ୟୟ କରାଯିବ। ବାକି ୨୨ ପ୍ରତିଶତ ଅର୍ଥ ଘରୋଇ କ୍ଷେତ୍ର ମାଧ୍ୟମରେ ବିନିଯୋଗ କରାଯିବ। ବିଶେଷତଃ ଶକ୍ତି, ରେଳବାଇ, ସହରାଞ୍ଚଳ ବିକାଶ, ଜଳସେଚନ, ଶିକ୍ଷା , ଡିଜିଟାଲଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ପୁଞ୍ଜି ନିବେଶ କରାଯିବ ବୋଲି ସୀତାରମଣ କହିଛନ୍ତି। ଶକ୍ତି କ୍ଷେତ୍ରରେ ୨୫ ଲକ୍ଷ କୋଟି ଟଙ୍କା ବିନିଯୋଗ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିବା ବେଳେ ୨୦ ଲକ୍ଷ କୋଟି ସଡ଼କ ଏବଂ ୧୪ ଲକ୍ଷ କୋଟି ରେଳବାଇ ବିକାଶରେ ବିନିଯୋଗ କରାଯିବ ବୋଲି ସୀତାରମଣ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭାରତର ଆର୍ଥିକ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ହେଲେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସର୍ବାଧିକ ପୁଞ୍ଜି ନିବେଶ ହେବା ଆବଶ୍ୟକ ବୋଲି ପୂର୍ବରୁ ଆନ୍ତର୍ଜାତିକସ୍ତରର ରେଟିଂ ଏଜେନ୍ସି କ୍ରିସିଲ୍ ପକ୍ଷରୁ କୁହାଯାଇଥିଲା। ସାଂପ୍ରତିକ ମାନ୍ଦାବସ୍ଥା କବଳରୁ ମୁକୁଳିବା ସହ ଆଗାମୀ ଦିନରେ ଉଚ୍ଚ ଅଭିବୃଦ୍ଧି ହାସଲ ପାଇଁ କେବଳ ଭିତ୍ତିଭୂମି କ୍ଷେତ୍ରରେ ୩ ଲକ୍ଷ କୋଟି ଟଙ୍କାର ନିବେଶ ହେବା ଜରୁରୀ । ଏଥିପାଇଁ ସମସ୍ତ ରାଜ୍ୟ ସରକାରମାନଙ୍କ ସହଯୋଗର ଆବଶ୍ୟକତା ରହିଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିପକ୍ଷମାନଙ୍କୁ ନେଇ ମଧ୍ୟ କାର୍ଯ୍ୟ କରିବା ଉଚିତ୍। କାରଣ ଭିତ୍ତିଭୂମି କ୍ଷେତ୍ରରେ ବିନିଯୋଗ ହେଉଥିବା ଅର୍ଥର ଅଧାଅଧି ଭାଗ ରାଜ୍ୟମାନଙ୍କରୁ ଆସିଥାଏ ବୋଲି କ୍ରିସିଲ ପକ୍ଷରୁ କୁହାଯାଇଥିଲା। ଏ ସମ୍ପର୍କରେ କ୍ରିସିଲ୍ ପକ୍ଷରୁ କରାଯାଇଥିବା ଏକ ଅନୁଧ୍ୟାନ ରିପୋର୍ଟରେ କୁହାଯାଇଛି ଯେ, ଭାରତର ଜିଡିପିକୁ ୭.୫ ପ୍ରତିଶତରୁ ଅଧିକ ହାରରେ ପହଞ୍ଚାଇବାକୁ ହେଲେ ଆଗାମୀ ୧୦ ବର୍ଷ ମଧ୍ୟରେ ଭିତ୍ତିଭୂମି କ୍ଷେତ୍ରରେ ଅନ୍ୟୂନ ୨୩୫ ଲକ୍ଷ କୋଟି ଟଙ୍କା ବିନିଯୋଗ କରିବାକୁ ହେବ। ତେଣୁ ବର୍ତ୍ତମାନ ଭାରତର ବିଭିନ୍ନ ରାଜ୍ୟମାନଙ୍କ ପକ୍ଷରୁ କେନ୍ଦ୍ରକୁ ଯେତିକି ପରିମାଣର ଅବଦାନ ରହିଛି ତାହାକୁ ଆଗାମୀ ଦିନରେ ତିନି ଗୁଣ କରିବାକୁ ପଡ଼ିବ ବୋଲି କ୍ରିସିଲ୍ ପକ୍ଷରୁ କୁହାଯାଇଥିଲା।





# ଅହିଂସାକୁ ଜୀବନର ମୂଳମନ୍ତ୍ର କର : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର :** ଅହିଂସା ମାଧ୍ୟମରେ ହିଁ ବିଶ୍ୱର ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ। ତେଣୁ ଅହିଂସାକୁ ଜୀବନର ମୂଳମନ୍ତ୍ର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଜଣାଇଛନ୍ତି। ଭୁବନେଶ୍ୱର ସ୍ୱାଧୀନତା ସଂଗ୍ରାମୀ ପଡିଆରେ ୩୩ ତମ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ ଉଦଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅହିଂସା ମହାତ୍ମାଗାନ୍ଧୀଙ୍କ ବିଶ୍ୱକୁ ଶ୍ରେଷ୍ଠ ଦାନ। କଥା , କାର୍ଯ୍ୟ ଓ ଚିନ୍ତାରେ ହିଂସା ତ୍ୟାଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚଳିତ ବର୍ଷ ସାରା ବିଶ୍ୱ ବାପୁଙ୍କ ୧୫୦ତମ ଜୟନ୍ତୀ ପାନ କରୁଛି। ସ୍ୱାଧୀନତା ସଂଗ୍ରାମୀ ମାନେ ବାପୁଙ୍କ ଡାକରାରେ ଦେଶର ସଂଗ୍ରାମରେ ଯାଗ ଦେବାର ସୌଭାଗ୍ୟ ପାଇଥିଲେ ଏବଂ ଏବେ ତାଙ୍କର ୧୫୦ତମ ଜୟନ୍ତୀ ପାଳନର ସୁଯୋଗ ମଧ୍ୟ ପାଇଛନ୍ତି। ସ୍ୱାଧୀନ ଭାରତ ପାଇଁ ଆମର ସଂଗ୍ରାମୀ ମାନଙ୍କ ତ୍ୟାଗକୁ ଏ ଜାତି କେବେ ଭୁଲି ପାରିବ ନାହିଁ। କେବଳ ସ୍ୱାଧୀନତା ଗାନ୍ଧୀଙ୍କ ଲକ୍ଷ୍ୟ ନଥିଲା। ଏକ ଶୋଷଣମୁକ୍ତ ସୁସ୍ଥ ସମାଜ ଓ ସ୍ୱାବଲମ୍ବୀ ଅର୍ଥନୀତି ତାଙ୍କର ଲକ୍ଷ୍ୟ ଥିଲା। ଏଦିଗରେ ଆମେ ସମସ୍ତେ ନିଷ୍ଠାପର ଭାବରେ କାର୍ଯ୍ୟ କଲେ ତାହା ହେବ ବାପୁଙ୍କ ୧୫୦ତମ ଜୟନ୍ତୀରେ ଶ୍ରେଷ୍ଠ ଶ୍ରଦ୍ଧାଂଜଳୀ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମରୀ ଭବାନୀ ଚରଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ , ଅଶୋକ ପଣ୍ଡା , ଶହୀଦ ସ୍ୱାଧୀନତା ସଂଗ୍ରାମୀ ସଦନର ଅଧ୍ୟକ୍ଷ ତଥା ସାଂସଦ ଭର୍ତ୍ତୃହରି ମହତାବ , ସାଂସଦ ରମେଶ ଚନ୍ଦ୍ର ମାଝୀ , ବିଧାୟକ ସୁରେଶ କୁମାର ରାଉତରାୟ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ସ୍ୱାଧୀନତା ସଂଗ୍ରାମୀ ସର୍ବଭାରତୀୟ ସଭାପତି ଶ୍ରୀ କୁଲକର୍ଣ୍ଣୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ପ୍ରତି ଶ୍ରଦ୍ଧାଂଜଳୀ ଅର୍ପଣ କରିବା ସହିତ ତାଙ୍କ ୧୨୦ ତମ ଜନ୍ମବାର୍ଷିକୀ ଜାତୀୟ ଉତ୍ସବରେ ଲୋଗୋ ଓ ମହୋତ୍ସବର ସ୍ମରଣିକା ଉନ୍ମୋଚନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱର୍ଗତ ମହତାବଙ୍କ ଶ୍ରାଦ୍ଧ ଅବସରରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ।

## ଓପିଏଚଡବ୍ଲୁସିର କାର୍ଯ୍ୟଶୈଳୀ ଆହୁରି ବ୍ୟାପକ ହୋଇପାରିବ : ମନ୍ତ୍ରୀ

**ଭୁବନେଶ୍ୱର :** ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ପୋଲିସ ହାଉସିଙ୍ଗ ଏବଂ ୱେଲଫେୟାର କର୍ପୋରେସନ ଲିମିଟେଡ଼ କାର୍ଯ୍ୟାଳୟ ପରିଦର୍ଶନ କରି ଗୃହ, ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର ଓପିଏଚଡବ୍ଲୁସି ଦ୍ୱାରା ନିର୍ମାଣ କରାଯାଉଥିବା ଗୃହ ଗୁଡ଼ିକ ଅତି ଉତ୍ତମ ମାନର ହୋଇପାରୁଛି ବୋଲି ଏହାକୁ ଭୂୟସୀ ପ୍ରଶଂସା କରିଥିଲେ। ମନ୍ତ୍ରୀ କ୍ୟାପ୍‌ଟେନ ମିଶ୍ର ଓପିଏଚଡବ୍ଲୁସି ସମ୍ମିଳନୀ କକ୍ଷରେ ବିଭାଗ ଦ୍ୱାରା କରାଯାଉଥିବା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ରାଜ୍ୟ ଗୃହ ବିଭାଗ ଅଧିନରେ ୧୯୮୦ ମସିହାରେ ଗଠିତ ହୋଇଥିବା ଓପିଏଚଡବ୍ଲୁସି ବର୍ଷକୁ ବର୍ଷ ଆଧୁନିକ ଢ଼ାଞ୍ଚାରେ ଉତ୍ତମ ମାନର ସରକାରୀ କୋଠା ନିର୍ମାଣ କରି ସବୁ ସ୍ତରରେ ପ୍ରଶଂସାଭାଜନ ହୋଇପାରୁଛି। ୨୦୦୯-୧୦ ମସିହାରେ ୧୬୬.୬୬ କୋଟି ମୂଲ୍ୟ ବିନିଯୋଗ କରି ଗୃହ ନିର୍ମାଣ କରାଯାଇଥିବା ବେଳେ କ୍ରମାଗତ ବୃଦ୍ଧି ଘଟି ୨୦୧୮-୧୯ଆର୍ଥିକ ବର୍ଷରେ ୪୦୦ କୋଟି ମୂଲ୍ୟର ଉତ୍ତମ ମାନର ସକରାରୀ ଗୃହ ନିର୍ମାଣ କରିଛି। ଭୁବନେଶ୍ୱରସ୍ଥିତ କମିଶନର ଅଫ୍ ପୋଲିସ ବିଲ୍ଡିଂ, ପୋଲିସ ଥାନା, କାରାଗାର, ଅଗ୍ନିଶମ, ନ୍ୟାୟପାଳିକା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଶିକ୍ଷା ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା ମାଇନିଙ୍ଗ କର୍ପୋରେସନ, ଓଡ଼ିଶା ରାଜ୍ୟ ରୋଡ଼୍ ଟ୍ରାନ୍ସଫର କର୍ପୋରେସନର ଓ ବସ୍ ଷ୍ଟାଣ୍ଡ, ଆଇଆରଇ, ନିର୍ଦ୍ଦେଶକ ବୈଷୟିକ ଶିକ୍ଷା ବିଭାଗ, ଉତ୍କଳିକା ଇତ୍ୟାଦି ଅନ୍ୟାନ୍ୟ ସମସ୍ତ ସରକାରୀ ଗୃହ ଗୁଡ଼ିକ ଆଧୁନକ ଢ଼ାଞ୍ଚାରେ ନିର୍ମାଣ କରିଆସୁଛି। ଏଥି ସହିତ ଅନେକ ଗୃହରେ ସୌରଶକ୍ତି ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ମଧ ପଦକ୍ଷେପ ଗ୍ରହଣ କରିଛି। ଏହିଭଳି ଆଧୁନିକ ଢ଼ାଞ୍ଚାରେ ଉତ୍ତମ ମାନର ସରକାରୀ ବିଭାଗର ବିଲ୍ଡିଂ ଉଚ୍ଚ ମାନର ନିର୍ମାଣ କରି ପାରୁଥିବା ହେତୁ ଓପିଏଚଡବ୍ଲୁସି ଦ୍ୱାରା ଜିଲ୍ଲାସ୍ତରରେ ଏବଂ ବ୍ଲକ୍ ସ୍ତରରେ ହେଉଥିବା କୋଠା ନିର୍ମାଣ କରିବା ଦିଗରେ ପଦକ୍ଷେପ ଗ୍ରହଣକଲେ ଓପିଏଚଡବ୍ଲୁସିର କାର୍ଯ୍ୟଶୈଳୀ ଆହୁରି ବ୍ୟାପକ ହୋଇପାରିବ ବୋଲି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ପ୍ରକାଶ କରିଥିଲେ।

## ପୋଲିସ ଦୁର୍ବଳ ଚାର୍ଜସିଟ କରି ରୂପେଶ ଭଦ୍ରକୁ ଜାମିନ ଦେବାର ଷଡଯନ୍ତ୍ର କରିଛି :ବିଜେପି



**ଭୁବନେଶ୍ୱର :** ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ହରିଦାସପୁର ପଂଚାୟତ ପିଇଓ ସ୍ମିତାରାଣୀ ଗଣଦୁଷ୍କର୍ମ ଏବଂ ହତ୍ୟାକାଣ୍ଡକୁ ଅଢେଇ ମାସ ବିତିଥିଲେ ବି ଏହି ହତ୍ୟାକାଣ୍ଡର ରହସ୍ୟ ପର୍ଦ୍ଦାଫାଶ ହେଲା ନାହିଁ। ପୂର୍ବରୁ ଏହି ହତ୍ୟା ଘଟଣାରେ ଯାଜପୁର ଏସପି ମୃତା ସ୍ମିତାରାଣୀର ଚରିତ୍ର ହନନ କରି ଘଟଣାକୁ ଏକ ନୂଆ ମୋଡ ଦେଇଥିଲେ। ଆଉ ଏବେ ଯାଜପୁର ପୋଲିସ ତୃତୀୟ ମହଲା ଇଙ୍ଗିତରେ ମୁଖ୍ୟ ଅଭିଯୁକ୍ତକୁ ପୋଲିସ ହେଫାଜତକୁ ନନେଇ ଜାଣିଶୁଣି ଦୁର୍ବଳ ଚାର୍ଜସିଟ କରି ରୂପେଶ ଭଦ୍ରକୁ ଜାମିନ ଦେବାର ଷଡଯନ୍ତ୍ର କରିଛି ବୋଲି ବିଜେପି ରାଜ୍ୟ ସଂପାଦିକା ଡ. ରେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାର କହିଛନ୍ତି ଯେ, ପୋଲିସ ରୂପେଶ ଭଦ୍ରଙ୍କୁ ଗିରଫ କରିଛି କିନ୍ତୁ ତାକୁ ହେଫାଜତକୁ ନେଇ ନାହିଁ। କେଉଁ ଆଧାରରେ ପୋଲିସ ୨୦୦୦ ପୃଷ୍ଠାର ଚାର୍ଜସିଟ ଦାଖଲ କଲା ? ମୁଖ୍ୟ ଅପରାଧୀକୁ ପୋଲିସ ହେଫାଜତକୁ ନନେଇ କିପରି ଚାର୍ଜସିଟ ତିଆରି କଲା ? ମୃତା ସ୍ମିତାରାଣୀଙ୍କ ପୋଷ୍ଟମଟମ ରିପୋର୍ଟ ଅନୁଯାୟୀ ସ୍ମିତାରାଣୀଙ୍କ ମୃତ୍ୟୁ **Asphyxiation**ରେ ହୋଇଛି ବୋଲି ଦର୍ଶାଯାଇଛି। ଏହାର ଅର୍ଥ ଆତ୍ମହତ୍ୟା ନୁହେଁ। କିଏ ବି ତଣ୍ଟି ଚିପି ହତ୍ୟା କରିଥାଇପାରେ କିମ୍ବା ବେକରେ ରଶି ଲଗାଇ ସ୍ମିତାରାଣୀଙ୍କୁ ହତ୍ୟା କରିଥାଇ ପାରେ। କିନ୍ତୁ ପୋଲିସ ଘଟଣାର ୩ ଦିନ ପରେ ଏହାକୁ ଆତ୍ମହତ୍ୟାର ରୂପ ଦେଇ ଘଟଣାକୁ ଦିଗହରା କରିବାକୁ ବସିଥିଲା। ସ୍ମିତାରାଣୀ ହତ୍ୟାକାଣ୍ଡକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଯାଜପୁର ଏସପିଙ୍କୁ କିଏ ନିର୍ଦ୍ଦେଶ ଦେଇଥିଲେ ? କାହା ନିର୍ଦ୍ଦେଶରେ ପୋଲିସ କେବଳ ରୂପେଶ ଭଦ୍ରଙ୍କୁ ଗିରଫ କରି ବାକି ଘଟଣାସ୍ଥଳରେ ଉପସ୍ଥିତ ଥିବା ୪ ଜଣ ବିଜେଡି ଦଳର ପ୍ରତିନିଧୀ ଏବଂ ରାମକୋର ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପୋଲିସ ତଦନ୍ତ ପରିସରଭୁକ୍ତ କଲା ନାହିଁ ? କେଉଁ ଆଧାରରେ ଯାଜପୁର ଏସପି ୩ ଦିନ ଭିତରେ ଏହାକୁ ଆତ୍ମହତ୍ୟାର ରୂପ ଦେଲେ ବୋଲି ଡ. ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି। ହରିଦାସପୁର ପଞ୍ଚାୟତର ଅନେକ ଜମି ରାମକୋ ବେଆଇନ ଭାବେ ଜବରଦଖଲ କରିଛି। ଶ୍ମଶାନ ଜମି, ଗୋଚର ଜମି, ଅନାବଦି ଜମି, ଦେବୋତର ଜମି ଏବଂ ଜଙ୍ଗଲ କିସମ ଜମିକୁ ରାମକୋ ନିଜ ଜମିରେ ସାମିଲ କରାଇଛି। ଏହି ସମସ୍ତ ବେଆଇନ ଜବରଦଖଲ ଜମିକୁ ଆଇନସମ୍ମତ କରିବା ପାଇଁ ପିଇଓ ସ୍ମିତାରାଣୀଙ୍କୁ ଉପରେ ଚାପ ପ୍ରୟୋଗ କରାଯାଉଥିଲା। ମୃତା ସ୍ମିତାରାଣୀ ଏଥିରେ ଅମଙ୍ଗ ହେବାରୁ ରଙ୍ଗଶାଳାରେ ତାଙ୍କୁ ଗଣଦୁଷ୍କର୍ମ କରି ହତ୍ୟା କରାଯାଇଛି। ହତ୍ୟାକାଣ୍ଡକୁ ବାଟବଣା କରିବା ପାଇଁ ତୃତୀୟ ମହଲାର ଚାପ ରହିଛି। ସେଥିଲାଗି ଓଡିଶାର ପୂର୍ବତନ ଡିଜି ବି.କେ ଶର୍ମାଙ୍କ ବଦଳି କରାଗଲା। ସ୍ମିତାରାଣୀ ଏବଂ ରାମକୋ ଜମି ଦୁର୍ନୀତି ପ୍ରସଙ୍ଗ ଉଠାଇଲେ ବିଜେଡି ମୁଖପାତ୍ର ବ୍ୟକ୍ତିଗତ ଆରୋପ ଲଗାଇ ଘଟଣାକୁ ଅନ୍ୟ ମୋଡ ଦେବାକୁ ଅପଚେଷ୍ଟା କରୁଛନ୍ତି ବୋଲି ଡ. ସାମନ୍ତସିଂହାର କହିଛନ୍ତି। ରାମକୋର ବେଆଇନ ଜମି ଜବର ଦଖଲ ଏବଂ ସ୍ମିତାରାଣୀ ହତ୍ୟାକାଣ୍ଡରେ ରାମକୋ ଅଧିକାରୀ ଓ ୪ ଜଣ ବିଜେଡି ପ୍ରତିନିଧୀଙ୍କ ଭୂମିକାକୁ ତଦନ୍ତ ପରିସରଭୁକ୍ତ କରାଯାଉ। ରାଜ୍ୟସରକାର ଏବଂ ଜିଲ୍ଲା ପ୍ରଶାସନ ଏହି ଘଟଣାରେ ନିବିଡ ଭାବେ ସଂପୃକ୍ତ ଅଛନ୍ତି ଏବଂ ଦୋଷୀ ମାନଙ୍କୁ ଘଣ୍ଟ ଘୋଡାଇବା ପାଇଁ ସବୁ ପ୍ରକାର ପ୍ରଚେଷ୍ଟା କରିଆସିଛନ୍ତି। ଏଣୁ କେବଳ ସିବିଆଇ ତଦନ୍ତ ହେଲେ ହିଁ ସମସ୍ତ ଘଟଣାର ପର୍ଦ୍ଦାଫାଶ ହେବା ସହ ସ୍ମିତାରାଣୀ ଏବଂ ଓଡିଶାର ସମସ୍ତ ମହିଳାମାନଙ୍କୁ ନ୍ୟାୟ ମିଳିପାରିବ ବୋଲି ଡ. ସାମନ୍ତସିଂହାର କହିଛନ୍ତି।

## ୧୬ ଜଣ ନୂତନ ଅଧ୍ୟାପକଙ୍କୁ ନିଯୁକ୍ତି

**ଭୁବନେଶ୍ୱର :** ଶିକ୍ଷା ଦ୍ୱାରା ସମାଜର ନୂତନ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହୋଇପାରିବ। ତେଣୁ ଶିକ୍ଷକତାକୁ ଏକ ବୃତି ନ ଭାବି ବ୍ରତ ଭାବରେ ଗ୍ରହଣ କରିାକୁ ପଡ଼ିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି। କୃଷି ଭବନର ସମ୍ମିଳନୀ କକ୍ଷରେ ରାଜ୍ୟ ସିଲେକ୍‌ସନ୍ ବୋର୍ଡ଼ ଦ୍ୱାରା ଚୟନ କରାଯାଇଥିବା ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ନବନିଯୁକ୍ତ ଅଧ୍ୟାପକ ଅଧ୍ୟାପିକା ମାନଙ୍କର ନିଯୁକ୍ତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଲେ ଯେ ଶିକ୍ଷକମାନେ ଛାତ୍ର ମାନଙ୍କର ମାର୍ଗଦର୍ଶକ। ତେଣୁ ଶିକ୍ଷକମାନେ ପ୍ରଭାବଶାଳୀ ହେବା ଆବଶ୍ୟକ। ବ୍ୟକ୍ତିଗତ ସଫଳତାକୁ ସମାଜର ବୃହତର ସ୍ୱାର୍ଥ ନିମନ୍ତେ ଉପଯୋଗ କରିବାର ମାନସିକତା ରହିଲେ ସଫଳତାର ଶୀର୍ଷରେ ପହଂଚିହେବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ। ଏହି ନୟୁକ୍ତିକୁ ନୂତନ ବର୍ଷରେ ଉଚ୍ଚଶିକ୍ଷା ବିଭାଗ ତରଫରୁ ପ୍ରଥମ ଭେଟି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ। ଉଚ୍ଚଶିକ୍ଷାକୁ ଏକ ଉଚ୍ଚତର ସୋପାନରେ ପହଂଚାଇବା ପାଇଁ ବିଭାଗ ତରଫରୁ ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ନିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତିତ ୫-ଟି କୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାର ବିଭାଗ ଶାସନ ସଚିବ ଶାସ୍ୱତ ମିଶ୍ର ଯୋଗଦେଇ ନବନିଯୁକ୍ତ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ନିଜ ଭିତରେ ଥିବା ଶକ୍ତି ଓ ସାମର୍ଥ୍ୟକୁ ଚିହ୍ନି ତାର ଉପଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ସୁରେନ୍ଦ୍ର କୁମାର ପଣ୍ଡା ପରିଚାଳନା କରିଥିଲେ। ଏହି ନିଯୁକତି କାର୍ଯ୍ୟକ୍ରମରେ ଯୋଗଦେଇଥିବା ୧୬ ଜଣ ଯୋଗ୍ୟ ବିବେଚିତ ହୋଇଥିବା ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଅନୁଦାନପ୍ରାପ୍ତ ବେରକାରୀ ମହାବିଦ୍ୟାଳୟରେ ନିଯୁକତି ଦିଆଯିବ। ଏମାନଙ୍କ ମଧ୍ୟରେ ୧୪ ଜଣ ଦିବ୍ୟାଙ୍ଗ ଅଧ୍ୟାପକ ଅଧ୍ୟାପିକା ଥିବା ବେଳେ ଜଣେ ଖେଳାଳୀ, ଜଣେ ଅବସରପ୍ରାପ୍ତ ଆର୍ମି ଅଧିକାରୀଙ୍କୁ ନିଯୁକ୍ତି ପତ୍ରପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରୁ ବୋଟାନିରେ ୨ ଜଣ, ବାଣିଜ୍ୟରେ ଜଣେ, ରସାୟନରେ ଜଣେ, ଇଂରାଜୀରେ ୪ ଜଣ, ଲଜିକ୍ ଓ ଫିଲୋସଫିରେ ୨ ଜଣ, ପଦାର୍ଥ ବିଜ୍ଞାନରେ ଜଣେ, ରାଜନୀତି ବିଜ୍ଞାନରେ ୩ ଜଣ, ଗଣିତରେ ଜଣେ, ଜୁଲୋଜିରେ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା।

## ରେଳବାଇର ଏକକ ହେଲ୍ପଲାଇନ ନମ୍ବର ‘୧୩୯’ ଜାରି

**ଭୁବନେଶ୍ୱର :** ରେଳଯାତ୍ରୀଙ୍କ ସବୁ ସମସ୍ୟାର ସମାଧାନ ପାଇଁ ଏକକ ହେଲ୍ପଲାଇନ ନମ୍ବର ଲାଗୁ କରାଯାଇଛି। ଏଣିକି ଭିନ୍ନ ଭିନ୍ନ ସମସ୍ୟା ପାଇଁ ଯାତ୍ରୀଙ୍କୁ ଭିନ୍ନ ଭିନ୍ନ ହେଲ୍ପଲାଇନ୍ ନମ୍ବର ଡାଏଲର ଆବଶ୍ୟକତା ପଡ଼ିବ ନାହିଁ। ଏକକ ନମ୍ବର ୧୩୯ ଡାଏଲ କଲେ ଯାତ୍ରୀଙ୍କ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି କେନ୍ଦ୍ରୀୟ ରେଳ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ କାର୍ଯ୍ୟକାରୀ ଥିବା ସମସ୍ତ ହେଲ୍ପଲାଇନ୍ ନମ୍ବରକୁ ଅକାମୀ କରାଯାଇଛି। ଆଗରୁ ଯାତ୍ରୀମାନେ ରେଳସେବା ସମୟରେ ସମସ୍ୟା ସମ୍ବନ୍ଧୀତ ସୂଚନା ରେଳ କର୍ତ୍ତୃପକ୍ଷଙ୍କୁ ଦେବା ପାଇଁ ୧୩୮, ୧୦୭୨, ୯୭୧୭୬୩୦୯୮୨, ୫୮୮୮୮/ ୧୩୮, ୧୫୨୨୧୦, ୧୮୦୦୧ ୧୧୩୨୧ ଭଳି ଅନେକ ନମ୍ବରକୁ କଲ୍ କରୁଥିଲେ। ଜାନୁଆରୀ ୩ ତାରିଖଠାରୁ ଏହି ସମସ୍ତ ହେଲ୍ପଲାଇନ ସେବାକୁ ବନ୍ଦ କରିଦିଆଯିବ। କେବଳ ୧୩୯ ହେଲ୍ପଲାଇନ ନମ୍ବରରେ ସବୁ ସମସ୍ୟା ସମାଧାନ ହେବାକୁ ଥିବାବେଳେ ଏହା ଇଣ୍ଟର ଆକ୍ଟିଭ୍ ଭଏସ୍ ରେସ୍‌ପନ୍ସ ସିଷ୍ଟମ୍ ମାଧ୍ୟମରେ କାର୍ଯ୍ୟକାରୀ କରିବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବ୍ୟବସ୍ଥାରେ କଷ୍ଟମର କେୟାର ସହ ବାର୍ତ୍ତାଳାପ ହେବା ଭଳି ବ୍ୟବସ୍ଥା ଲାଗୁ କରାଯାଇ ଥିବା ବେଳେ ଭିନ୍ନଭିନ୍ନ ସମସ୍ୟା ପାଇଁ ୧ରୁ ୯ ପର୍ଯ୍ୟନ୍ତ ବଟନ୍ ଦବାଇ ଯାତ୍ରୀମାନେ ସେବା ଚୟନ କରିପାରିବେ।

## ଫେବୃଆରୀରୁ ବିମାନବନ୍ଦର ରିକାର୍ପେଟିଂ




**ଭୁବନେଶ୍ୱର :** ଆସନ୍ତା ଫେବୃଆରୀ ମାସରୁ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ରିକାର୍ପେଟିଂ କାମ ଆରମ୍ଭ ହେବ। ଏହି କାମ ପ୍ରାୟ ୮ରୁ ୧୦ ମାସ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ରାତି ଓ ପରେ ଦିନ ବେଳା ଏହି କାମ କରାଯିବ ବୋଲି ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ଭିଭି ରାଓ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଏଥିପାଇଁ ବିମାନ ଚଳାଚଳ ସେବାର କୌଣସି ପ୍ରଭାବ ନପଡ଼ିବା ପାଇଁ ବିଭିନ୍ନ ବିମାନ କମ୍ପାନୀ ସହ ଆଲୋଚନା କରାଯାଉଛି। ଅନ୍ୟପକ୍ଷରେ କାମ ପାଇଁ ଯାତ୍ରୀମାନେ ହଇରାଣ ନହେବା ବା ବିମାନ ଚଳାଚଳରେ ବାଧା ନଉପୁଜିବା ପାଇଁ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ବିମାନବନ୍ଦରରେ କାମ ହେବ ବୋଲି ସବୁ ବିମାନ କମ୍ପାନୀଗୁଡ଼ିକୁ ଜଣାଯାଇଛି। ଏହିସବୁ ପ୍ରକ୍ରିୟାକୁ ପ୍ରଥମ ପର୍ଯ୍ୟାୟରେ ରଖାଯାଇଥିବା ବେଳେ ଏହି ସମୟରେ ରନ୍‌ୱେ ରିକାର୍ପେଟିଂ ସହିତ ୩ଟି ପାରାଲାଲ ଟାକ୍ସି-ଟ୍ରାକ୍‌ର କାମ ମଧ କରାଯିବ। କାମକୁ ଦୃଷ୍ଟିରେ ରଖି ବିମାନ ସମୟରେ ପରିବର୍ତ୍ତନ କରାଯିବା ପାଇଁ ଆଲୋଚନା କରାଯାଇଛି ବୋଲି ଶ୍ରୀ ରାଓ ସୂଚନା ଦେଇଛନ୍ତି। ପୂର୍ବରୁ ଏହି କାମ ପାଇଁ ତାରିଖ ଘୋଷଣା ହୋଇ ସାରିଥିଲେ ମଧ ଦୁଇ ଦୁଇଥର ଏହାକୁ ବାତିଲ କରାଯାଇଛି। ଏବେ ପୁଣି ଫେବୃଆରୀ ମାସକୁ ନୂଆ ତାରିଖ ଭାବେ ଚୟନ କରାଯାଇଛି। ତେବେ ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ରିକାର୍ପେଟିଂ କାମ ପାଇଁ ନିଷ୍ପତ୍ତି ହୋଇଥିଲା। ସେହି ନିଷ୍ପତ୍ତି ମୁତାବକ ପ୍ରଥମ ପର୍ଯ୍ୟାୟରେ ନଭେମ୍ବର ୧ ତାରିଖଠାରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କାମ ଆରମ୍ଭ ହେବାର ଥିଲା। ପ୍ରଥମ ପର୍ଯ୍ୟାୟରେ ରାତି ୧୦ ଟାରୁ ସକାଳ ୫ଟା ୩୦ ପର୍ଯ୍ୟନ୍ତ ବିମାନ ବନ୍ଦର କାମ ଚାଲିବାର ଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଦିନ ୧୦ଟା ୩୦ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଏୟାରପୋର୍ଟକୁ ବନ୍ଦ କରାଯିବାର ଥିଲା। ତେବେ ପୂର୍ବ ଘୋଷିତ ସୂଚନା ଅନୁଯାୟୀ କାମ ଆରମ୍ଭ ହୋଇ ନପାରିବାରୁ ପରବର୍ତ୍ତୀ ତାରିଖ ଭାବେ ଡିସେମ୍ବର ୧ ତାରିଖ ଘୋଷଣା ହୋଇଥିଲା। ଏହି ତାରିଖରେ ବି କାମ ଆରମ୍ଭ ହୋଇପାରିଲା ନାହିଁ। ବିମାନ ଅବତରଣ ସମୟରେ ଏୟାରକ୍ରାଫ୍ଟର ଚକା ଘଷି ହୋଇ ରନ୍‌ୱେର ଟେମ୍ପର ଧୀରେ ଧୀରେ କମିଯାଇଥାଏ। ଫଳରେ ପ୍ରତି ୧୦ ବର୍ଷରେ ଥରେ ରନ୍‌ୱେର ରି-କାର୍ପେଟିଂ କାମ କରାଯାଇଥାଏ। ତେବେ ଶେଷଥର ପାଇଁ ୨୦୦୭ ମସିହାରେ ବିମାନ ବନ୍ଦରର ରିକାର୍ପେଟିଂ କାମ ହୋଇଥିଲା, ଯାହାକି ଆଉଥରେ ଆବଶ୍ୟକ ହେଉଛି। ୧୨ ବର୍ଷ ହେବ ରନ୍‌ୱେର ରିକାର୍ପେଟିଂ କରାଯାଇ ନଥିବାରୁ ୨ ବର୍ଷ ହେବ ବିମାନବନ୍ଦରରେ ଅଧିକ ମରାମତି ଆବଶ୍ୟକ ପଡୁଛି। ଏହାକୁ ଦୃଷ୍ଟିରେ ରଖି ହେଡ୍‌କ୍ୱାର୍ଟର୍ସକୁ ମରାମତି ପାଇଁ ଅବଗତ କରାଯାଇଥିଲା। ସେଠାରୁ ଅନୁମତି ମିଳିଯାଇଥିବା ବେଳେ ସମ୍ପୂର୍ଣ୍ଣ କାମକୁ ରାତିରେ କରିବା ପାଇଁ ଯୋଜନା ରଖାଯାଇଥିଲା। ମାତ୍ର ତାହା ସମ୍ଭବ ହୋଇନଥିବାରୁ ଦୁଇଟି ପର୍ଯ୍ୟାୟରେ କାମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ସମୟରେ ରନ୍‌ୱେରେ କାମ ଚାଲିବାକୁ ଥିବାଯୋଗୁଁ ବିମାନ ଉଡ଼ାଣ କିମ୍ବା ଅବତରଣ ସମ୍ଭବ ହେବନାହିଁ।

**କମିଶନରେଟ ପୋଲିସର ୧୨ତମ ପ୍ରତିଷ୍ଠା ଦିବସ**

## ନୂଆ ସ୍ଲୋଗାନ

# ଆମ ପୋଲିସ, ଆମ ସୁରକ୍ଷା





**ଭୁବନେଶ୍ୱର :** କମିଶନରେଟ ପୁଲିସ ଅପରାଧ ଓ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ସହିତ ଅଧିକରୁ ଅଧିକ ଲୋକଙ୍କ ଆସ୍ଥା ଭାଜନ ହେବାରେ ଲାଗିଛି। ଲୋକଙ୍କୁ ସେବା ଯୋଗାଇବାରେ ପୁଲିସ କଠିନ ପରିଶ୍ରମ କରୁଛି। ଆଗକୁ ଏଭଳି ପ୍ରୟାସ ଜାରି ରଖିବା ଆବଶ୍ୟକ। ଏଣିକି ପୁଲିସକୁ ସମବେଦନା, ସହାନୁଭୂତି ଓ ବୁଦ୍ଧିଗତ ଦକ୍ଷତା ଏଭଳି ତିନୋଟି ନୂଆମନ୍ତ୍ର ସହ କାମ କରିବାକୁ ପଡିବ ବୋଲି ପୁଲିସ ଡିଜି ଶ୍ରୀଅଭୟ କହିଛନ୍ତି। ସପ୍ତମ ବାଟାଲିଅନ ପରିସରରେ ଅନୁଷ୍ଠିତ କମିଶନରେଟ ପୁଲିସର ୧୨ମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଜିପି ଶ୍ରୀ ଅଭୟ କହିଥିଲେ ଯେ, କମିଶନରେଟ ପୁଲିସ ଅନେକ ଅଭିନବ ପଦକ୍ଷେପ ଗ୍ରହଣ କରି ଆସୁଛି। ମଡର୍ଣ୍ଣ କଣ୍ଟ୍ରୋଲ ରୁମ, ପିସିଆର ଭ୍ୟାନ, କମ୍ୟୁନିଟି ପୋଲିସିଂ, ବରିଷ୍ଠ ନାଗରିକ ନିରାପତ୍ତା ସେଲ, ପୁଲିସ-ପବ୍ଲିକ ଇଣ୍ଟରଫେସ, ଅପରାଧ ନିୟନ୍ତ୍ରଣ, ମୋବାଇଲ ଆପ୍ଲିକେସନ ଓ ସୋସିଆଲ ମିଡିଆ(ଫେସବୁକ, ଟ୍ୟୁଟର) ଭଳି କେତେକ ମାଧ୍ୟମର ସଫଳତା ଯୋଗୁଁ ପୁଲିସ ଲୋକଙ୍କ ନିକଟତର ହୋଇପାରିଛି। ଆଗକୁ ମଧ ଏହି ପ୍ରୟାସ ଜାରି ରହିବ। ସେହିପରି କମିଶନରେଟ ପୁଲିସ ମହିଳାଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦେଇଛି। ପ୍ରାଥମିକ ପର୍ଯ୍ୟାୟରେ ୨୪୬ ମହିଳାଙ୍କୁ ନେଇ ଏସ୍‌ପିଓ ବା ସ୍ପେଶାଲ ପୁଲିସ ଅଫିସର ୟୁନିଟର ଶୁଭାରମ୍ଭ କରାଯାଇଛି। ରାଜ୍ୟ ସରକାର ‘ମୋ ସରକାର କାର୍ଯ୍ୟକ୍ରମ’ ଆରମ୍ଭ କରିଛନ୍ତି, ଯେଉଁଥିରେ ଆମକୁ ବେଶ ସଫଳତା ମିଳୁଛି। ପୁଲିସ କଠିନ ପରିଶ୍ରମ କରୁଛି, ଲୋକଙ୍କୁ ସେବା ଯୋଗାଉଛି। ଏହି ସଫଳତା ଆଗକୁ ବଜାଇ ରହିବ ବୋଲି ସେ କହିଥିଲେ। ପୁଲିସ କମିଶନର ଡ. ସୁଧାଂଶୁ ଷଡଙ୍ଗୀ କହିଥିଲେ, କମିଶନରେଟ ପୁଲିସ ରାଜ୍ୟ ପୁଲିସର ଦର୍ପଣ ସଦୃଶ୍ୟ। କମିଶନରେଟ ପୁଲିସର ଏଭଳି ଭାବମୂର୍ତ୍ତୀ ଅକ୍ଷୁର୍ଣ୍ଣ ରଖିବାକୁ ଆମେ ବଦ୍ଧପରିକର। ଇତି ମଧ୍ୟରେ କମିଶନରେଟ ବ୍ୟବସ୍ଥା ୧୨ ବର୍ଷରେ ପଦାର୍ପଣ କରିଛି। ଏଥିରେ ଆମକୁ ଅନେକ ସଫଳତା ମିଳିଛି। ଆଗକୁ ଅନେକ ଚାଲେଞ୍ଜ ମଧ ରହିଛି। ତେଣୁ ପୁଲିସ କିପରି ଲୋକଙ୍କ ପାଖରେ ପହଞ୍ଚି ନିକଟତର ହେବ, ତାହା ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ଏହାରକୁ ଦୃଷ୍ଟିରେ ରଖି କମିଶନରେଟ ପୁଲିସର ନାରା ‘ଉଇ କେୟାର ଓ ଉଇ ଡେୟାର’କୁ ପରିବର୍ତ୍ତନ କରାଯାଇଛି। ଏବେ ‘ଆମ ପୁଲିସ, ଆମ ସୁରକ୍ଷା’ ସ୍ଲୋଗାନ ମାଧ୍ୟମରେ ଲୋକଙ୍କ ସେବା କରିବ। ସେହିପରି କମିଶନରେଟ ମୁଖ୍ୟାଳୟକୁ ‘ପୁଲିସ ସେବା ଭବନ’ ନାଁରେ ନାମିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ସହରାଞ୍ଚଳ ପୁଲିସ ଓ ଲୋକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ତ୍ୱରିତ ସମାସ୍ୟାର ସାମଧାନ କରିବା ଏବେ ମୁଖ୍ୟ ଚାଲେଞ୍ଜ ହୋଇଛି। ଏଦିଗରେ ପୁଲିସର ଉଦ୍ୟମ ଜାରି ରହିଛି। ସେହିପରି ଭୁବନେଶ୍ୱର ଓ କଟକରେ ଏକକ କଣ୍ଟ୍ରୋଲ ରୁମ ଓ ଅଧିକ ପିସିଆର ଭ୍ୟାନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସେହିପରି ମହିଳାଙ୍କ ସୁରକ୍ଷା ଉପରେ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏହିକ୍ରରେ କମିଶନରେଟ ପୁଲିସ ପକ୍ଷରୁ ମହିଳା ଶକ୍ତିକରଣ ପୁଲିସିଂ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଆଶା କରାଯାଉଛି, ଏହି ଯୋଜନାଟି ସଫଳ ହେବ ବୋଲି କମିଶନର ଡ. ଷଡଙ୍ଗୀ କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଥିବା କର୍ମଚାରୀ ଏବଂ ପୁଲିସକୁ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ସହଯୋଗ କରି ଆସିଥିବା ଜନସାଧାରଣଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଅତିରିକ୍ତ ପୁଲିସ କମିଶନର ସଞ୍ଜୟ ସଂହ, ଡିସିପି ଅନୁପ ସାହୁ, ଅଖିଳେଶ ସିଂ, ସାଗରିକା ନାଥଙ୍କ ସମେତ ବହୁ ପଦାଧିକାରୀ ଯୋଗ ଦେଇଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୬ - ୧୨ ଜାନୁଆରୀ, ୨୦୨୦

# ନୂଆବର୍ଷ ନୂଆ ଆହ୍ୱାନ

ସମ୍ପାଦକୀୟ
ତାରକ ମହାନ୍ତି



ବିଦାୟୀ ବର୍ଷ ୨୦୧୯ ଦେଶ ପାଇଁ ଘଟଣାବହୁଳ ଥିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱିତୀୟ ପାଳି ଯେତିକି ସମ୍ଭାବନା ସୃଷ୍ଟି କରିଥିଲା ସେତିକି ବିବାଦ ମଧ୍ୟ ଠିଆ କରିଛି। ଏହି ଘଟଣା ଗୁଡିକ ମଧ୍ୟରେ ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ କରିବା ନିମନ୍ତେ ସୁପ୍ରିମ୍‌କୋର୍ଟଙ୍କ ଫଇସଲା ଅନେକଙ୍କୁ ଖୁସି ଦେଇଥିଲା ବେଳେ ଏହାକୁ ବିରୋଧ କରି କେତେକ ମୁସଲିମ୍ ସଂଗଠନ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ତା'ରି ଭିତରେ ଅଗଷ୍ଟ ୧୫ ତାରିଖରେ କେନ୍ଦ୍ର ସରକାର ସମ୍ବିଧାନ ସଂଶୋଧନ କରିବା ସହିତ କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଅନୁଚ୍ଛେଦ ୩୭୦କୁ ହଟାଇ ଦେଇଥିଲେ। ଏହାପରେ କାଶ୍ମୀର ଉପତ୍ୟକାରେ ଅସ୍ଥିରତା ଦେଖା ଦେଇଥିଲା। ଯଦିଓ ଅନ୍ତର୍ଜାତୀୟ ସମ୍ପର୍କ ବଜାୟ ରଖିବାରେ ମୋଦି ସରକାର ସଫଳ ହୋଇଛନ୍ତି ତଥାପି ଭାରତକୁ ଅଡୁଆରେ ପକାଇବା ପାଇଁ ଚାଇନା ଓ ପାକିସ୍ତାନ ସବୁବେଳେ ସୁଯୋଗ ଅପେକ୍ଷାରେ ରହିଛନ୍ତି। ଏହି ସମୟ ମଧ୍ୟରେ ନିଯୁକ୍ତି ସଂକଟ, ମୋଟ ଘରୋଇ ଉତ୍ପାଦ (ଜିଡିପି) କ୍ରମଶଃ ନିମ୍ନଗାମୀ ହେବା ଦେଶ ପାଇଁ ବଡ ଆହ୍ୱାନ। ଡଲାର ତୁଳନାରେ ମୁଦ୍ରାର ବିନିମୟ ମୂଲ୍ୟ ଲଗାତାର କମିବାରେ ଲାଗିଛି। ବେକାରୀ ହାର ୪୫ ବର୍ଷର ସୀମା ଟପିଛି। ଦେଶର ଆର୍ଥିକ ଗତିକୁ ନେଇ ବିରୋଧୀମାନେ ସବୁବେଳେ ସ୍ୱର ଉଠାଇ ଚାଲିଛନ୍ତି। ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଲାଗୁ ପରଠୁ ଦେଶର ଅର୍ଥନୀତିକୁ ସଜାଡିବା ପାଇଁ ଏନ୍‌ଡିଏ ସରକାର ଯେତେଯେତେ ଉଦ୍ୟମ କରୁଛନ୍ତି ସେତିକି ସେତିକି ନୂଆ ନୂଆ ପ୍ରତିବନ୍ଧକ ମଧ୍ୟ ସାମ୍ନା କରୁଛନ୍ତି। ତୈଳ ଦର ଆକାଛୁଆଁ ହେବା ଫଳରେ ଦର ଦାମ୍ ମଧ୍ୟ ବଢ଼ିଚାଲିଛି। ତୈଳ ଦର ବୃଦ୍ଧି ଯୋଗୁ ପରିବହନ ମୂଲ୍ୟ ବଢ଼ିଯିବା ଫଳରେ ସାମଗ୍ରୀ ଗୁଡିକର ଦର ମଧ୍ୟ ବଢ଼ିଚାଲିଛି। ଯାହା ଉପରେ କେନ୍ଦ୍ର ସରକାରଙ୍କର କୌଣସି ନିୟନ୍ତ୍ରଣ ଥିଲା ଭଳି ଲାଗୁନି। ଲୋକସଭା ନିର୍ବାଚନ ପରେ ଯେତେ ଗୁଡିଏ ରାଜ୍ୟରେ ବିଧାନସଭା ନିର୍ବାଚନ ବା ଉପନିର୍ବାଚନ ହୋଇଛି ସେଥିରେ ଭାରତୀୟ ଜନତା ପାର୍ଟିର ପ୍ରଦର୍ଶନ ନୈରାଶ୍ୟଜନକ। ବର୍ଷ ଶେଷରେ ସିଏଏକୁ ନେଇ ଯେଉଁଭଳି ବିବାଦ ଦେଖାଦେଇଛି ସେଥିପାଇଁ ବିଭିନ୍ନ ରାଜ୍ୟରେ ବିକ୍ଷୋଭ ଓ ଆନ୍ଦୋଳନ ଲାଗିରହିଛି। ଯଦିଓ ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି)କୁ ନେଇ ଦେଶରେ ନିର୍ଦ୍ଦିଷ୍ଟ ଗୋଷ୍ଠୀର କିଛି ଲୋକ ଅସ୍ଥିରତା ସୃଷ୍ଟି କରୁଛନ୍ତି ତଥାପି ଏହି ବିଲ୍‌କୁ ସମର୍ଥନ କରୁଥିବା ଜନସାଧାରଣଙ୍କ ସଂଖ୍ୟା ଅଧିକ। ଏସବୁ ଭିତରେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ହ୍ରାସ କରିବା ଦିଗରେ ମୋଦି ସରକାର ଆଶାବାଦୀ ଥିଲା ବେଳେ ଦେଶ ଦୁର୍ନୀତିମୁକ୍ତ ହୋଇପାରିନାହିଁ। ୨୦୨୦ ନୂଆବର୍ଷ ଦେଶବାସୀଙ୍କ ପାଇଁ ଆଶା ଆକାଂକ୍ଷାର ବର୍ଷ ହେବ ବୋଲି ଲୋକ ଆଶା ବାନ୍ଧିଥିଲା ବେଳେ ମୋଦି ସରକାରଙ୍କ ପାଇଁ ନୂଆବର୍ଷ ଚ୍ୟାଲେଞ୍ଜ ଆଣିଦେବ। ପିଆଜ ଦର ଗତ ତିନିମାସ ଧରି ୧୦୦ ଟଙ୍କାରୁ ଊର୍ଦ୍ଧ୍ୱ ରହିଥିବାରୁ ଏହାକୁ ନେଇ ଖାଉଟି ଘୋର ଅସନ୍ତୋଷ ପ୍ରକାଶ କରୁଛନ୍ତି।

ତେଣୁ ସାଧାରଣ ଲୋକ ସୁବିଧା ଓ ସୁରକ୍ଷା ନପାଇଲେ ବିଦ୍ରୋହ ହେବା ସ୍ୱାଭାବିକ। ଏଭଳି ପରିସ୍ଥିତିରେ ୨୦୨୫ ସୁଦ୍ଧା ଦେଶର ଅର୍ଥ ବ୍ୟବସ୍ଥାକୁ ୫ ଟ୍ରିଲିୟନ ଡଲାରରେ ରୂପାନ୍ତରିତ କରିବା ସହଜ ମନେ ହେଉନାହିଁ। ତେଣୁ ଅନେକ ଗୁଡିଏ ଆହ୍ୱାନକୁ ସାମ୍ନା କରି ଦେଶକୁ ବିକଶିତ କରିବାରେ ମୋଦି ସରକାର କେତେଦୂର ସଫଳ ହେବେ ତାହା ସମୟ କହିବ।

ରାଜ୍ୟ ପରିପ୍ରେକ୍ଷୀରେ ଦେଖିଲେ ୨୦୧୯ ଓଡ଼ିଶା ପାଇଁ ଅନେକ ସଫଳତା ଆଣିଦେଇଛି। ଭିତ୍ତିଭୂମିର ବିକାଶ ଓ ପ୍ରକଳ୍ପ ଗୁଡିକର ତ୍ୱରିତ୍ୱ କାର୍ଯ୍ୟାନ୍ୱୟନ ପାଇଁ ସରକାର ଦୃଢ଼ ପଦକ୍ଷେପ ନେଇଛନ୍ତି। ୫-ଟି' କାର୍ଯ୍ୟଧାରା ବଳରେ ଦୁର୍ନୀତିକୁ ରୋକିବା ସହ ଶାସନ ଓ ପ୍ରଶାସନକୁ ଲୋକାଭିମୁଖୀ କରାଇବାରେ ଏହି ବିଭାଗର ସଚିବ ସଫଳ ହୋଇଛନ୍ତି। ବିଶେଷକରି ଥାନା ଓ ଡାକ୍ତରଖାନା ଗୁଡିକରେ ସ୍ୱଚ୍ଛତା ଆଣିବା ପାଇଁ ଯେଉଁଭଳି ପଦକ୍ଷେପ ନିଆଯାଉଛି ତାହା ବାସ୍ତବିକ ପ୍ରଶଂସାଯୋଗ୍ୟ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦୀର୍ଘବର୍ଷ ଧରି ପୁରୀ ସହର ତଥା ଶ୍ରୀମନ୍ଦିରର ବିକାଶ ପାଇଁ କୌଣସି ବି ସରକାର ଦୃଢ଼ ପଦକ୍ଷେପ ନେଇନଥିଲା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀର ବିକାଶ ସହ ଶ୍ରୀମନ୍ଦିର ଚତୁପାର୍ଶ୍ୱରୁ ଜବରଦଖଲ ହଟାଇବାରେ ସଫଳ ହେବା ସହିତ ୭୫ ମିଟର ଦୂରତା ଭିତରୁ ଘରୋଇ କୋଠାକୁ ଭାଙ୍ଗି ସୌନ୍ଦର୍ଯ୍ୟକରଣ କରିଚାଲିଛନ୍ତି। ଯେଉଁଥିପାଇଁ ପୁରୀ ସମ୍ପ୍ରତି ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଆଡକୁ ଅଗ୍ରସର ହୋଇଚାଲିଛି। କେବଳ ଏତିକି ନୁହେଁ ପୁରୀକୁ ସଂଯୋଗ କରୁଥିବା ରାସ୍ତା ଉପରେ ଫ୍ଲାଏ ଓଭର ନିର୍ମାଣ, ମୂଷା ନଈ ସଫେଇ ଏବଂ ସ୍ୱର୍ଗଦ୍ୱାରକୁ ଜବରଦଖଲ ମୁକ୍ତ କରି ଏହାର କଳେବର ବଦଳାଇବା ପାଇଁ ସରକାର ଯେଉଁଭଳି ଅଣ୍ଟା ଭିଡି ଚାଲିଛନ୍ତି ତାହା ସବୁ ଜଗନ୍ନାଥ ପ୍ରେମୀଙ୍କ ମନରେ ଅଫୁରନ୍ତ ଆନନ୍ଦ ଭରିଦେଇଛି। ଏଥିସହ ଶ୍ରୀଲିଙ୍ଗରାଜ ମନ୍ଦିର ବିକାଶ ପାଇଁ ମଧ୍ୟ ସମାନ୍ତରାଳ ଭାବେ କାର୍ଯ୍ୟକ୍ରମ ଆଗେଇ ଚାଲିବା ନିଶ୍ଚୟ ରାଜ୍ୟ ପ୍ରଗତିର ମାଇଲଖୁଣ୍ଟ ଭଳି। ଶ୍ରୀକ୍ଷେତ୍ର ବିକାଶର ମାଷ୍ଟର ପ୍ଲାନ ଭଳି ଏକାମ୍ର କ୍ଷେତ୍ର ବିକାଶର ଯେଉଁଭଳି ଯୋଜନା କରାଯାଇଛି ତାହା ଚୂଡାନ୍ତ ରୂପ ପାଇଲେ ଓଡ଼ିଶାର କଳା ସ୍ଥାପତ୍ୟ ପୂର୍ବ ଭଳି ଝଟକି ଉଠିବ। ଶ୍ରୀଜଗନ୍ନାଥ ଐତିହ୍ୟ କରିଡର ସହ ଶ୍ରୀଲିଙ୍ଗରାଜଙ୍କ ଐତିହ୍ୟ କରିଡର ସବୁଦିନ ପାଇଁ ମନେ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କରି ପୁରୀରେ ଘରୋଇ ଜମି ମାଲିକ ମାନେ ଯେଉଁଭଳି ସ୍ୱେଚ୍ଛାକୃତ ଜମି ଦେଲେ ତାହା ବିରଳ ଘଟଣା। ଅଧିଗୃହୀତ ଜମି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ କରାଯାଇ ଏଥିରେ ବିକାଶ କରାଯିବ। ୫-ଟି' ସଂକଳ୍ପର କାର୍ଯ୍ୟକାରିତା ବୃଦ୍ଧି ପାଇଲେ ରାଜ୍ୟରେ ଥିବା ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ଲୋକେ ଆଶାବାଦୀ ଅଛନ୍ତି। ଏହାରି ଭିତରେ ବେକାରୀ ସମସ୍ୟା ଦୂର କରିବା, ଜଳସେଚନର ସୁପରିଚାଳନା କରି କୃଷି କ୍ଷେତ୍ରକୁ ଅଧିକ କ୍ରିୟାଶୀଳ କରାଇବା ମଧ୍ୟ ରାଜ୍ୟ ସରକାରଙ୍କ ପାଇଁ ଏକ ଆହ୍ୱାନ ହୋଇରହିଛି। ନୂତନ ଶିଳ୍ପ ପ୍ରତିଷ୍ଠା, କୁଟୀର ଶିଳ୍ପର ବିକାଶ ଏବଂ ଅନ୍ୟାନ୍ୟ ସରକାରୀ ଚାକିରି ମାଧ୍ୟମରେ ଶିକ୍ଷିତ ବେକାରଙ୍କୁ କର୍ମନିଯୁକ୍ତି ଦେବା ନିହାତି ଆବଶ୍ୟକ। ଦୁର୍ଗମ ଅଞ୍ଚଳକୁ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଓ ଶିକ୍ଷାର ବିକାଶ ପାଇଁ ପ୍ରଶାସନିକ ଉଦ୍ୟମର ଆବଶ୍ୟକତା ମଧ୍ୟ ରହିଛି। ସବୁ ଭିତରେ ସହରାଞ୍ଚଳ ପ୍ରଦୂଷଣ ତାଲିକାରେ ଓଡ଼ିଶାର ପ୍ରଦର୍ଶନକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଯେଉଁଭଳି ଉଦ୍‌ବେଗ ପ୍ରକାଶ କରିଛନ୍ତି ତାହା ଚିନ୍ତାର ବିଷୟ। ଓଡ଼ିଶାର ଭୁବନେଶ୍ୱର ସମେତ ୭ଟି ସହର ଏହି ପ୍ରଦୂଷଣ ତାଲିକାରେ ରହିଛି। ସହରାଞ୍ଚଳ ପରିବେଶକୁ ସୁରକ୍ଷିତ ରଖିବା ଲାଗି ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ତାହାର ଜବାବ ତଲବ କରାଯାଇଛି। ପ୍ରଦୂଷଣ ଯୋଗୁ ନିଃଶ୍ୱାସ ପ୍ରଶ୍ୱାସ ନେବା ଓ ରୋଗ ସଂକ୍ରମଣର ଭୟ ଥିବାର ଏନ୍‌ଜିଟି କଡା ତାଗିଦ କରିଛନ୍ତି। ଏନ୍‌ଜିଟିର ତାଗିଦ ପରେ ସହରାଞ୍ଚଳ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ବାୟୋଡାଇଭରସିଟ୍ କମିଟି ଗଠନ କରିବା ସ୍ୱାଗତଯୋଗ୍ୟ। ଏହି କମିଟିର ବିନା ଅନୁମତିରେ ସହରାଞ୍ଚଳରୁ ବୃକ୍ଷ କଟାଯାଇ ପାରିବ ନାହିଁ ବୋଲି ଜଣାପଡିଛି। ତେବେ ସାଧାରଣ ଲୋକଙ୍କ ସର୍ବାଙ୍ଗୀନ ବିକାଶ ନିର୍ଭରଯୋଗ୍ୟ ସରକାରଙ୍କ କାର୍ଯ୍ୟ। ଏଥିପ୍ରତି ଧ୍ୟାନ ଦେଲେ ଲୋକ ସରକାରଙ୍କ ସହ ରହିବେ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସଶକ୍ତ ଯୁବଶକ୍ତି : କର୍ମକୁଶଳତା ଓ ଦକ୍ଷତା



ଡଃ.ଅରୁନ୍ଧତୀ ଦେବୀ

'ବିଶ୍ୱର ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ସଚେତନ ଯୁବଶକ୍ତି ଜାତି ବିବାଦ ଓ ଅସ୍ଥିରତା ପସନ୍ଦ କରନ୍ତି ନାହିଁ ବରଂ ଶାନ୍ତି ଓ ସ୍ଥିରତା ଜରିଆରେ ଦେଶର ସାମଗ୍ରିକ ବିକାଶ ଦିଗରେ ଚିନ୍ତା କରନ୍ତି -' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ବର୍ଷର ଶେଷ 'ମନ୍ କୀ ବାତ୍'ରେ ଦେଶବାସୀଙ୍କୁ ସମ୍ବୋଧିତ କରି ଅନେକ ଯୁବକଲ୍ୟାଣ କାର୍ଯ୍ୟକ୍ରମ ଉପରେ ମତ ରଖିଛନ୍ତି। ସଂପ୍ରତି ନାଗରିକତ୍ୱ ସଂଶୋଧନ ଆଇନ ପ୍ରତିବାଦରେ ଦେଶର କିଛି ସ୍ଥାନରେ ଅସ୍ଥିରତା ଦେଖାଦେଇଥିବାବେଳେ ସେଥିରେ ଛାତ୍ର ଓ ଯୁବବର୍ଗ କିଛିକାଂଶରେ ସଂପୃକ୍ତି ରହିଥିବାରୁ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଯୁବଶକ୍ତିଙ୍କୁ ସଚେତନ କରୁଥିବାର ବୁଝା ପଡୁଛି। ଛାତ୍ର ଓ ଯୁବ ସମାଜର ଦୀର୍ଘ ଓ ଅନେକ ଆଶା ସମ୍ଭାବନା ସୃଷ୍ଟିକାରୀ ଏକ ସମୁଜ୍ଜ୍ୱଳ ଭବିଷ୍ୟତ ରହିଛି। ସଂପ୍ରତି ବିଶ୍ୱ ପ୍ରତିଯୋଗୀତାପୂର୍ଣ୍ଣ ପ୍ରସଙ୍ଗକୁ ସାମ୍ନା କରୁଥିବାବେଳେ ଅର୍ଥନୈତିକ ଅସ୍ଥିରତା, ବେକାରୀ ବୃଦ୍ଧି ପାଉଛି। ପ୍ରଗତି ଯଦି ପଥଚ୍ୟୁତ ହୁଏ ତେବେ ଏହା ଅଧିକାଂଶରେ ଚାପ ସୃଷ୍ଟି କରିବା ସହ ବିଭ୍ରାନ୍ତ କରିଥାଏ ଯୁବବର୍ଗଙ୍କୁ।

ଦେଶରେ ବିକାଶ ହେବାକୁ ହେଲେ ଯୁବ ସମାଜକୁ ଜାଗ୍ରତ କରିବାକୁ ହେବ। ଦେଖିବାକୁଗଲେ ପ୍ରକୃତ ଶକ୍ତି ଗୁଳିଗୋଳାରେ ନଥାଏ, ଥାଏ ଯୁବକଙ୍କ ହାତମୁଠାରେ। ବିଶ୍ୱରେ ଭାରତର ସ୍ଥିତିକୁ ଜାହିର କରିବାକୁ ହେଲେ ନିଜ ଦେଶର ଯୁବଶକ୍ତିଙ୍କୁ ହିଁ ସଶକ୍ତ କରିବାକୁ ପଡ଼ିବ। ଫ୍ରାଙ୍କଲିନ୍ ରୁଜଭେଲ୍ଟ ଥରେ କହିଥିଲେ - ଆମେ ସବୁବେଳେ ଆମ ଯୁବବର୍ଗଙ୍କ ପାଇଁ ଭବିଷ୍ୟତ ନିର୍ମାଣ କରିପାରିବା ନାହିଁ, ମାତ୍ର ଭବିଷ୍ୟତ ପାଇଁ ଯୁବବର୍ଗଙ୍କୁ ତିଆରି କରିବାକୁ ପଡ଼ିବ। ଏହି କଥାର ଯଥାର୍ଥତାକୁ ଲକ୍ଷ୍ୟ କଲେ ଯୁବବର୍ଗ ହିଁ ଦେଶକୁ ସଶକ୍ତ କରିବାକୁ ହେଲେ ମେରୁଦଣ୍ଡର ଭୂମିକା ତୁଲାଇ ପାରିବେ। ଆକଳନ ଅନୁସାରେ ୬୦ କୋଟିରୁ ଊର୍ଦ୍ଧ୍ୱ ଯୁବବର୍ଗ ବର୍ତ୍ତମାନ ନିଜର କର୍ମ ନିଯୁକ୍ତି ପାଇଁ ଅପେକ୍ଷା କରି ରହିଛନ୍ତି। ଏହିଭଳି ଏକ ବିଷମ ପରିସ୍ଥିତିରେ ଦକ୍ଷତା ବିକାଶ ଏହି ଆଶାୟୀଙ୍କ ପାଇଁ ସାହାରା ହୋଇପାରିବ ବୋଲି ଆଶା ପ୍ରକଟ କରି ଭାରତ ସରକାର ଦକ୍ଷତା ବିକାଶ ବା ସ୍କିଲ ଡେଭଲପମେଣ୍ଟକୁ ଗୁରୁତ୍ୱ ସହ ବିଚାରକୁ ନେଇ ବିଭିନ୍ନ ରାଜ୍ୟ ସରକାରଙ୍କ ସହଯୋଗରେ କାର୍ଯ୍ୟ ହାତକୁ ନେଇଛନ୍ତି। ଏହାଦ୍ୱାରା କୋଟି କୋଟି ଯୁବଗୋଷ୍ଠୀ ବିପଥଗାମୀ ନ ହୋଇ ବିଭିନ୍ନ କ୍ଷେତ୍ରରେ ନିଜର କର୍ମ ନିପୁଣତାକୁ ପ୍ରମାଣ କରିବା ସହ ରୋଜଗାର କରିବାର ବାଟ ବି ପାଇପାରିବେ। ଭାରତର ଅଧା ଅର୍ଥାତ୍ ୬୦.୩ ପ୍ରତିଶତ ଜନସଂଖ୍ୟାର ସମବୟସ୍କ ପର୍ଯ୍ୟାୟରେ ଆସୁଛନ୍ତି ୧୫ରୁ ୫୯ ବର୍ଷର ଲୋକ। ୨୭.୫ ପ୍ରତିଶତ ଯୁବପିଢ଼ୀ ୧୫ରୁ ୨୯ ବର୍ଷ ବୟସ୍କ। ୨୦୧୧ ଜନଗଣନା ଅନୁସାରେ ୨% ହାରରେ ବଢୁଛି ଫଳରେ ପ୍ରତିବର୍ଷ ୧୦ ନିୟୁତ ଲୋକ ଯୁବକଯୁବତୀ ଶ୍ରମବଜାରରେ ପ୍ରବେଶ କରୁଛନ୍ତି। ଏଣୁ ଯଦି ଏହି ଯୁବବର୍ଗଙ୍କୁ ନିଶ୍ଚିତ କର୍ମ ନିଯୁକ୍ତିର ଆବଶ୍ୟକତା ରହିଛି, ଯାହାର ଭରଣା ଦକ୍ଷତା ବିକାଶ କରିପାରିବ ବୋଲି ସମ୍ଭାବନା ମଧ୍ୟ ଦେଖାଦେଇଛି।

ଦେଶର ବେକାରୀ ସମସ୍ୟାକୁ ଆଖି ଆଗରେ ରଖି ବିଭିନ୍ନ ବିଭାଗରେ ଦକ୍ଷତା ଅର୍ଜନ କରିପାରିଲେ ଯେଉଁ କର୍ମନିଯୁକ୍ତିର ନିଶ୍ଚିତତା ରହିଛି, ତାହା ପୂରଣ ହୋଇପାରିବ ବୋଲି ଏହିଭଳି କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି। ୧୮ରୁ ୨୯ ବର୍ଷ ବୟସ୍କ ସାର୍ଟିଫିକେଟ ପାଠ୍ୟକ୍ରମରେ ଯୋଗ୍ୟତା ହାସଲ କରିଥିବା ଶିକ୍ଷିତଙ୍କ ସଂଖ୍ୟା ଏକ ତୃତୀୟାଂଶରୁ ଅଧିକ। ଗ୍ରାଜୁଏଟ କିମ୍ବା ତା ଠାରୁ ଅଧିକ ପାଠ ପଢ଼ିଥିବା ଯୁବଗୋଷ୍ଠୀଙ୍କ ସଂଖ୍ୟା ୪୮ ପ୍ରତିଶତରୁ ବି ଅଧିକ। ଦେଖାଯାଇଛି ଦେଶର ୩୮.୧ ଯୁବପିଢ଼ି କୃଷି ଓ ଏହାର ଆନୁସଙ୍ଗିକ ବ୍ୟବସ୍ଥା ସହିତ କର୍ମନିଯୁକ୍ତିରେ ଯୋଡ଼ି ହୋଇରହିଥିବା ବେଳେ ୧୯.୪ ବାଣିଜ୍ୟ, ହୋଟେଲ କିମ୍ବା ସେହି ସଂପର୍କିତ ବିଭାଗ ସହିତ ଯୋଡ଼ି ହୋଇ ରହିଥାନ୍ତି। ୧୫.୧ ନିର୍ମାଣ ଓ ୧୩.୧ ନିର୍ମାଣ କ୍ଷେତ୍ରରେ ରହିଛନ୍ତି। କିନ୍ତୁ ଏହା ବେକାର ଥିବା ଯୁବଗୋଷ୍ଠୀଙ୍କୁ ଆଶାଜନକ ନିଯୁକ୍ତିର ପରିମାଣ ହୋଇ ନଥିବା ବେଳେ ଅଣକୃଷି କ୍ଷେତ୍ରରେ ବି ସେମାନଙ୍କ ଯୋଗଦାନ ନୈରାଶ୍ୟଜନକ ମଧ୍ୟ ରହିଛି। ଅଧିକାଂଶ ଶିକ୍ଷିତବର୍ଗରେ ରହୁଥିବାରୁ ସେମାନେ କୃଷି ସମ୍ବନ୍ଧୀୟ କ୍ଷେତ୍ରରେ ନିଯୁକ୍ତି ରହିବାକୁ କୁଣ୍ଠାପ୍ରକାଶ କରିଥାନ୍ତି। ଦେଶରେ ଶିକ୍ଷିତ ସଂଖ୍ୟା ଅଧିକ ହେଲେ ବି କୁଶଳୀ ବା ଦକ୍ଷଙ୍କ ସଂଖ୍ୟା ବହୁତ କମ୍ ଥିବାରୁ ସେମାନଙ୍କର କର୍ମ ନିଯୁକ୍ତି ପାଇଁ ସମସ୍ୟା ଦେଖାଦେଇଛି। ଦକ୍ଷତା ହେଉଛି ଏକ ମାଧ୍ୟମ ଯାହାଦ୍ୱାରା ଯୁବବର୍ଗଙ୍କୁ ଆଗ୍ରହ ଥିବା ବିଭାଗରେ ତାଲିମ ପ୍ରଦାନ କରି କର୍ମନିଯୁକ୍ତି ଯୋଗାଇବାର ବାଟ ପରିଷ୍କାର କରିଛି। ନିଯୁକ୍ତିର ଅଭାବ ଯୋଗୁଁ ଆଜିର ଯୁବସମାଜ କୌଣସି କାମ ଧନ୍ଦା ନପାଇ ନିଶାସେବନ ଠାରୁ ଆରମ୍ଭ କରି ବିଭିନ୍ନ ମନ୍ଦକାର୍ଯ୍ୟରେ ଲିପ୍ତ ରହୁଥିବା ଏକ ସର୍ଭେକ୍ଷଣରୁ ଜଣାପଡ଼ିଛି। ଏହି ସର୍ଭେକ୍ଷଣ ଅନୁସାରେ ବିଶେଷକରି ଯୁବକମାନେ କୌଣସି କର୍ମନିଯୁକ୍ତି ନପାଇ ନିରାଶ ହୋଇପଡ଼ିବା କାରଣରୁ କୁସଙ୍ଗରେ ପଡ଼ିବା, ନିଶାସେବନ କରିବା, ନିଜର ପକେଟ ଖର୍ଚ୍ଚ କରିବାକୁ ଚୋରି ଡକାୟତି, ଛିନ୍‌ତାଇ, ରାହାଜାନୀ ଭଳି କାମ କରିବାକୁ ପଛେଇ ଯାଇନଥାନ୍ତି। ଯେତେକ ଅପରାଧ ଆଜିକା ଦିନରେ ଘଟୁଛି ଊଣାଧିକେ ଯୁବ ସମାଜ ସମ୍ପୃକ୍ତ ବୋଲି ଜଣାପଡ଼ିଛି। ଦେଶର ଯୁବଶକ୍ତି ଯଦି ଏଭଳି କାମରେ ସମ୍ପୃକ୍ତ ରୁହନ୍ତି ଏହା ନିଶ୍ଚିତ ଭାବରେ ସାମାଜିକ ପ୍ରଗତିର ବାଧକ ସାଜିବା ସହ ଅନେକ ବିଭ୍ରାନ୍ତିର ସୂତ୍ରପାତ ହେବା ପରିଲକ୍ଷିତ ହେବ। ଏଣୁ ଦକ୍ଷତା ବିକାଶ ହେଉଛି ଏହାର ଏକ ବିକଳ୍ପ ଯାହାଦ୍ୱାରା ଯୁବ ସମାଜ ନିଶ୍ଚିତ କର୍ମନିଯୁକ୍ତିରେ ସାମିଲ ହୋଇ ନିଜର କ୍ୟାରିୟର ଗଠନ କରିପାରିବେ। ଗ୍ରାମାଞ୍ଚଳରେ ବେକାର ଯୁବକ ଯୁବତୀଙ୍କୁ ନେଇ ଆରମ୍ଭ କରାଯାଇଥିବା ଏହି ଯୋଜନାରେ କିଭଳି ଅଧାରୁ ପାଠ ଛାଡ଼ିଥିବା ବା ପାଠ ପଢ଼ି ବେକାର ହୋଇଥିବା ଛାତ୍ରଛାତ୍ରୀଙ୍କୁ ଦକ୍ଷତା ତାଲିମ ଦିଆଯାଇ ନିଯୁକ୍ତି ଦିଆଯିବ, ସରକାର ବନ୍ଦୋବସ୍ତ କରିଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏହାର ତତ୍ତ୍ୱାବଧାରକ ରହି ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାକୁ ଘରୋଇ ଭାବରେ ଦେଇ ଏହାର କାର୍ଯ୍ୟ ସମାପନ କରାଯାଉଛି। ଦେଶରେ ବାସ କରୁଥିବା ଜନଜାତି ସଂପ୍ରଦାୟର ଯୁବଗୋଷ୍ଠୀଙ୍କ ପାଇଁ ତଥା ବାମପନ୍ଥୀ ଅଧ୍ୟୁଷିତ ଇଲାକାରେ ଦକ୍ଷତା ତାଲିମ ଦେଇ କୁଶଳୀ କରିବା ଉଦ୍ଦେଶ୍ୟରେ ରୋସନୀ କାର୍ଯ୍ୟକ୍ରମ ମାଧ୍ୟମରେ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ନିଆଯାଇଛି। ବିଶେଷକରି ଦେଶର ୨୭ଟି ନକ୍ସାଲାଇଟ ଅଞ୍ଚଳରେ ଏହାର କାର୍ଯ୍ୟକାରିତାକୁ ନେଇ ୩,୬,୯,୧୨ ମାସିଆ ଟ୍ରେନିଂ ବ୍ୟବସ୍ଥା କରାଯାଇ ସେମାନଙ୍କୁ କୁଶଳୀ କରିବା ସହ ସ୍ୱାବଲମ୍ବୀ କରାଯାଉଛି। ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଜାମ୍ମୁ-କାଶ୍ମୀରରେ ଯେଉଁ ଯୁବକମାନେ ନିଜକୁ ନିଯୁକ୍ତି ସହ ସାମିଲ ନକରି ବିଭିନ୍ନ ବିରୋଧୀ ଗୋଷ୍ଠୀରେ ସାମିଲ ହେଉଛନ୍ତି, ଏହା ମାଧ୍ୟମରେ ସେମାନଙ୍କୁ ନିଯୁକ୍ତି ସୃଷ୍ଟି କରିବା ଉଦ୍ଦେଶ୍ୟରେ କର୍ପୋରେଟ ଭାରତ ସହ ଯୋଡ଼ିବାର ଲକ୍ଷ୍ୟ ରଖାଯାଇଛି। ଭାରତର ପ୍ରଗତିରେ ଯୁବଶକ୍ତିର ସାମଗ୍ରିକ ବିକାଶ ଜାତୀୟ ପ୍ରଗତିକୁ ତ୍ୱରାନ୍ୱିତ କରିବ।

*ଶୋଭନୀୟ ଆନ୍ଦୋଳନ,*
*ଉଦୟଗିରି, ଯାଜପୁର*
*ଦୂରଭାଷ : ୯୯୩୭୧୭୨୮୧୦*

# ମାନବ ସମାଜ ପାଇଁ ଆଧ୍ୟାତ୍ମିକ ଶିକ୍ଷା



କୁମୁଦ ଚନ୍ଦ୍ର ପଟ୍ଟନାୟକ

ପ୍ରାଚୀନ ଭାରତର ଗୁରୁକୁଳମାନଙ୍କରେ ଶିଷ୍ୟମାନେ ସବୁ ବିଦ୍ୟାରେ ପାଣ୍ଡିତ୍ୟ ଲାଭ କରିବା ପରେ ପବିତ୍ର ତପୋବନ ତ୍ୟାଗ କରିବା ସମୟରେ ପ୍ରେମମୟ ଗୁରୁ ସେମାନଙ୍କୁ ଆଶୀର୍ବାଦ କରୁଥିଲେ ଏବଂ ଜୀବନରେ କେତେକ ଅଭ୍ୟାସ ଓ ମନୋଭାବ ଅନୁଶୀଳନ କରିବାକୁ ଏବଂ କେତେକ ଆଦର୍ଶ ପାଳନ କରିବାକୁ ଉପଦେଶ ଦେଉଥିଲେ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବାହ୍ୟଜଗତରେ ପ୍ରବେଶ କରିବାକୁ ଯାଉଥିବା ଛାତ୍ରମାନଙ୍କୁ ଉପାଧି ପ୍ରଦାନ ଅବସରରେ ଆଜିକାଲି ଦିଆଯାଉଥିବା ଦୀକ୍ଷାନ୍ତ ଭାଷଣ ସେହି ଆଶୀର୍ବଚନ ଓ ସେହି ଉତ୍ସାହପ୍ରଦ ଉପଦେଶର ଏକ ଦୁର୍ବଳ ପ୍ରତିରୂପ।

ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟସମ୍ଭାଷଣରେ କହିଛନ୍ତିଯେ, 'ସେତେବେଳେ ପ୍ରଦାନ କରାଯାଉଥିବା ସନ୍ଦେଶ ଅତ୍ୟନ୍ତ ଜ୍ଞାନଦୀପ୍ତ ଏବଂ ଦୈନନ୍ଦିନ ଜୀବନରେ ବ୍ୟାବହାରିକ ପ୍ରୟୋଗ ପାଇଁ ଉପଯୁକ୍ତ ଥିଲା ତଥା ପ୍ରତିଟି ବାଣୀ ଅମୃତୋପମ ଥିଲା। ପ୍ରତ୍ୟେକ ଉପଦେଶରେ ପ୍ରେରଣାର ଆଚ୍ଛାଦନ ରହିଥିଲା। ସନ୍ଦେଶର ସ୍ୱର ଓ ହିତକାରୀ ପ୍ରଭାବ ସମୟ ଗର୍ଭରେ ଲୀନ ହୋଇ ଯାଇଛି ଏବଂ ଏକ ବିସ୍ମିତ ସ୍ୱପ୍ନରେ ପରିଣତ ହୋଇଛି। ଛାତ୍ରମାନଙ୍କର କଲ୍ୟାଣ ପାଇଁ ତୈତ୍ତିରୀୟ ଉପନିଷଦର ଦିକ୍ଷାବଲ୍ଲୀର ଅମରବାଣୀ ଆବୃତ୍ତି କରାଯିବାବେଳେ ସେ କାଳର ଶିଷ୍ୟମାନେ ସେଗୁଡ଼ିକ ଦ୍ୱାରା ରୋମାଞ୍ଚିତ ଓ ରୂପାନ୍ତରିତ ହେଉଥିଲେ। ସେହି ସନ୍ଦେଶ ପ୍ରତି ଆଜିର ଛାତ୍ରମାନଙ୍କର ପ୍ରତିକ୍ରିୟା ବିଚିତ୍ର ଓ ବିସ୍ମୟର ଏକ ସମାହାର ମାତ୍ର। କିନ୍ତୁ ସେହି ସନ୍ଦେଶ ଅଳୀକ ଲକ୍ଷ୍ୟ ପ୍ରତି ଅବାଞ୍ଛିତ କାମନା ଓ ବ୍ୟର୍ଥ ଅନ୍ୱେଷଣ ଜନିତ ଚିନ୍ତା ଓ ଉଦ୍‌ବେଗର ଅସରନ୍ତି ତରଙ୍ଗରେ ଇତସ୍ତତଃ ହେଉଥିବା ଆଜିର ଛାତ୍ରମାନଙ୍କ ପାଇଁ ଆଲୋକ ସ୍ତମ୍ଭ ଭାବରେ କାମ କରିପାରେ। ଆଧୁନିକ ଶିକ୍ଷାପଦ୍ଧତିର ଉଲ୍ଲେଖନୀୟ ପରିଣାମ ହେଉଛି ସୋରିଷ ଆକାରର ଜ୍ଞାନ ଆହରଣ କରି କଖାରୁ ଆକାରର ଗର୍ବ କରିବା। ଛାତ୍ରମାନେ ଅସୀମ ପୁରସ୍କାର ପାଇଁ ଅଭିଳାଷ କରୁଛନ୍ତି। ଶିକ୍ଷା ନୈତିକ ଓ ଆଧ୍ୟାତ୍ମିକ ଉତ୍କର୍ଷ ବଢ଼ାଇବା ଉଚିତ। ଛାତ୍ରମାନେ ଚିତଶୁଦ୍ଧି କରିବାକୁ ନିଜ ଗୋଡ଼ରେ ଠିଆ ହେବାକୁ ଏବଂ ମନୁଷ୍ୟମାନଙ୍କର ସେବା କରିବାକୁ ଆବଶ୍ୟକ ବୁଦ୍ଧିର ଅନୁଶୀଳନ କରିବା ଉଚିତ। ନେପୋଲିୟନ ତାଙ୍କ ଲୋକମାନଙ୍କୁ କହୁଥିଲେ, 'ନିର୍ମଳ ହୁଅ, ତାହେଲେ ସବୁ କଥା ମିଳିଯିବ।' ନିର୍ମଳ ଓ ଦୃଢ଼ ମନ କଠିନତମ କାର୍ଯ୍ୟ ମଧ୍ୟ ସହଜରେ କରିପାରିବ।'

ଅତୀତରେ ଛାତ୍ରମାନେ ସରଳ ଜୀବନ ଓ ଉଚ୍ଚ ବିଚାରର ଅନୁଶୀଳନ କରୁଥିଲେ। କିନ୍ତୁ ଆଜି ସେମାନେ ଉଚ୍ଚ ଜୀବନ ଓ ହୀନ ବିଚାରରେ ନିୟୋଜିତ ଅଛନ୍ତି। ଉଚ୍ଚ ଜୀବନ ପାଇଁ ଧନ ଅର୍ଜନ ଓ ଠୁଳ କରିବା ଆବଶ୍ୟକ। ଯାହାକି ମୁଦ୍ରାସ୍ଫୀତି ଓ ମୂଲ୍ୟହ୍ରାସର ବିଷୟ। କିନ୍ତୁ ଜ୍ଞାନ ଓ ଚରିତ୍ରର ଧନ ଏ ଦୁଇଟିରୁ ମୁକ୍ତ। ଏହାକୁ ନିଆଁ ଜାଳିପାରିବ ନାହିଁ କି ଶାସକ ବାଜ୍ୟାପ୍ତ କରିପାରିବେ ନାହିଁ। ବଢ଼ି ଓଦା କରିପାରିବ ନାହିଁ କି ଚୋରମାନେ ନେଇ ପାରିବେ ନାହିଁ ବୋଲି ପ୍ରବାଦ ଅଛି। ଜ୍ଞାତିକୁଟୁମ୍ବମାନେ ଏହା ଉପରେ ଦାବି କରିପାରିବେ ନାହିଁ। ଏହି ବିଶେଷ ଧନରେ ଅନ୍ୟମାନଙ୍କୁ ଭାଗ ଦିଅ। ଏହା ସରିଯାଏ ନାହିଁ, ମାତ୍ର ପ୍ରତ୍ୟେକ ଦାନରେ ବଢ଼ିଚାଲେ। ଧନ ଠୁଳ କଲେ ବନ୍ଧୁ ବୋଲି ଛଳନା କରୁଥିବା ଚାଟୁକାରଙ୍କ ଦ୍ୱାରା ଜଣେ ଦୁହିଁ ହୋଇଯିବ। ଆଜିକାଲି ଛାତ୍ରମାନଙ୍କ ମଧ୍ୟରେ ନାସ୍ତିକତା ଜୋରସୋରରେ ବଢ଼ି ଚାଲିଛି। ସେମାନେ ପ୍ରାକୃତିକ, ଭୌତିକ ଓ ଆଧ୍ୟାତ୍ମିକ ବିଜ୍ଞାନ ଉପରଠାଉରିଆ ଓ ଅମନଯୋଗୀ ଅଧ୍ୟୟନର ପରିଣାମସ୍ୱରୂପ ମୌଳିକ ମାନବୀୟ ଗୁଣଗୁଡ଼ିକର ମଧ୍ୟ ବିସ୍ମରଣ ଓ ଉପେକ୍ଷା କରୁଛନ୍ତି। ବୈଜ୍ଞାନିକମାନେ ଦେଖିବାକୁ ବିଶ୍ୱାସ କରିବା ବୋଲି କହୁଛନ୍ତି, କିନ୍ତୁ ଆଖିକୁ ବିଶ୍ୱାସ କରି ହେବ କି ? ବିଶ୍ୱାସ କରିବା ସକାଶେ ମନ, ଆନନ୍ଦ, ବିଷାଦ ଓ ଆତ୍ମାକୁ ଆଖିରେ ଦେଖି ହେବ କି ? ଦେଖିବା ନୁହେଁ, ଅନୁଭୂତି କରିବା ହିଁ ବିଶ୍ୱାସ କରିବା। ସେହିପରି ଖୁବ୍ କମ୍ ଲୋକ 'ନେତି ନେତି'ର କଠୋର ସାଧନା ପରେ ଭଗବାନଙ୍କୁ ଉପଲବ୍ଧି କରିଛନ୍ତି, କିନ୍ତୁ ଅନେକ ସେମାନଙ୍କ କଥାକୁ ଯଥାର୍ଥ ଓ ସତ୍ୟ ରୂପେ ଗ୍ରହଣ କରନ୍ତି। ଭଗବତ ଦ୍ରଷ୍ଟାମାନେ ଯାହା ଦେଖିଛନ୍ତି ତାହା ବର୍ଣ୍ଣନା କରିଛନ୍ତି, କିନ୍ତୁ ଲୋକମାନେ ସେଗୁଡ଼ିକ ଉପରେ ବିଶ୍ୱାସ କରିବାବେଳେ ତାହାକୁ ଅନ୍ଧବିଶ୍ୱାସ ବୋଲି ନିନ୍ଦା କରାଯାଏ। ସତେଯେପରି ଛାୟାପଥରେ ଥିବା ଅସଂଖ୍ୟ ନକ୍ଷତ୍ରପୁଞ୍ଜଗୁଡ଼ିକୁ ଦେଖି ଘୋଷଣା କରୁଥିବା ଲୋକମାନଙ୍କ କଥା ଉପରେ ବିଶ୍ୱାସ ଅନ୍ଧବିଶ୍ୱାସ ନୁହେଁ। ଭଗବାନଙ୍କ ଉପରେ ବିଶ୍ୱାସ କର, ତାହେଲେ ତୁମେ ଭଗବାନଙ୍କର ଅନୁଭୂତି ଲାଭ କରିପାରିବ। ନିଜ ଉପରେ ବିଶ୍ୱାସ କର, ତାହେଲେ ତୁମେ ଭଗବାନଙ୍କୁ ବିଶ୍ୱାସ କରିପାରିବ। ଶ୍ରୀ ସତ୍ୟସାଇ ବାବା ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି 'ଜଗତ ଅଣୁରେ ଗଢ଼ା ବୋଲି ବୈଜ୍ଞାନିକମାନେ କହନ୍ତି। ଆଧ୍ୟାତ୍ମିକ ଋଷିମାନେ 'ଅଣୋରଣୀୟାନ୍ ମହିତୋ ମହୀୟାନ୍' ବୋଲି କହନ୍ତି। ସମୁଦ୍ରକୂଳରୁ ଲବଣପିଣ୍ଡ ମିଳେ। ସେହିପରି ସର୍ବବ୍ୟାପୀ ଦିବ୍ୟତ୍ୱର ଅବତାରର ରୂପ ଗ୍ରହଣ କରେ। ପିଣ୍ଡ ଅନେକ ଅଣୁରେ ଗଢ଼ା ହୁଏ। ସେହିପରି ଅବତାରତତ୍ତ୍ୱ ଅନେକ ଦିବ୍ୟ ଗୁଣରେ ଗଢ଼ା ହୋଇଛି। ଭୌତିକ ଓ ଆଧ୍ୟାତ୍ମିକ, ଦୁଇ ବିଜ୍ଞାନ ମଧ୍ୟରେ କଦାପି ବିଭେଦ ରହିନପାରେ, ଏକ ଅନ୍ୟର ପରିପୁରକ କାରଣ ପ୍ରକୃତି ସହିତ ସମ୍ବନ୍ଧିତ ବିଜ୍ଞାନଗୁଡ଼ିକର ଅନତିକ୍ରମ୍ୟ ସୀମା ରହିଛି। ସେଗୁଡ଼ିକ କେବଳ ସୃଷ୍ଟି ବସ୍ତୁର ଅଧ୍ୟୟନ କରିପାରିବେ। ସ୍ରଷ୍ଟା ଧର୍ମ ପାଇଁ ଅଧ୍ୟୟନର ଏକ ବିଶେଷ କ୍ଷେତ୍ର ଅଟନ୍ତି। ଜଣେ ବୈଜ୍ଞାନିକ, ଆଉ ଜଣେ ଋଷି ମୂଳକୁ ଦେଖେ। ବୈଜ୍ଞାନିକ ଭୂମି ଉପରେ ଥିବା ଗଛକୁ ଦେଖେ। ' ଚିତ୍ତଶୁଦ୍ଧି ଲାଭ ନକଲେ କେହି ଆଧ୍ୟାତ୍ମିକ ଅନ୍ୱେଷଣାରେ ସଫଳତା ହାସଲ କରିପାରିବ ନାହିଁ। ନିଜର ସତ୍ତା, ଭଗବାନଙ୍କ ବିଷୟରେ ସଚେତନ ହେଲେ ହିଁ ଏହା ସମ୍ଭବ। ତରୁଣମାନଙ୍କର କୋମଳ ମନରେ ଏହି ଜ୍ଞାନ ଭରି ଦେବା ପାଇଁ କୌଣସି ଚେଷ୍ଟା କରାଯାଉ ନାହିଁ। ପୃଥିବୀର ସମସ୍ତ ମହାର୍ଘ ସମ୍ପତ୍ତି ଅପେକ୍ଷା ମନୁଷ୍ୟ ଅଧିକ ମୂଲ୍ୟବାନ, କାରଣ ପ୍ରତ୍ୟେକ ମନୁଷ୍ୟ ଶରୀର ସର୍ବଶକ୍ତିମାନ ଭଗବାନଙ୍କର ମନ୍ଦିର। ଦେଶ ବା ମାନବଜାତିର ସମୃଦ୍ଧି ପାଇଁ ବ୍ୟକ୍ତି ଶକ୍ତିଶାଳୀ ଓ ପବିତ୍ର ହେବା ଦରକାର। କର୍ମ ବିନା ଜ୍ଞାନ ନିରର୍ଥକ। ଜ୍ଞାନ ବିନା କର୍ମ ନିର୍ବୋଧତା। ଶିକ୍ଷା ବିବେକ ଓ ଆଧ୍ୟାତ୍ମିକତା ମାଧ୍ୟମରେ ଉଜ୍ଜ୍ୱଳ ହେବା ଉଚିତ।

*ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ*
*କଳାବିକାଶକେନ୍ଦ୍ର ମାର୍ଗ, କଟକ*
*ଦୂରଭାଷ : ୯୪୩୭୨୬୬୭୬୬*



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

**ଆର୍ଜ୍ଜବମ (ନମ୍ରତା) –**

ଶ୍ରୀମଦ ଭଗବତ ଗୀତାର ନବମ ଅଧ୍ୟାୟ ରାଜବିଦ୍ୟାଗୃହ୍ୟ ଯୋଗରେ ଭଗବାନ ଶ୍ରୀକୃଷ୍ଣ ଆର୍ଭରେ ଅର୍ଜ୍ଜୁନଙ୍କୁ କହିଛନ୍ତି, 'ହେ ଅର୍ଜ୍ଜୁନ! ତୁ ଦୋଷ ରହିତ ଅଟୁ। ତେଣୁ ଯେଉଁ ପରମ ଗୋପନୀୟ ଜ୍ଞାନ ଓ ରହସ୍ୟ ଅଛି ତାହା ମୁଁ ତୋତେ କହିବି'। ଯାହା ଶୁଣିବା ପରେ ତୁ ଏ ଦୋଷ ରହିତ ସଂସାରରୁ ମୁକ୍ତ ହୋଇ ପାରିବୁ।

ଇଦଂ ତୁତେ ଗୁହ୍ୟତମଂ ପ୍ରବକ୍ଷାମ ନ ସୁୟତେ।

ଜ୍ଞାନଂ ବିଜ୍ଞାନ ସହିତଂ ଯଜ୍ଞାତ୍ୱା ମୋକ୍ଷାସେ{ଶୁଭାତ୍।।

ଆରମ୍ଭରେ ଜ୍ଞାନ ଓ ଅନ୍ତରେ ମୋକ୍ଷ ପ୍ରାପ୍ତିର ମାର୍ଗ କେବଳ ସରଳତା, ନମ୍ରତା ବା ଆର୍ଜବମ୍ ଅଟେ। ଶ୍ରୀକୃଷ୍ଣ ଆର୍ଜବମକୁ ଏକ ଦୈବୀଗୁଣ ବୋଲି ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ, ଯିଏ ନିଷ୍କପଟ, ନିଷ୍ପାପ ଅଟେ ସେ ମୋର ଅତିପ୍ରିୟ। ନିଷ୍କପଟ ବ୍ୟକ୍ତି ହିଁ ସରଳ ହୋଇପାରିଥାଏ। ଶ୍ରୀ ଶ୍ରୀ ମା ଆନନ୍ଦମୟୀଙ୍କର ପିଲାବେଳର ନାମ ଥିଲା ନିର୍ମଳା। ଲୋକେ ତାଙ୍କୁ ନିରୀ ବୋଲି ଡାକୁଥିଲେ। ତାଙ୍କ ସ୍ୱଭାଗ ଅତ୍ୟନ୍ତ ସରଳ ଥିବାରୁ ଲୋକେ କଥାବାର୍ତ୍ତା ହେଉଥିଲେ ନିରୀ ବହୁତ ସିଧା। ଦିନେ ସମସ୍ତେ ଦେଖିଲେ ପୋଖରୀରୁ ପାଣିଭରି ନିରୀ ବଙ୍କେଇ ବଙ୍କେଇ ଚାଲୁଛି। ଲୋକେ ପଚାରିବାରୁ ସେ ଉତ୍ତର ଦେଲେ ମୋତେ ସିଧା କହୁଛ ସେଥିପାଇଁ ବଙ୍କା ହେବା ପାଇଁ ଚେଷ୍ଟା କରୁଛି। କେତେ ଅଦ୍‌ଭୁତ ସରଳତା ଥିଲା ତାଙ୍କ ଭିତରେ। ସେଭଳି ଜଣେ ଦ୍ୱାଦଶ ଦର୍ଶନର ଆଚାର୍ଯ୍ୟ ଥିଲେ। ସେ ସଂସ୍କୃତ ଭାଷାରେ ପଣ୍ଡିତ ଥିଲେ କିନ୍ତୁ ଇଂରାଜୀ ଭାଷା ତାଙ୍କୁ ଆସୁନଥିଲା। ପ୍ରତ୍ୟେକ ଧର୍ମ ସଭାରେ ପ୍ରବଚନ ଦେଇ ସାରିବା ପରେ ପୁଣି ଦେଖା ହେବ, ହର୍ନ ପ୍ଲିଜ୍ ବୋଲି ସେ କହୁଥିଲେ। ଏଭଳି ବାରମ୍ବାର ଶୁଣିବା ପରେ ଜଣେ ସନ୍ଥ ତାଙ୍କ ପାଖକୁ ଯାଇ ପଚାରିଲେ ଆପଣ ପ୍ରତ୍ୟେକ ପ୍ରବଚନ ପରେ ପୁଣି ଦେଖା ହେବ, ହର୍ନ ପ୍ଲିଜ ବୋଲି କାହିଁକି କହୁଛନ୍ତି ? ସେ କହିଲେ ଦେଖନ୍ତୁ ମୁଁ ତ ବେଶୀ ଇଂରାଜୀ ଭାଷା ଜାଣିନାହିଁ କି ବ୍ୟବହାର କରିବାକୁ ଭଲ ପାଏନାହିଁ କିନ୍ତୁ ଆଜି କାଲି ଟିକେ କହିବାକୁ ପଡୁଛି। ଦିନେ ମୁଁ ଗାଡିରେ ଯିବା ବେଳେ ଟ୍ରାଫିକ ଜାମ ଥିବାରୁ ମୋ ଗାଡି ଅଟକି ଥିଲା ଓ ଆଗରେ ଗୋଟିଏ ଟ୍ରକ ବି ଅଟକି ଥିଲା। ସେହି ଟ୍ରକ ପଛରେ ଲେଖାଥିଲା ପୁଣି ଦେଖା ହେବ। ତାହା ତ ମୁଁ ପଢ଼ିନେଲି ହେଲେ ଇଂରାଜୀ ଭାଷାରେ ତଳେ ଯାହା ଲେଖାଥିଲା ତାକୁ ପାଖରେ ବସିଥିବା ପିଲାକୁ ପଚାରିନେଲି। ସେ କହିଲା ହର୍ନ ପ୍ଲିଜ। ମୁଁ ଜାଣିନେଲି ଯେ ପୁଣି ଦେଖାହେବ କହିବା ପରେ ହର୍ନ ପ୍ଲିଜ କହିବା ନିଶ୍ଚୟ ଆବଶ୍ୟକ ହୋଇଥିବ। ସବୁ ଶୁଣିସାରିବା ପରେ ପଚାରୁଥିବା ସନ୍ଥ ଜଣକ ବହୁତ ହସିଲେ ଏବଂ ଠିକ୍ କଥାଟି ତାଙ୍କୁ ବୁଝାଇବାରୁ ଅତି ସରଳତାର ସହିତ ସେ କହିଲେ ଆରେ ମୁଁ ଏତେ ବଡ ଭୁଲ କରୁଥିଲି ଯାହା ହେଉ ତୁମେ ମୋତେ ଶିଖାଇ ଦେଲ। ଦେଖନ୍ତୁ କେତେ ସରଳତା। ଦମ୍ଭ ମନରେ ନରଖି ନିଜ ଭୁଲ ସ୍ୱୀକାର କରିବା ବ୍ୟକ୍ତି ହିଁ ସରଳ ଅଟେ ତଥା ନମ୍ର ଅଟେ।

(କ୍ରମଶଃ)

# ରଘୁଆ ସାନ୍ତାକ୍ଲଜ

**ବିଜୟ କୁମାର ପଣ୍ଡା**

**ସ**ପିଙ୍ଗ ମଲରେ କେଉଁଦିନ ବାଘ, କେଉଁଦିନ ଭାଲୁ ଆଉ କେଉଁଦିନ ସାନ୍ତା କ୍ଲଜ ଏମିତି ଭେଳିକି ଭେଳି ବେଶଭୂଷା ହେଇ ମିଳୁଥିବା ମଜୁରୀରେ ଘର ଚଳୁଥିଲା ରଘୁଆର। ସ୍ତ୍ରୀ, ପୁଅ, ଝିଅକୁ ନେଇ ଚାରି ପ୍ରାଣୀର ସଂସାର। ଆମ ଗାଁ ପାଖ ଗାଁରେ ତା'ର ଘର ବୋଲି ଜାଣିଥିଲି ଏଇ ସହରକୁ ଆସିଲା ପରେ। କେବେଥରେ ଦେଖାହେଇ ପରିଚୟ ଦେଇଥିଲା ଆଉ ଫୋନ୍ ନମ୍ବରଟା ଦେଇ କହିଥିଲା, ସାର୍ ମୋ ଫୋନରେ ବାଲାନ୍ସ ନଥାଏ। କେବେ ଦରକାର ପଡିଲେ ମୁଁ ମିସ୍ କଲ ଦେବି ଆପଣ ଫୋନ୍ କରିବେ। ହଁ କିଛି ଦରକାର ହେଲେ, ନିଶ୍ଚିତ ଫୋନ କରିବ କହିଥିଲି। ମୁଁ ନିୟମିତ ସପିଙ୍ଗ ମଲ ଯିବା ଲୋକ ନୁହେଁ, ତଥାପି କେବେ କେମିତି ସପିଙ୍ଗ ମଲରେ ଦେଖାହୁଏ ବାଘ ବା ଭାଲୁ ବେଶରେ ଥିବା ବେଳେ କିନ୍ତୁ କଥା ହେବା କି ସମ୍ଭବ! ମାଲିକ୍‌ର ହୁକୁମ ଟିକେବି ବସି ହବନି, ସପିଙ୍ଗ ପାଇଁ ଆସୁଥିବା ସମସ୍ତଙ୍କୁ ଖାସ କରିକି ପିଲାମାନଙ୍କୁ ଭଳିକି ଭଳି ଅଙ୍ଗଭଙ୍ଗି ଦେଖେଇ ମନୋରଞ୍ଜନ କରିବାକୁ ପଡିବ। କ୍ରିଷ୍ଟମାସ ପୂର୍ବ ଦିନ ପିଲାଦୁହେଁ ସାନ୍ତାକ୍ଲଜ ଡ୍ରେସ୍ ଆଣିବାକୁ ଅଳି କରିଥିଲେ। ଦେହରେ ଜ୍ୱର ଜ୍ୱର ଭଳି ଲାଗୁଥିଲା, ହେଲେ ବି ଟିକେ ଡେରିରେ ମଧ୍ୟାହ୍ନ ପରେ ଯାଇଥିଲା, ମଜୁରୀ ମିଳିଲେ ପିଲାଙ୍କ ପାଇଁ ସାନ୍ତାକ୍ଲଜ ଡ୍ରେସ୍ ଆଣିବ। ହେଲେ ମାଲିକଙ୍କ ଠାରୁ ଗାଳି ଶୁଣିବାକୁ ମିଳିଥିଲା। ରାତି ପାହିଲେ କ୍ରିଷ୍ଟମାସ୍, କେତେ ଲୋକ ମାର୍କେଟିଂ କରିବାକୁ ଆସୁଛନ୍ତି। ତୁ ଏଇ ସମୟରେ ବାହାନା କରି ଡେରିରେ ଆସୁଛୁ? ଚାକିରି କରିବାକୁ ଇଚ୍ଛା ନାହିଁ କି ତୋର? ଆଜି ଦରମା ତୋର ଅଧା କାଟିଦେବି। ଇରେସ୍ପନସିବିଲ... ଇଡିଅଟ...' ମାଲିକ ଗାଳି କରି କହିଦେଇଥିଲେ ଆଉ ମିଳିଥିଲା ଅଧା ଦରମା। ପିଲା ଦୁହେଁ ଡେରି ରାତି ଯାଏଁ ଜଗିଥିଲେ ସାନ୍ତାକ୍ଲଜ ଡ୍ରେସ୍ ପାଇଁ କିନ୍ତୁ ଅଧା ମଜୁରିରେ ଡ୍ରେସ୍ ତ ଦୂରର ସେଦିନ ପେଟ ପୁରା ଖାଦ୍ୟ ବି ମିଳିଲାନି ପରିବାରକୁ। କାଲି ନିଶ୍ଚିତ ସାନ୍ତାକ୍ଲଜ ଡ୍ରେସ୍ ଆଣିଦେବ ବୋଲି କଥା ଦେଲା ପିଲାଙ୍କୁ ରଘୁଆ ଆଉ ସପିଙ୍ଗ ମଲରୁ ଖାଇକି ଆସିଛି କହି ଖାଲି ପେଟରେ ଶୋଇ ପଡିଲା। ପରଦିନ ଥିଲା କ୍ରିଷ୍ଟମାସ୍ ବଡ ଦିନ। ଦେହଟା ବିଲକୁଲ ଭଲ ଲାଗୁନଥିଲା, ଦେହହାତ ପ୍ରବଳ ବିନ୍ଧୁ ଥାଏ। ଡାକ୍ତର ପାଖକୁ ଯାଇ ଔଷଧ ଆଣିଦିଅ, ଦେହ ଟିକେ ଭଲ ହେଲେ ଯିବ ଉପରଓଳିକୁ ବୋଲି ରଘୁଆର ସ୍ତ୍ରୀ କହିଲା।

ଆଜି ବଡଦିନ ବହୁତ ଲୋକ ସପିଙ୍ଗ ମଲରେ। ଦିନରେ କଣ ଖାଇଛି କି ନାହିଁ କାହାକୁ ଜଣାନାହିଁ। ମୁଁ ପୁଅକୁ ଧରି ପ୍ରାୟ ସଂଧ୍ୟା ସାତଟା ହେବ ଯାଇଥାଏ। ସପିଙ୍ଗ ମଲରେ ପଶିଲା ବେଳେ ଦେଖିଲି ସେ ସାନ୍ତାକ୍ଲଜ ବେଶ ହୋଇ ଠିଆ ହୋଇଥିଲା। କେତେ ଝିଅ, ପୁଅ କୁନି ପିଲାମାନେ ସେଲ୍ଫି ନେଉଥିଲେ ତା' ସହ। ମୋ ପୁଅ ବି ଜିଦ୍ କରୁଥିଲା ଚାଲ ବାପା ଫଟୋ ନେବା। ଏତେ ଭିଡ ଦେଖି ମୁଁ ପୁଅକୁ ବୁଝେଇ କହିଲି ଏବେ କେବଳ ତା ସହ ହେଣ୍ଡ ସେକ୍ କରି ପଳେଇବା। ସେ ତ ଏଇଠି ଅଛି, ସପିଙ୍ଗ କରି ଫେରିଲା ବେଳେ ସେଲ୍ଫି ନେବା। ପୁଅ ପାଇଁ ସାନ୍ତାକ୍ଲଜ ଟୋପି କିଣିଲା ବେଳେ ରଘୁଆର ଛୁଆଙ୍କ ପାଇଁ ବି ଦୁଇଟି ଟୋପି ଆଉ ଦୁଇ ଟା ଗିଫ୍ଟ ମୁଁ କିଣିଥିଲି, ପୁଆ କହୁଥିଲା ଏ ସବୁ ମୁଁ ସେ ସାନ୍ତାକ୍ଲଜକୁ ଦେବି। ପ୍ରାୟ ରାତି ନ'ଟା ବାଜିବାକୁ ବାକି ଥାଏ ମୁଁ କିଣାକିଣି ସାରି ସାନ୍ତାକ୍ଲଜ (ରଘୁଆ) ଆଡକୁ ଫେରୁଥାଏ। ସାନ୍ତାକ୍ଲଜ ଯେମିତି ନିର୍ଜୀବ ପାଷାଣ ଭଳି ଠିଆ ହେଇଥିବା ଭଳି ଲାଗୁଥିଲା। ଜ୍ୱରରେ ପୀଡିତ କ୍ଲାନ୍ତ ଦେହଟା ଦିନସାରା ଭଳିକି ଭଳି ଲୋକଙ୍କର ମନୋରଞ୍ଜନ କରାଇ ନିସ୍ତେଜ ହେଇଯାଇଥାଏ। ଜୁଳୁଜୁଳୁ ଆଖି ଦୁଇଟା ଛଡା ଆଉ କଣ ଦେଖାଯାଉଛି ଯେ, କିଏ ଜାଣିବ ତା ଭିତରର ଦୁଃଖ। ମୁଁ ତାକୁ ହାତ ମିଶାଇ ଆଲିଙ୍ଗନ କରିବାକୁ ଗଲା ବେଳେ ସେ ଲଥ କିନା ବସି ପଡିଲା ତଳେ। ପାଖରେ ଥିବା ଲୋକମାନେ କିଛି ଧ୍ୟାନ ଦେଇ ନଥିଲେ। ଏ ମଲର ମ୍ୟାନେଜର କିଏ? ମୁଁ ପାଟି କରି ଡାକିଲି।

ତା' ଭିତରେ ମୋ ହାତରେ ଥିବା ପାଣି ବୋତଲଟା ଖୋଲି ପାଣି ପିଇବାକୁ ଦେଲି। ସେତେବେଳେ ଦେହରେ ପ୍ରବଳ ତାତି, ଦେହ ଥରୁଥାଏ। ତା'ର ଜଣେ ସହ କର୍ମୀଙ୍କ ସହାୟତାରେ ପାଖ କ୍ଲିନିକ୍‌କୁ ନେଇଗଲୁ। ଭାଇରାଲ ଫିବର ଭଳି ଜଣାଯାଉଛି। ମୁଁ ରକ୍ତ ପରୀକ୍ଷା ପାଇଁ ଦେଇଦେଉଛି, ସେ ପର୍ଯ୍ୟନ୍ତ ଏଇ ଔଷଧ ଖାଇବାକୁ ଦିଅ ଡାକ୍ତର କହିଲେ। ପ୍ରାୟ ରାତି ଦଶଟା ତିରିଶ ହେବ ଘରେ ପହଞ୍ଚିଲା ସାନ୍ତାକ୍ଲଜ ସାଥିରେ ମୁଁ ବି ଥିଲି ଅସୁସ୍ଥ ସାନ୍ତାକ୍ଲଜକୁ ଘରେ ପହଞ୍ଚାଇ ତା'ର ପିଲାମାନଙ୍କୁ ଗିଫ୍ଟ ଆଉ ଖାଦ୍ୟ ପୁଡିଆ ଦେବାକୁ। ରଘୁଆର ଦେହ ଅସୁସ୍ଥ ତଥା ଡାକ୍ତରଖାନା କଥା ସବୁ ଜଣେଇ, ଠିକ ସମୟରେ ଔଷଧ ଖାଇବାକୁ ଡାକ୍ତର କହିଥିବା କଥାଟା ଜୋର ଦେଇ କହିଲି। ବାବୁ ଆପଣ ହିଁ ଆମ ପାଇଁ ପ୍ରକୃତ ସାନ୍ତାକଲଜ ରଘୁଆର ସ୍ତ୍ରୀ ଲୁହ ଛଳଛଳ ଆଖିରେ କହିଲେ। ସାରା ଦୁନିଆ କେବଳ ସାନ୍ତାକ୍ଲଜର ଲାଲ ରଙ୍ଗର ବାହ୍ୟ ପୋଷାକରେ ଆବୃତ ବଳିଷ୍ଠ ଶରୀର, ଧଳା ରଙ୍ଗର ମୋଟା ମୋଟା ନିଶା ଦେଖି ଖୁସି ମନାଏ। ଦୁନିଆକୁ ରଘୁଆ ଭଳି ଅନେକ ସାନ୍ତାକ୍ଲଜର ପୋଷାକରେ ଆଭ୍ୟନ୍ତରୀଣ ମଣିଷଟିର ଦୁଃଖ କେବେ ଦିଶେନି ବାବୁ। ଏକଥା କହି ରଘୁଆର ସ୍ତ୍ରୀ କାନ୍ଦି ପକାଇଲା ବେଳେ ମୁଁ ସାନ୍ତ୍ୱନା ଦେଇ ଘରକୁ ଫେରିଲି।



*ସଫ୍ଟୱେର ପ୍ରଫେସନାଲ, ଗବେଷକ*
*ସବଙ୍ଗ, ସୁମିଳିଆ, ବାଲେଶ୍ୱର*
*ଭ୍ରାମ୍ୟଭାଷ : ୯୭୩୯୫୯୧୮୧୬*

# ସ୍ୱାଗତ ନବବର୍ଷ

**ମିନାକ୍ଷୀ ପଣ୍ଡା**

**ପୁଷ୍ପ** ଶଙ୍ଖଧ୍ୱନୀ ମନ୍ତ୍ର ଆବାହନୀ ସ୍ତୋତ୍ର ସ୍ୱାଗତିକା ଗାଇ
କରୁଛି ବରଣ ନବୀନତପନ ପ୍ରୀତି ପୁଷ୍ପାଞ୍ଜଳୀ ଦେଇ
ନବୀନ ବରର୍ଷ ସ୍ୱର୍ଣ୍ଣାଭେ ସୁବେଶ ଆସ ପ୍ରଭାତକୁ ଧରି
ଢାଳି ସ୍ନେହସିନ୍ଧୁ ପ୍ରତିପ୍ରାଣ ବିନ୍ଦୁ ବାନ୍ଧିଦିଅ ପ୍ରୀତିଡୋରି।

ନୂତନ ବରଷ ବିତରୁ ପ୍ରକାଶ ତମସା ହେଉ ହରଣ
ଆଶାର କିରଣ ଜାଗୁ ପ୍ରତି ପ୍ରାଣ ସତ୍ୟ ବସୁ ସିଂହାସନ
ଆତଙ୍କ ବିଲୟ ଅସତ୍ୟର କ୍ଷୟ ଲୋପ ହେଉ ଯୁଦ୍ଧ ଭୟ
ହା'ଅନ୍ନ ଚିତ୍କାର ରୋଗ, ଶୋକ ଦୂରଲଭୁ ସାମ୍ୟବାଦ ଜୟ।

ବହି ଶାନ୍ତିଗଙ୍ଗା ଉଦ୍‌ଘୋଷ ତ୍ରିରଙ୍ଗା ଜାଗୁ ଜାତି ପ୍ରୀତି ବହ୍ନି
ସବୁରି ହୃଦୟ ହେଉ ସୁଧାମୟ ଆଚରଣ ବିଭୁ ବାଣୀ
ମାନବ ଜୀବନ ଶ୍ରେଷ୍ଠ ବିଭୁଦାନ ମାୟାବନ୍ଧେ ବିସ୍ମରଣ
ପ୍ରତି ହୃଦେ ଈଶ କରିଛନ୍ତି ବାସ ଚେଉଁଉଠୁ ଦିବ୍ୟଜ୍ଞାନ।

ଆଣ ଦିବାକର ପୀୟୂଷ ଭଣ୍ଡାର ଏକତା ବାରତା ଧରି
ସୁନା କଳସୀରୁ ପୁଷ୍ପ-ଜଳ ଝରୁ ବିଶ୍ୱବାସୀ ଶିରୋପରି।

*ନୂଆପଡା*

# ପଥରର ସଂଗୀତ

**ଡ. ମୌସୁମୀ ପରିଡା**

**ଚା**ଲ, ପ୍ରତିଧ୍ୱନି ଫେରାଉଥିବା ସେ ଗଡ ଆଡେ
ନିଜ ଭିତରର ଶୂନ୍ୟତା ଖୋଜିବା ଆଳରେ।
ନିଃଶବ୍ଦତାମାନଙ୍କୁ ଖଂଜି ଗୀତ ଗାଉଥିବା
ପଥରମାନଙ୍କ ମେଳରେ ଗଛଟେ ରୋଇବା।
ତା ଭିତରର ଅନୁଭବକୁ କାନଡେରି ଶୁଣିବା।
ଗଛ ଓ ପଥରର ସଂପର୍କ କଣ!
କାଠବାକ୍ସ ଭିତରେ ବନ୍ଦୀ ଥିବା ଜୀବାଶ୍ମ ପରି?
ସବୁ ପ୍ରଶ୍ନକୁ ନିଜ ଭିତରେ ମାରିଦେଇ
ଚାଲ ମୂଳଚାଲ୍ କରିବା ତା ସହ।
ସେ ଠିକ୍ ଆମ ପରି ଶବ୍ଦ ଉଚ୍ଚାରିବ, କଥା କହିବ,
ବୋଲ ମାନିବ।
କିଛିଲୋକ ସିନ୍ଦୂର ଲଗାଇ ଈଶ୍ୱର କୁହନ୍ତି ତାକୁ,
ଆଉ କିଛି ସୈତାନ ମଣନ୍ତି!
ତା ଭିତରେ ସୁଅ ହୋଇ ବହୁଥାଏ ଜୀବନ
ବାରୁଦ ହୋଇ ଫୁଟିବାକୁ କି ମଳୟ ହୋଇ ଝୁମିବାକୁ
ଜଣାନଥାଏ, ଅହର୍ନିଶ ବେଦନାରେ ଜଳୁଥିବା
ଶରୀରର ଯନ୍ତ୍ରଣା ଭିତରେ ସେ ଥାଏ ଗଡଟେ ହୋଇ..
ପ୍ରତିଧ୍ୱନି ଫେରାଇବାକୁ!
ସେ ଜାଣେ ଜଡରୁ ଜୀବ ହେବାର କଳାତ୍ମକ ବିଧି
କିମିଆ କରିବାର ମନ୍ତ୍ର!

ରୋଜ ନିଜକୁ ଜାଳି ରାନ୍ଧୁଥିବା ଖାଦ୍ୟରେ
ସେ ହିଁ ତ ଥାଏ ପରୋକ୍ଷରେ।
ଆଖିରେ ଲୁହହୋଇ ବେଦନାକୁ ଫୁଙ୍କି ଲିଭାଉଥାଏ।
ଆମ ଶରୀର ଓ ମନ ଭିତରେ
ସେ ହିଁ ପଡିରହିଥାଏ ଅବଶେଷର ଗୋଛାପରି।
ସେଇଥିପାଇଁ ସେ କହିଛି- ଛାଡିଆସ,
ଯେତେକ କୌଶଳ ତାକୁ ହରାଇବାର,
ତା ନିରୁତା ଜଡତ୍ୱରେ ଜୀବନ ଆରୋପିବାର।
ସେ ବୋଧେ ଜାଣିସାରିଛି ମଣିଷମାନଙ୍କ ଅଭିସନ୍ଧି,
ପ୍ରତିମୁହୂର୍ତ୍ତରେ ଷଡଯନ୍ତ୍ରର ନାଟକ ରଚି ବିଜୟ ହାସଲ
କରିବାର କଳା, ଈଶ୍ୱରଙ୍କଠୁ ଈଶ୍ୱରତ୍ୱ ଛଡେଇ
ଗାଦି ହାସଲ କରିବାର ଦୁର୍ବାର ଲାଳସା।
ଅନ୍ୟକୁ ଲୁଟପାଟ କରି ନିର୍ବେଦ କରିବାର ଚତୁରତା।
ସେ କହିଛି- ଜୀବନ ପଥରକୁ ଜନ୍ମ ଦେଲାପରି
ପଥର ବି ଜୀବନଟେ ସର୍ଜିପାରେ!
ଏବେ ଛାଡିଆସ ସକଳ ମିଛ, ଠକାମି, ପ୍ରତାରଣା..
ଶବ୍ଦ ଫେରେଇବା ପୂର୍ବରୁ ତୁମ ଆଖିରୁ ଝରୁଥିବା
ପ୍ରତି ଲୁହବିନ୍ଦୁରେ ସେ ନିଜକୁ ଖୋଜିବ।
ଛାୟା ପରି କାୟା ବିସ୍ତାରିଥିବା
ଯାବତୀୟ ଅବଶୋଷରେ ତା ପ୍ରେମର ରଙ୍ଗ ଚଢେଇବ!

*ମାର୍ଫତ /ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ*
*ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର*
*କ୍ୱା.ନଂ- ୩ ଆର / ୪,ଜଗତସିଂହପୁର*

# ଭିନ୍ନ ଏକ ନୂଆବର୍ଷ

**ଶରତ ଚନ୍ଦ୍ର ଜାଲି**

**ସ**କାଳର ସୂର୍ଯ୍ୟ ଉଦୟ ହେଇ
ବିଛେଇଲାଣି ମେଞ୍ଚା ମେଞ୍ଚା ଜ୍ୟୋତିରାଶି
ବିହଙ୍ଗମାନଙ୍କର କଳରବରେ
ପ୍ରକମ୍ପିତ ହେବାକୁ ଲାଗିଲାଣି
ଗଗନ ... ପବନ....
ପଉଷ ମାସର ଶୀତଳ ସମୀର
ସ୍ପର୍ଶ କରିଲାଣି ଭିଜାଭିଜା ପୃଥିବୀକୁ।
ଏ କ'ଣ... ଆଜି ସକାଳୁ ସକାଳୁ
ଦେଖିବାକୁ ମିଳୁଛି...
ଭିନ୍ନ ଏକ ଚିତ୍ରପଟ
ଭିନ୍ନଭିନ୍ନ ଦୃଶ୍ୟରାଜି...
ସ୍ଥାନେ ସ୍ଥାନେ ନାଚଗୀତ...
ଭୋଜିଭାତ...
ଆଲୋକମାଳାରେ ସୁସଜିତ
ଆତସବାଜିର ଗୁରୁଗର୍ଜନ...
ସଭିଏଁ ଚଳଚଞ୍ଚଳ...
ଗାଁରୁ ସହର ଉତ୍ସବ ମୁଖର...
ଆବାଳ ବୃଦ୍ଧବନିତା
ନୂଆ ପରିଧାନ
ପରିଶୋଭିତ।
ନିରବରେ, ନିରୋଳାରେ, ଆପେ ଆପେ
ମନକୁ ମନ... ବସି ଭାବୁଭାବୁ
ଦୂରଭାଷ ଯନ୍ତ୍ରଟି ଚିତ୍କାର
କରିବାକୁ ଲାଗିଲା
ଆଉ ବାଜି ଉଠିଲା ଅତ୍ୟାଧୁନିକ
ହିନ୍ଦୀ ସଙ୍ଗୀତଟି...
ମୋର ନିରବତାକୁ ଭଙ୍ଗକରି...।
ବାର୍ତ୍ତାଳାପ ଛଳେ ଛଳେ
ନୂତନ ବର୍ଷର ଶୁଭେଚ୍ଛା ବାର୍ତ୍ତାଟି
କର୍ଣ୍ଣଗୋଚର କରିବା ପରେ ପରେ...
ବିବେକର ଅନ୍ଧିସନ୍ଧିରୁ ଭାସିଆସି
ବିଚାରର ଶୂନ୍ୟ ଇଲାକାରେ
ବସା ବାନ୍ଧିଲାଣି..
ଗୋଟିଏ ପରେ ଗୋଟିଏ ଚିନ୍ତନ
ଆଉ ଅନ୍ତରେ ଅନ୍ତରେ
ହେବାକୁ ଲାଗିଲାଣି ମନ ମନ୍ଥନ।
ଏ କ'ଣ ଆମ ମାନଙ୍କର...
ଆମ ଜାତିର ନୂଆବର୍ଷ?
ଆମ ସଂସ୍କୃତି, ଆଦର୍ଶ, ଐତିହ୍ୟ, ପରମ୍ପରାର
କିଞ୍ଚିତ ମହକ ନାହିଁତ...
ତା'ର ଆଗମନରେ...
ତାହା ହେଲେ ଏତ...
ଭିନ୍ନ ଏକ ନୂଆବର୍ଷ...।
ଏଠି ସବୁ ପୁରୁଣାର ଗନ୍ତାଘର...
ମନ, ଦେହ, ଗୁଣ, ପ୍ରକୃତି, ଭାବନା,
କାମନା, ବାସନା...
ସର୍ବୋପରି ବିଭୁଙ୍କ ପ୍ରାର୍ଥନା।
ସଭିଏଁ ଏଠି ସ୍ୱାର୍ଥବାଦୀ, ମାୟାବୀ
ଛଳନାରେ ଆତଯାତ ହେଉଥିବା ଜଣେ ଜଣେ
କୁଟିଳ ମଣିଷ...।
ସେଇ ପୁରୁଣା ମନ ଓ କୁଟିଳ ହୃଦୟରେ
ଛଳନାର ରଙ୍ଗ ମାରି...
ମଦ, ମାସରେ ମାତଲ ହେଇ
ପାଳନ କରାଯାଉଥିବା
ଭିତ୍ତିହୀନ ପର୍ବର ନାଁ
କ'ଣ ହୋଇପାରେ?
ଏତିକି ବେଳେ ଭାସି ଆସିଲା ଶୂନ୍ୟରୁ...
ଶୂନ୍ୟ ଶୂନ୍ୟ ମହାଶୂନ୍ୟରୁ
ସେଇ ଗୋଟିଏ କଥା
ଆଉ ଭୂମିରୁ ଭୂମା ଯାଏଁ
ପ୍ରତିଧ୍ୱନିତ ହେବାକୁ ଲାଗିଲା...
ସେଇ ଗୋଟିଏ ପଦ
ହଁ ହଁ... ଏତ ଭିନ୍ନ ଏକ ନୂଆବର୍ଷ...।

*ଶିକ୍ଷକ*
*ବାଳିକା ଉଚ୍ଚ ବିଦ୍ୟାଳୟ, କୋଦଳା, ଗଞ୍ଜାମ*
*ଦୂରଭାଷ : ୭୮୭୩୯୧୭୬୫୧*

# ନୂଆବର୍ଷ-୨୦୨୦

**ବିଶ୍ୱ ଭାରତୀ ଦାଶ**

**କି**ଛି ଫରକ ଯାଏନି
କି ଆସେନି କାହାର ଏଠି
ଆଜି ବି ସୂର୍ଯ୍ୟୋଦୟ ହେଲା
କାଲି ବି ସୂର୍ଯ୍ୟୋଦୟ ହେବ
ଆଜି ବି ସୂର୍ଯ୍ୟାସ୍ତ ହେଲା
କାଲି ବି ସୂର୍ଯ୍ୟାସ୍ତ ହେବ
କିଛି ନୂଆ ନୂଆ ସବୁଦିନ ତ ହେଉଛି
ଏଇ ଯେମିତି ସକାଳ, ସଞ୍ଜ ଓ ରାତି।
କିଛି ଫରକ ପଡେନି
କାହାକୁ କେବେବି ଏଠି
ଆଜି ବି ଯେଉଁ ଅନ୍ଧାର
କାଲି ବି ସେଇ ଅନ୍ଧାର
ଆଶାର କିରଣ ନେଇ ତେବେବି ବଞ୍ଚନ୍ତି
ଏକ ଭିନ୍ନକ୍ଷମର ମନ, ଏକ ଧର୍ଷିତାର ଛାତି।
କିଛି ଫରକ କାହାକୁ ପଡେନି ଏଠି
ଆଜି ବି ଦୁଃଖରେ ଅଛ
କାଲି ବି ଦୁଃଖରେ ଥିବ
ବାକି ସମୟ ବି ତା'ର ଜୀବନଟା ଅଛି
ଏକ ଗରିବର ସାରା ପରିବାର
ଏକ ମୃତକର ଜୀବନ ସାଥୀ।
କିଛି ଫରକ ପଡେନି
ଲୀଳାମୟ ପ୍ରକୃତିକୁ ଏଠି
ଆଜି ବି ହସୁଛି ଆଜି ବି ରୁଷୁଛି
କାଲି ବି ହସିବ କାଲି ବି ରୁଷିବ
ବାଜିମାରି ତଥାପି ବଦଳାଏ ନିଜର ସ୍ଥିତି
ଯେତେ ସବୁଜିମା ସବୁ ବଞ୍ଚିତ ଏଠି।
ହଁ, କେବଳ ଫରକ ରହିଛି ସେତିକି
ବଦଳାଇବାକୁ ଅଛି ବହୁତ କିଛି
ଏବେ ନୁହେଁ ତ କେବେ ନୁହେଁ
ଆଜି ନୁହେଁ ତା କାଲିନୁହେଁ
କରିବାକୁ ହେବ ପ୍ରତି ମୁହୂର୍ତ୍ତର ମୂଲ୍ୟାୟନ
ସେଇ ମନସ୍କରେ ବଞ୍ଚିବାକୁ ଦିନ ରାତି।
ସମୟ ତ ବଦଳୁଛି କାଲି ଆଜି କାଲି
କେବଳ ନିଜକୁ ବଦଳାଇବାକୁ ହିଁ ହେବ
ଏଠି ତ ସବୁଦିନ ସମାନ
ଯଦି କିଛି ବଦଳୁଛି ନିଶ୍ଚୟ କେବଳ
ପ୍ରତିଟି ଦିନ ନୂଆ ତାରିଖଟିଏ ଏଠି।
ନୂଆ ସକାଳକୁ ନୂଆ ଦିବସ
ନୂଆ ତାରିଖକୁ ନୂଆ ବରଷ
ବଦଳାଇ ଦେଉ ସବୁ ମଣିଷ
ସବୁରି ମନକୁ ଦେଉ ହରସ
ଦୂର ହୋଇଯାଉ ସଭିଙ୍କ ହୃଦୟୁ
କାମ କ୍ରୋଧ ଭୟ ଲୋକ ଗର୍ହିତ
ରାଜୁତି କରୁ ଏବେ ସର୍ବତ୍ର
ମାନବିକତାର ନୂଆ ପରିଚୟପତ୍ର।

# ଜଳେ ଚନ୍ଦନର ବନ

**ଅଭିମନ୍ୟୁ ମିଶ୍ର**

**ଇ**ତିହାସ ଆବର୍ତ୍ତନ ପଥ ଚକ୍ରବତ
ବିକାଶ-ବିନାଶ ସଦା ଅଙ୍ଗାଙ୍ଗୀ ଜଡିତ
ଯୁଗେ ଯୁଗେ ଅହଂକାରେ ଧରଣୀ କ୍ଷତାକୁ
ଅତୀତର ଇତିକଥା କ୍ଷଣକେ ବିସ୍ମୃତ।

ପାଣିଛାଟେ ପ୍ରତାରଣା ବିଶ୍ୱାସ ମୁହଁରେ
ଛଳନା ମନ୍ତ୍ରଣା କରେ ବିଚିତ୍ର ମୁଦ୍ରାରେ
ସତ୍ୟ ହୁଏ ବାଟବଣା ଅନ୍ଧାର ଭିତରେ
ନାରୀ ହୁଏ ହତଶିରୀ ଦେଶ ଦରବାରେ।

ଗିରିସମ ଉଚ୍ଚାଟନ କ୍ଷଣିକରେ ମରେ
ଚନ୍ଦନର ବନ ଜଳେ ଅଙ୍ଗାର ମୁଠାରେ
ରୂପେଲି ଜହ୍ନଟି ଦିଶେ ନୁଖୁରା ମୁହଁରେ
ଆବେଗର ଦାଗ ଦିଶେ ରକ୍ତାକ୍ତ ପିଠିରେ।

ଅନଳେ ପତଙ୍ଗ ପାତ ଥିବ ଅବିରତ
ଥିବ ଇତିହାସ, ଥିବ ଶିକ୍ଷା ବିସର୍ଜିତ।

*ଢେଙ୍କାନାଳ*








**ସାନ୍‌ଭି ସାହୁ**
ଷ୍ଟାଣ୍ଡାର୍ଡ- ୩
କେମ୍ବ୍ରିଜ୍ ସ୍କୁଲ, ମୁମ୍ବାଇ





# ବିରଳ ପ୍ରଜାତିର ୧୪ ନୀଳରକ୍ତ କଙ୍କଡ଼ା ଜବତ

**ବାରିପଦା :** ପୂର୍ବତନ ଅବୈତନିକ ବନ୍ୟ ପ୍ରାଣୀ ସଂରକ୍ଷକ ତଥା ପରିବେଶବିତ୍ ଭାନୁମିତ୍ର ଆଚାର୍ଯ୍ୟ ପିଠାବଟା ବନ କର୍ମଚାରୀମାନଙ୍କ ସହାୟତାରେ ଏକ ବଙ୍ଗୀୟ ଯୁବକଙ୍କ ନିକଟରୁ ୧୪ ଗୋଟି ବିରଳ ପ୍ରଜାତିର ନୀଳରକ୍ତ କଙ୍କଡ଼ା ଜବତ କରିବା ସହିତ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ଯୁବକ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟର ବର୍ଦ୍ଧମାନ ଜିଲ୍ଲା ବିଶ୍ୱରମ୍ଭା ଅଞ୍ଚଳର ସୁନୀଲ ବିଶ୍ୱାସ ହୋଇଥିବା ବେଳେ ତାଙ୍କ ବିରୁଦ୍ଧରେ ବନ୍ୟ ପ୍ରାଣୀ ଆଇନ ସିଡ୍ୟୁଲ ୪ ଓ କେଶ ନମ୍ବର ୪୯/୨୦୨୦ରେ ମାମଲା ରୁଜୁ କରାଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ସୁନୀଲ ବିଶ୍ୱାସ ବିରଳ ପ୍ରଜାତିର ବିଲୁପ୍ତ ହେବାକୁ ବସିଥିବା ଅଶ୍ୱ ଖୁରାକୃତି ନୀଳରକ୍ତ ସାମୁଦ୍ରିକ କଙ୍କଡ଼ା ଧରି ବର୍ଦ୍ଧମାନ ଅଞ୍ଚଳରୁ ଆସି ବାରିପଦା ସହରରେ ବ୍ୟବସାୟ ଚଳାଇ ଆସୁଥିଲା। ଜନସାଧାରଣଙ୍କୁ ଉକ୍ତ କଙ୍କଡ଼ା ନିକଟରୁ ସଂଗୃହୀତ ହୋଇଥିବା



ଔଷଧୀୟ ତେଲ କହି ଭଣ୍ଡାଇ ବିଭିନ୍ନ ରୋଗରୁ ଆରୋଗ୍ୟ ହେବ ବୋଲି ପ୍ରଚାର କରି ବ୍ୟବସାୟ ଚଳାଇଥିଲା। ଉକ୍ତ ଖବର ବାରିପଦା ବନ ଖଣ୍ଡ ଅଧିକାରୀ ସ୍ୱୟମ୍ ମଲ୍ଲିକଙ୍କ ନିକଟରେ ଏକ ମାସ ପୂର୍ବରୁ ପହଞ୍ଚିବା ପରେ ଅଭିଯୁକ୍ତଙ୍କୁ ଧରିବା ନିମନ୍ତେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଶ୍ରୀ ଆଚାର୍ଯ୍ୟଙ୍କ ସହାୟତାରେ ଜାଲ ବିଛାଇଥିଲେ। ବାରିପଦା ହାଟରେ ଅଭିଯୁକ୍ତ ସୁନୀଲ ବ୍ୟବସାୟ ଆରମ୍ଭ କରିଥିବା ବେଳେ ଧରାପଡ଼ିଯାଇଥିଲା। ଏହି ସମୟରେ ତା ନିକଟରୁ ୬ଟି ଜିବନ୍ତ ନୀଳରକ୍ତ କଙ୍କଡ଼ା, କିଛି ତେଲ ଭର୍ତ୍ତି ଓ ଖାଲି ବୋତଲ ଜବତ କରାଯାଇଥିଲା। ଏହାପରେ ସୁନୀଲକୁ ବାରିପଦା କୃଷ୍ଣଚନ୍ଦ୍ର ଗୋଲେଇ ନିକଟ ପିଠାବଟା ରେଞ୍ଜ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରାଯିବା ପରେ ସୁନୀଲ ଅନ୍ୟ ଜଣେ ସହଯୋଗି ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚି ଅଞ୍ଚଳର ମୁନ୍ନା ବିଶ୍ୱକର୍ମାଙ୍କ ସହ ବାରିପଦା ଦେଉଳସାହିସ୍ଥିତ ମହାରାଣୀ ଧର୍ମଶାଳାରେ ରହି ସୁନୀଲ ବାରିପଦା ଓ ମୁନ୍ନା ୬ଟି ଜିବୀତ ନୀଳରକ୍ତ କଙ୍କଡ଼ା ସାଥୀରେ ଧରି ରାଇରଙ୍ଗପୁର ଅଞ୍ଚଳରେ ବ୍ୟବସାୟ ଚଳାଇଥିବାର ଜଣାପଡ଼ିବା ପରେ ବନ କର୍ମଚାରୀମାନେ ଧର୍ମଶାଳାକୁ ଯାଇ ଏମାନଙ୍କ ରୁମ୍‌କୁ ତଲାସୀ ନେବା ସହ ସେଠାରୁ ୬ଟି ଜିବୀତ ଓ ୨ଟି ମୃତ ନୀଳରକ୍ତ କଙ୍କଡ଼ା ଜବତ କରିଥିଲେ। ବନ କର୍ମଚାରୀମାନେ ମୁନ୍ନା ରାଇରଙ୍ଗପୁରରୁ ଫେରି ଆସିବା ପରେ ତାକୁ ପଚରାଉଚରା କରିବେ। ଏହିପରି ମୋଟ ୧୪ଟି କଙ୍କଡ଼ା ଜବତ କରାଯାଇଥିବା ବେଳେ ଜିବୀତ କଙ୍କଡ଼ାଗୁଡ଼ିକୁ ସମୁଦ୍ରରେ ନେଇ ଛାଡ଼ା ଯିବ ବୋଲି ବାରିପଦା ବନ ଖଣ୍ଡ ଅଧିକାରୀ ଶ୍ରୀମଲ୍ଲିକ ସୂଚନା ଦେଇଛନ୍ତି।

## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବରେ ମାନସ ରଞ୍ଜନ ବିଶ୍ୱାଳଙ୍କ ଦାୟିତ୍ୱ ଗ୍ରହଣ



**ଖୋର୍ଦ୍ଧା :** ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବରେ ମାନସ ରଞ୍ଜନ ବିଶ୍ୱାଳ ବିଧି ବଦ୍ଧ ଭାବରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଦୀର୍ଘ ଦିନ ଧରି ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଦବୀ ଖାଲି ରହିଥିବା ବେଳେ ଭୁବନେଶ୍ୱର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ଶ୍ରୀ ବିଶ୍ୱାଳ ପୂର୍ବରୁ ଢେଙ୍କାନାଳ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବରେ ଅବସ୍ଥାପିତ ଥିଲେ। ସ୍ଥାୟୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଖୋରଧାରେ ନିଯୁକ୍ତି ପାଇ ନଥିବାରୁ ନାନା ଅବ୍ୟବସ୍ଥା ଦେଖା ଦେଇଥିଲା। ଶ୍ରୀ ବିଶ୍ୱାଳ କାର୍ଯ୍ୟରେ ଯୋଗଦାନ କରିବା ଫଳରେ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ ତଥା ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଅବ୍ୟବସ୍ଥା ଘେରରେ ସୁବର୍ଣ୍ଣପୁର ବସ୍‌ଷ୍ଟାଣ୍ଡ



**ସୋନପୁର :** ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଆଜି ପ୍ରହେଳିକା ପରି ମନେ ହେଉଛି। ସତେ ଯେମିତି ସମସ୍ତ ଯୋଜନା ନଥିରେ ସୀମିତ ହୋଇ ରହିଛି। ତାର ଜ୍ୱଳନ୍ତ ଉଦାହରଣ ହେଉଛି ସୁବର୍ଣ୍ଣପୁର ବସଷ୍ଟାଣ୍ଡରେ ପରିଲକ୍ଷିତ ହେଉଛି। ବିଶ୍ରାମ ଗାରର ଅବସ୍ଥା ନାହିଁ ନ ଥିବା ଯୋଗୁ ଲୋକେ ଗଛ ତଳେ ବିଶ୍ରାମ ନେଉଛନ୍ତି। ସେ ଖରା ହେଉ କି ବର୍ଷା ସବୁ ସମୟ ରେ ଯାତ୍ରୀ ଙ୍କ ପାଇଁ ବରଗଛ ତଳ ହିଁ ସାହାରା। ଢୁକ୍‌ଢୁକ୍ ଅଳିଆ ଆବର୍ଜନା ପୂର୍ଣ୍ଣ ବସଷ୍ଟାଣ୍ଡ ସତେ ଯେମିତି ଅଳିଆ ଗଦା ପରି ମନେ ହେଉଛି। ବସଷ୍ଟାଣ୍ଡରେ ଯାତ୍ରୀଙ୍କ ନିମନ୍ତେ ବିଶ୍ରାମାଗାର ନାମକୁ ମାତ୍ର ଅଛି। ତାହ ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। ତାହା ପାଶ୍ୱରେ ଥିବା ଅଳିଆ ଗଦା କଥା କହିଲେ ନ ସରେ। ପିଇବାପାଣି ଯାହାକି ଯାତ୍ରୀମାନଙ୍କର ନିତାନ୍ତ ଆବଶ୍ୟକ ତାହା ଠିକ ଭାବେ ମିଳିପାରୁନାହିଁ। ପିଇବା ପାଣି ପାଇଁ ଲୋକଙ୍କୁ ପଞ୍ଚରାଥ ମନ୍ଦିର ସାମ୍ନାକୁ ଯିବାକୁ ପଡୁଛି। ପୌର ପରିଷଦ ପକ୍ଷରୁ ବିଜୁଳି ବ୍ୟବସ୍ଥା କରାଯାଇଥିଲେ ହେଁ କିଛି ଜାଗାରେ ରାତିରେ ଅନ୍ଧାର ରହୁଛି ତାହା ମଧ୍ୟ ପୌର ପରିଷଦ କୁ ଦେଖିକି ନ ଦେଖିଲା ପରି। ଆଜିପର୍ଯ୍ୟନ୍ତ ପୌର ପରିଷଦ ପକ୍ଷରୁ ଯାତ୍ରୀଙ୍କ ପାଇଁ ମଗଣା ଶୌଚାଳୟ ଟିଏ ମଧ୍ୟ ହୋଇପାରିଲା ନାହିଁ। ପ୍ରତିଦିନ ବସଷ୍ଟାଣ୍ଡରୁ ୫୦ ରୁ ୧୦୦ ବସ୍ ଯାତାୟାତ କରିଥାଏ। ଏଠାରୁ ରାଜଧାନୀ ଠାରୁ ଆରମ୍ଭ କରି ବଲାଙ୍ଗୀର, ବୌଦ୍ଧ, ସମ୍ବଲପୁର, ବରଗଡ଼, କନ୍ଧମାଳ, ବିରମହାରାଜପୁର କୁ ଯାତ୍ରା କରୁଥିବା ନିତି ହଜାର ହଜାର ଯାତ୍ରୀଙ୍କ ଗମନାଗମନର କେନ୍ଦ୍ରବିନ୍ଦୁ ଏହି ବସଷ୍ଟାଣ୍ଡ। ହେଲେ ଏପରି ଅବ୍ୟବସ୍ଥାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ତୁରନ୍ତ ଏହିସବୁ ଅସୁବିଧାକୁ ସରକାର ସମାଧାନ କରନ୍ତୁ ବୋଲି ଯାତ୍ରୀ ଓ ବୁଦ୍ଧିଜୀବୀମାନେ ଚର୍ଚ୍ଚା ଓ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟଙ୍କା ମୂଲ୍ୟ ...

ଆଇଏସ୍‌ଆଇଏସ୍, ଅଲ୍ ନୁସ୍ରା, ଅଲ୍ କାଏଦା ଆଦି ଆତଙ୍କବାଦୀ ଗୋଷ୍ଠୀଙ୍କ ବିରୋଧରେ ଲଢ଼ି ସଫଳ ହୋଇଥିଲା। ଦେଶ ବାହାରେ ଇରାନ ସେନା ପକ୍ଷରୁ ହେଉଥିବା ସମସ୍ତ ଅଭିଯାନର ସେ ନେତୃତ୍ୱ ନେଉଥିଲେ। ସିରିଆରେ ଆସାଦ ସରକାରଙ୍କୁ ସମର୍ଥନ ଜଣାଇ ତାଙ୍କ ନେତୃତ୍ୱରେ ଇରାନ ସେନା ଆମେରିକା ସମର୍ଥିତ ବିଦ୍ରୋହୀଙ୍କ ଉପରେ ବହୁବାର ପ୍ରଚଣ୍ଡ ଆକ୍ରମଣ କରିଥିଲା। ଏଥିରେ ଆମେରିକା ଓ ମେଣ୍ଟସେନା ଶତାଧିକ ଯବାନଙ୍କୁ ହରାଇବା ସହ ହଜାର ହଜାର ଯବାନ ଆହତ ହୋଇଥିଲେ। ଗତ ଡିସେମ୍ବର ୨୯ରେ ତେହରାନସ୍ଥିତ ଆମେରିକା ଦୂତାବାସ ଉପରେ ହୋଇଥିବା ଆକ୍ରମଣ ପଛରେ ସୁଲେମାନିଙ୍କ ହାତଥିବା ଆମେରିକା ସନ୍ଦେହ କରିଥିଲା। ତାଙ୍କୁ ହତ୍ୟା କରିବାକୁ ଗତ ଦୁଇ ଦଶନ୍ଧି ମଧ୍ୟରେ ବହୁବାର ଆକ୍ରମଣ ହୋଇଥିଲେ ମଧ୍ୟ ସେସବୁ ବ୍ୟର୍ଥ ହୋଇଥିଲା। ଗତକାଲି ସୁଲେମାନି ସିରିଆ ବା ବାଗଦାଦରୁ ଫେରି ବାଗଦାଦ ବିମାନବନ୍ଦର ନିକଟରେ କିଛି ସହଯୋଗୀଙ୍କ ସହ ଏକ ଗାଡ଼ିରେ ଯାଉଥିବାବେଳେ ଏହା ଉପରେ ଆମେରିକା ଡ୍ରୋନ୍‌ରୁ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଏଥିରେ ସୁଲେମାନିଙ୍କ ସମେତ ୭ଜଣ ପ୍ରାଣ ହରାଇଥିଲେ। ଇରାନ ପପୁଲାର ମୋବିଲାଇଜେସନ ୟୁନିଟ୍‌ର କମାଣ୍ଡର ଅବୁ ମେହଦି-ଅଲ୍ ମୁହନ୍ଦିସ ମଧ୍ୟ ଏହି ଆକ୍ରମଣରେ ନିହତ ହୋଇଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶରେ ସୁଲେମାନଙ୍କ ଉପରେ ଆକ୍ରମଣ କରାଯାଇଛି ବୋଲି ଆଜି ପେଣ୍ଟାଗନ ପକ୍ଷରୁ କୁହାଯାଇଛି। ସୁଲେମାନି ବିଶ୍ୱର ବିଭିନ୍ନ ସ୍ଥାନରେ ଆମେରିକୀୟ ଓ ଆମେରିକା ସ୍ୱାର୍ଥ ଉପରେ ଆକ୍ରମଣ କରିବାକୁ ସୁଚିନ୍ତିତ ଯୋଜନା କରିଥିବାରୁ ତାଙ୍କୁ ହତ୍ୟା କରିବା ଦେଶର ସୁରକ୍ଷା ପାଇଁ ଅପରିହାର୍ଯ୍ୟ ଥିଲା ବୋଲି ଟ୍ରମ୍ପ କହିଛନ୍ତି। ଇରାନରେ ଶାସନ ପରିବର୍ତ୍ତନ ଦିଗରେ ଏହା ପ୍ରଥମ ପଦକ୍ଷେପ ବୋଲି ଆମେରିକାର ସୁରକ୍ଷା ଉପଦେଷ୍ଟା ଜନ ବୋଲଟନ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଇରାନ ନେତାମାନେ ଆମେରିକା ଓ ଇସ୍ରାଏଲ ଉପରେ ମରଣାନ୍ତକ ଆକ୍ରମଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଖାମେନି କହିଛନ୍ତି ଯେ ଆମେରିକା ଉପରେ ଏଭଳି ପ୍ରତିଶୋଧ ନିଆଯିବ ଯେ ଟ୍ରମ୍ପ ଏହା ସ୍ୱପ୍ନରେ ବି ଭାବି ନଥିବେ। ଇରାନ ରକ୍ତନଦୀ ବୁହାଇବ ବୋଲି ସେ ଧମକ ଦେଇଛନ୍ତି। ଡ୍ରୋନ୍‌ରୁ ନୁହେଁ, ଆମେରିକା ହେଲିକପ୍ଟରରୁ ସୁଲେମାନିଙ୍କ ଗାଡ଼ି ଉପରେ ଆକ୍ରମଣ ହୋଇଛି ବୋଲି ଇରାନ ସେନା କହିଛି। ସୁଲେମାନିଙ୍କ ହତ୍ୟାକୁ ଆମେରିକା ମଧ୍ୟରେ ବିରୋଧ ଆରମ୍ଭ ହୋଇଛି। ଦେଶର ଡେମୋକ୍ରାଟ ରାଷ୍ଟ୍ରପତି ପ୍ରାର୍ଥୀ ବର୍ନି ସାଣ୍ଡର୍ସ ଏହାର ତୀବ୍ର ସମାଲୋଚନା କରି ଟ୍ରମ୍ପଙ୍କ ଏହି ବିପଜ୍ଜନକ ପଦକ୍ଷେପ ମଧ୍ୟପ୍ରାଚ୍ୟରେ ଆଉ ଏକ ବିପର୍ଯ୍ୟୟକାରୀ ଯୁଦ୍ଧକୁ ଆମନ୍ତ୍ରଣ କରିଛି ବୋଲି ଚେତାବନୀ ଦେଇଛନ୍ତି। ଆମେରିକା ସେନା ସାମିଲ ରହିଥିବା ସମସ୍ତ ସାମରିକ କାର୍ଯ୍ୟାନୁଷ୍ଠାନକୁ ଟ୍ରମ୍ପ ପୂର୍ବରୁ ବିରୋଧ କରିଆସିଥିବାବେଳେ ଜନମତ ପ୍ରଭାବିତ କରି ଆଉଥରେ ନିର୍ବାଚିତ ହେବାକୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି।

### ବର୍ଷା ପରେ ...

ବିଶେଷକରି ସୋନପୁର, ସୁବର୍ଣ୍ଣପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, ନୂଆପଡ଼ା, ଜଗତସିଂହପୁର, ଭଦ୍ରକ ଓ ବାଲେଶ୍ୱର ପରି ଜିଲ୍ଲାମାନଙ୍କରେ ଅଦିନିଆ ବର୍ଷା ଦ୍ୱାରା ଧାନ ଗଜା ହୋଇଯିବାର ସର୍ବାଧିକ ସମ୍ଭାବନା ଦେଖାଦେଇଛି। ଏପଟେ କେତେକ ଜିଲ୍ଲାରେ ମଧ୍ୟ ମଣ୍ଡିରେ ଧାନକୁ ସୁରକ୍ଷିତ ଭାବେ ରଖିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ନଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଦିନିଆ ବର୍ଷାରେ ସୁବର୍ଣ୍ଣପୁର ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ସକାଳୁ ଜିଲ୍ଲାବ୍ୟାପୀ ଝିପିଝିପି ବର୍ଷା ଲାଗି ରହିଥିବା ବେଳେ ମଣ୍ଡିରେ ଧାନ ଭିଜୁଥିବା ନେଇ ଅଭିଯୋଗ ହୋଇଛି। ଜିଲ୍ଲାର ବୀରମହାରାଜପୁରର ଉପୁଲା, ହିଲୁଂଗ, କେଞ୍ଝିରିଆପାଲି, ବାଗବର ଭଳି ଅନେକ ମଣ୍ଡିରେ ଧାନାବସ୍ତା ଖୋଲାରେ ପଡ଼ିରହିଛି। ସମବାୟ ବିଭାଗ ପକ୍ଷରୁ ମଣ୍ଡିରେ ପର୍ଯ୍ୟାପ୍ତ ପରିମାଣରେ ତାର୍ପୋଲିନର ବ୍ୟବସ୍ଥା କରାଯାଇନଥିବାରୁ ଏହାକୁ ନେଇ ଚାଷୀ ବ୍ୟାପକ କ୍ଷତିର ସମ୍ମୁଖୀନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଜିଲ୍ଲାରେ ଗତ ନଭେମ୍ବର ୧୫ ତାରିଖରୁ ଧାନ କ୍ରୟ ଆରମ୍ଭ କରାଯାଇଥିବା ବେଳେ ଅଦ୍ୟାବଧି ୧୭ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ଯାଇଛି। ଆହୁରି ୧୩ ଲକ୍ଷ ୮୨ ହଜାର କ୍ୱିଣ୍ଟାଲ ଧାନ ବିକ୍ରି ଅପେକ୍ଷାରେ ବିଭିନ୍ନ ମଣ୍ଡିରେ ପଡ଼ି ରହିଥିବା ଜଣାପଡ଼ିଛି। ସେପଟେ କଳାହାଣ୍ଡି ଜିଲ୍ଲାରେ ମଧ୍ୟ କେତେକ ସ୍ଥାନରେ ଧାନ ବସ୍ତା ମଣ୍ଡିରେ ଭିଜୁଥିବା ନେଇ ଅଭିଯୋଗ ହୋଇଛି। ବିଶେଷକରି ଜିଲ୍ଲାର ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ବଡ଼ ବସୁଲ, ଖଇର ପଦର, ବୋଡେନ୍, ତମ୍ବଛଡ଼ା, ତାରାପୁର ଅଞ୍ଚଳରେ ଥିବା ମଣ୍ଡିରେ ଘୋର ଅବ୍ୟବସ୍ଥା ପରିଲକ୍ଷିତ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଏପଟେ ବାଲେଶ୍ୱର ଜିଲ୍ଲାର ନୀଳଗିରି, ସୋର ଓ ବାହାନଗା ବ୍ଲକରେ ଅଦିନିଆ ବର୍ଷା ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ଚଳିତ ଥର ସୋର ବ୍ଲକରେ ୧୪ ହଜାର ହେକ୍ଟର ଜମିରେ ଚାଷ ହୋଇଥିବା ବେଳେ ବାହାନଗା ବ୍ଲକରେ ୧୮ ହଜାର ହେକ୍ଟର ଜମିରେ ଚାଷ ହୋଇଥିଲା। ତେବେ ଅନେକ ଚାଷୀ ବିଲରୁ ଖଳାକୁ ଧାନ ଆଣିନଥିବାରୁ ସେମାନଙ୍କ ଧାନ ଏବେବି ବିଲରେ ପଡ଼ି ରହିଛି।

### ଜିଲ୍ଲାସ୍ତରରେ ...

ଦକ୍ଷତାର ବୃଦ୍ଧି ଏବଂ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ଓ ସେବା ଯୋଗାଣକୁ ଅଗ୍ରାଧିକାର ଦେବା ପାଇଁ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପଗୁଡ଼ିକର ସଦ୍ୟତମ ସ୍ଥିତି ଉପସ୍ଥାପନ କରି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ନନ୍ଦୁରୀ କହିଥିଲେ ଯେ, ପ୍ରଥମ ପର୍ଯ୍ୟାୟରେ ରାଜ୍ୟକୁ ୮୬୯.୪୨କୋଟି କାମ୍ପା ପାଣ୍ଠି ଭାବେ ମିଳିଥିଲା। ସେଥିରୁ ବର୍ତ୍ତମାନ ପର୍ଯ୍ୟନ୍ତ ୮୨୭.୬୩କୋଟି ଟଙ୍କା ବିନିଯୋଗ ସରିଛି। ଏଥିରେ ପାନୀୟ ଜଳ ଯୋଗାଣ, ଶିକ୍ଷା ଓ ଦକ୍ଷତା ବୃଦ୍ଧି, ସ୍ୱାସ୍ଥ୍ୟ ସେବା, ଖଣି ପ୍ରଭାବିତ ଅଞ୍ଚଳରେ ନୂତନ ଜୀବିକା ସୃଷ୍ଟି ଓ ପରିବେଶ ଉନ୍ନତି ଆଦି କ୍ଷେତ୍ରରେ ୧୫ଟି ପ୍ରକଳ୍ପ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀମତୀ ନନ୍ଦୁରୀ ଆହୁରି ମଧ୍ୟ ଜଣାଇଥିଲେ ଯେ, ୨ୟ ପର୍ଯ୍ୟାୟରେ ରାଜ୍ୟକୁ ୧୫.୫୯୭କୋଟି ଟଙ୍କା ମିଳିଛି। ସେଥିରୁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ପ୍ରକଳ୍ପ ବାବଦରେ ୧.୧୪୩କୋଟି ଟଙ୍କା ଯୋଗାଇ ଦିଆଯାଇଛି। ଅନୁମୋଦନ ପ୍ରକଳ୍ପକୁ ମିଶାଇ ରାଜ୍ୟର ଓମ୍ବାଡକ୍ ଅନ୍ତର୍ଭୁକ୍ତ ଜିଲ୍ଲାମାନଙ୍କ ଲାଗି ଅନୁମୋଦନ ପ୍ରକଳ୍ପ ମୁଲ୍ୟ ୧୨,୦୦୦କୋଟି ଟଙ୍କାରେ ପହଞ୍ଚିଛି। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଙ୍ଗଲ ଓ ପରିବେଶ ବିଭାଗ ଡଃ ମୋନା ଶର୍ମା, ଅତିରିକ୍ତ ଶାସନ ସଚିବ ଗ୍ରାମ୍ୟ ଉନ୍ନୟନ ପ୍ରଦୀପ କୁମାର ଜେନା, ଓମ୍ବାଡକ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ନନ୍ଦୁରୀଙ୍କ ସମେତ ସମ୍ପୃକ୍ତ ବିଭାଗର ପ୍ରମୁଖ ଶାସନସଚିବ, ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଭୁବନେଶ୍ୱରକୁ ...

ଉତ୍ସବରେ ବିଏମ୍‌ସି ପ୍ରଶାସକ ତଥା ରାଜ୍ୟ ମହାନଗର ନିଗମ ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ଯୋଗଦେଇ କହିଥିଲେ, ଭୁବନେଶ୍ୱର ଏବେ ଓଡିଏଫ୍ ++ ସହରଭାବେ ପରିଗଣିତ ହୋଇଛି। ଏହା ପରେ ଏବେ ତୃତୀୟ ପକ୍ଷଙ୍କ ଦ୍ୱାରା ଏହାର ସ୍ଥିତି ପରଖିବା ଅଥବା ସମୀକ୍ଷା କରିବା ପାଇଁ ପ୍ରକ୍ରିୟା ଜାରି ରହିବ। ଓଡିଏଫ୍ ++ ପରେ ପରେ ଏବେ ବିଏମ୍‌ସି ଗାର୍ବେଜ୍ ଫ୍ରି ସିଟି (ଜିଏଫ୍‌ସି) ଭାବେ ଭୁବନେଶ୍ୱରକୁ ଗଢ଼ିତୋଳିବା ପାଇଁ ନଗର ଉନ୍ନୟନ ବିଭାଗ ପରାମର୍ଶ ଦେଇଛି। ଯାହାକି ଆଗକୁ ଏକ ବଡ଼ ବେଞ୍ଚମାର୍କ ହୋଇ ସାମ୍ନାକୁ ଆସିବ। ଜିଏଫ୍‌ସି ସହର ଭାବେ ଦେଶର ୪୮୩୦ଟି ସହରକୁ ନେଇ ସର୍ଭେ କରାଯିବ। ୭ଟି ଷ୍ଟାର୍ ପାଇଥିବା ସହରଗୁଡ଼ିକୁ ହିଁ ଉକ୍ତ ସର୍ଭେରେ ସ୍ଥାନିତ କରାଯିବ। ତେଣୁ ବିଏମ୍‌ସି ଭୁବନେଶ୍ୱରକୁ ଜିଏଫ୍‌ସି ସହର ଭାବେ ଗଢ଼ିତୋଳିବା ଉଚିତ୍ ବୋଲି ସେ କହିଥିଲେ। ଏହା ସହିତ ଆଗକୁ ହେବାକୁ ଥିବା ସ୍ୱଚ୍ଛ ସର୍ବେକ୍ଷଣରେ ପରିମଳ ବ୍ୟବସ୍ଥା ସୁଧାରି ଭଲ ପ୍ରଦର୍ଶନ କରିବାକୁ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ଆଡିସ୍‌ନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ, ଅବନୀ ପଟ୍ଟନାୟକ, ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଶ୍ରୀମନ୍ତ ମିଶ୍ର, ଶ୍ୟାମସୁନ୍ଦର ସେଠୀ ଓ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ହିନ୍ଦୁ ରାଷ୍ଟ୍ର ...

ସନାତନ ଧର୍ମ ତଥା ଭାରତୀୟ ସମାଜ କ୍ଷତିଗ୍ରସ୍ତ ହୋଇଛି। ମନ୍ଦିରଗୁଡିକର ସାଂସ୍କୃତିକ, ସାମାଜିକ, ଶିକ୍ଷାଗତ ଓ ଅନ୍ୟାନ୍ୟ କାର୍ଯ୍ୟ ଉଭେଇ ଯାଇଛି। ପୂର୍ବତନ ପରିଚାଳନା ଦ୍ୱାରା ଦୁର୍ନୀତି ଅଭିଯୋଗ କାରଣରୁ ସରକାର ମନ୍ଦିର ପରିଚାଳନା ଭାର ହାତକୁ ନେଇଥିବା ଯଥାର୍ଥ ହୋଇଥିଲେ ମଧ୍ୟ ଦୁର୍ନୀତି ଅବ୍ୟାହତ ରହିଛି। ସେ ଅଭିଯୋଗ କରିଥିଲେ ଯେ ମନ୍ଦିରର ପାଣ୍ଠି ହିନ୍ଦୁ ଧର୍ମ ସହ କୌଣସି ସମ୍ପର୍କ ନଥିବା ପ୍ରକଳ୍ପ ବାବଦରେ ବ୍ୟୟ କରାଯାଇଛି। ମୁସଲିମ ମଦ୍ରାସା ସ୍କୁଲଗୁଡିକୁ ପାଣ୍ଠି ଯୋଗାଣ ମଧ୍ୟ ଏହାର ଅନ୍ତର୍ଭୁକ୍ତ। ଏହାର ପରିଣତି ହୋଇଛି ମନ୍ଦିର ପୂଜକ ଓ କର୍ମଚାରୀମାନଙ୍କ ନିଯୁକ୍ତିରେ ସମସ୍ୟା। ସେମାନେ କେବଳ ମନ୍ଦିର କାର୍ଯ୍ୟ ପାଇଁ ପ୍ରଶିକ୍ଷିତ। ସେମାନେ ଅନ୍ୟ କୌଣସି କାର୍ଯ୍ୟ କରିପାରିବେ ନାହିଁ। ତେଣୁ ଭକ୍ତମାନଙ୍କୁ ହଇରାଣ କରିବା ବ୍ୟତୀତ ସେମାନଙ୍କ ଗତାନ୍ତର ନାହିଁ। ଧାର୍ମିକ ଓ ଆଧାତ୍ମିକ ଚେତନା ବୃଦ୍ଧି ପାଇଁ ମନ୍ଦିରମାନେ ଯେଉଁ ଭୂମିକା ଗ୍ରହଣ କରିବା କଥା ତାହା କରୁନାହାନ୍ତି। ଏଥିପାଇଁ ସେ ପୂର୍ବତନ ବ୍ରିଟିଶ ଓ ସ୍ୱାଧୀନ ଭାରତର ସରକାରଙ୍କୁ ଦାୟୀ କରିଥିଲେ। ସେ କହିଥିଲେ ଯେ ମାକ୍ୟା ଭେଲିଆନ୍ ନୀତି ଯୋଗୁଁ ୧୦୦ବର୍ଷ ପରେ ମଧ୍ୟ ଖୁବ କମ୍ ହିନ୍ଦୁ ଅଛନ୍ତି। ଯେଉଁମାନଙ୍କର ମାନସିକତା ଓ ଜ୍ଞାନ ସନାତନୀ। କେବଳ ପୂର୍ବଜନ୍ମର ଉତ୍ତମ କର୍ମ ଓ ଉତ୍ତମ ଚରିତ୍ର ଯୋଗୁଁ କିଛି ବ୍ୟକ୍ତି ସନାତନ ଧର୍ମ ଅନୁସରଣ କରୁଛନ୍ତି।

### ବାଘ ମୃତ୍ୟୁ ...

୨୦୧୮ରେ ଏହା ୧୯ଟି ଥିଲା। କର୍ଣ୍ଣାଟକରେ ୧୨, ଉତ୍ତରାଖଣ୍ଡରେ ୧୨, ଉତ୍ତର ପ୍ରଦେଶରେ ୬, ରାଜସ୍ଥାନରେ ୬ ଓ କେରଳରେ ୬ଟି ବାଘ ୨୦୧୯ରେ ପ୍ରାଣ ହରାଇଛନ୍ତି। ଏହି ୧୧୦ ବାଘଙ୍କ ମଧ୍ୟରୁ ୩୮ଟି ଶିକାରୀଙ୍କ ଦ୍ୱାରା ପ୍ରାଣ ହରାଇଥିବା ବେଳେ ୨୬ଟି ବାଘଙ୍କ ସ୍ୱାଭାବିକ ମୃତ୍ୟୁ ହୋଇଛି। ଅନ୍ୟ ବାଘଙ୍କ ସହ ଲଢ଼େଇ କରି ୩୬ଟି, ରେଳ ଓ ସଡକ ପଥରେ ୩ଟି ଉଦ୍ଧାର ବେଳେ ୬ଟି ବାଘ ପ୍ରାଣ ହରାଇଛନ୍ତି। ଅନ୍ୟପକ୍ଷରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ଅଧିକାରୀ (ଏନ୍‌ଟିସିଏ) ତଥ୍ୟ ସହ ଆଜି ପ୍ରକାଶ ପାଇଥିବା ରିପୋର୍ଟ ମେଳ ଖାଉନାହିଁ। ଏନ୍‌ଟିସିଏର ରିପୋର୍ଟ ଅନୁଯାୟୀ ୨୦୧୯ରେ ୯୧ଟି ବାଘ ପ୍ରାଣ ହରାଇଥିବା ବେଳେ ୨୦୧୮ରେ ଏହା ୧୦୨ ରହିଥିଲା ବୋଲି କୁହାଯାଇଛି। କଲରାପତରିଆଙ୍କ ମୃତ୍ୟୁର କଥାକୁ ଆମେ ଯଦି ବିଚାରକୁ ନେବା ସେମାନେ ମଧ୍ୟ ଶିକାରୀଙ୍କ ଦ୍ୱାରା ପ୍ରାଣ ହରାଇଛନ୍ତି। ୨୦୧୮ରେ ପ୍ରାଣ ହରାଇଥିବା ୫୦୦ଟି କଲରାପତରିଆଙ୍କ ମଧ୍ୟରୁ ୧୬୯ଟି ଶିକାରୀଙ୍କ ଦ୍ୱାରା ଜୀବନ ହରାଇଥିଲେ। ୨୦୧୯ରେ ଶିକାରୀଙ୍କ ଦ୍ୱାରା ୧୨୭ଟି କଲରାପତରିଆ ପ୍ରାଣ ହରାଇଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୯୭ଟି କଲରାପତରିଆ ପ୍ରାଣ ହରାଇଥିବା ରିପୋର୍ଟରେ କୁହାଯାଇଛି।

### ୬ କୋଟି ହିତାଧିକାରୀଙ୍କୁ ...

ନୂଆ ଦଶନ୍ଧିର ଆରମ୍ଭରେ ଦେଖିବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ। ୧୩୦ କୋଟି ଦେଶବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ କଠିନ ପରିଶ୍ରମ ଲାଗି ଦେଶର କୃଷକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ କର୍ଣ୍ଣାଟକର ଏ ମାଟି ସେହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହେଉଛି, ଯେତେବେଳେ ଦେଶର ପାଖାପାଖି ୬ କୋଟି କୃଷକଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଖାତାକୁ ପ୍ରଧାନମନ୍ତ୍ରୀ କିସାନ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହି ଯୋଜନାର ତୃତୀୟ କିସ୍ତିରେ ମୋଟ ୧୨ ହଜାର କୋଟି ଟଙ୍କା ଜମା କରାଯାଇଛି। ସେ ଆଶାବ୍ୟକ୍ତ କରିଥିଲେ ଯେ 'ପିଏମ କିସାନ ସମ୍ମାନ ନିଧି ଯୋଜନା' କାର୍ଯ୍ୟକାରୀ କରିନଥିବା ରାଜ୍ୟଗୁଡ଼ିକ ଏହାକୁ କାର୍ଯ୍ୟକାରୀ କରିବେ ଏବଂ ରାଜନୈତିକ ଦଳଗୁଡ଼ିକ ରାଜନୀତି ଠାରୁ ଊର୍ଦ୍ଧ୍ୱକୁ ଯାଇ ସେମାନଙ୍କ ରାଜ୍ୟର କୃଷକମାନଙ୍କ କଲ୍ୟାଣ ଦିଗରେ କାର୍ଯ୍ୟ କରିବେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶରେ ଏପରି ଏକ ସମୟ ଥିଲା ଯେତେବେଳେ ଦେଶରେ ଗରିବଙ୍କ ପାଖକୁ ପଠାଯାଇଥିବା ୧ ଟଙ୍କାରୁ ମାତ୍ର ୧୫ ପଇସା ପ୍ରକୃତ ହିତାଧିକାରୀ ନିକଟରେ ପହଁଚୁଥିଲା। ହେଲେ ବର୍ତମାନ ଦଲାଲଙ୍କ ବିନା ହସ୍ତକ୍ଷେପରେ ସିଧାସଳଖ ଗରିବଙ୍କ ନିକଟରେ ଟଙ୍କା ପହଁଚିପାରୁଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ବହୁବର୍ଷ ଧରି ବିଳମ୍ବିତ ହୋଇ ପଡ଼ି ରହିଥିବା ଜଳସେଚନ ପ୍ରକଳ୍ପଗୁଡ଼ିକ ବର୍ତମାନ କାର୍ଯ୍ୟକାରୀ ହେଉଛି। ସେ ଆହୁରି ମଧ୍ୟ କହିଥିଲେ ଯେ ଫସଲ ବୀମା, ମୃର୍ତିକା ସ୍ୱାସ୍ଥ୍ୟକାର୍ଡ ଏବଂ ୧୦୦% ନିମ୍ବଯୁକ୍ତ ୟୁରିଆ ଭଳି ଯୋଜନା ଦ୍ୱାରା ଆମ ଚାଷୀଙ୍କ କଲ୍ୟାଣ ପ୍ରତି କେନ୍ଦ୍ର ସରକାର ସର୍ବଦା ଅଗ୍ରାଧିକାର ଦେଇ ଆସିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ସରକାରଙ୍କ ପ୍ରୟାସ କାରଣରୁ ଭାରତରେ ମସଲା ଉତ୍ପାଦନ ଏବଂ ରପ୍ତାନୀ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଭାରତରେ ମସଲା ଉତ୍ପାଦନ ବୃଦ୍ଧି ପାଇଁ ୨.୫ ମିଲିୟନ ଟନରୁ ଅଧିକ ହୋଇଥିବା ବେଳେ ମସଲା ରପ୍ତାନି ୧୫ ହଜାର କୋଟିରୁ ପାଖାପାଖି ୧୯ ହଜାର କୋଟି ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ସେ କହିଥିଲେ ଯେ ଉଦ୍ୟାନ କୃଷି ବ୍ୟତିତ, ଦକ୍ଷିଣ ଭାରତରେ ଅଧିକ ପରିମାଣରେ ଡାଲି, ତୈଳବୀଜ ଓ ମୋଟା ଶସ୍ୟ ଉତ୍ପାଦିତ ହେଉଛି। ପ୍ରଧାନମନ୍ତ୍ରୀ କହିଥିଲେ, "ଦେଶରେ ଡାଲି ଉତ୍ପାଦନ ବୃଦ୍ଧି ଲାଗି ବିହନ କେନ୍ଦ୍ର ନିର୍ମାଣ କରାଯାଉଛି। ଏଥିମଧ୍ୟରୁ ୩୦ଟି କେନ୍ଦ୍ର କେବଳ କର୍ଣ୍ଣାଟକ, ଆନ୍ଧ୍ର, କେରଳ, ତାମିଲନାଡୁ ଓ ତେଲଙ୍ଗାନାରେ ରହିଛି। ମତ୍ସ୍ୟପାଳନ କ୍ଷେତ୍ରରେ ସରକାରଙ୍କ ପ୍ରୟାସ ବିଷୟରେ ଉଲ୍ଲେଖ କରି ଏହି କ୍ଷେତ୍ରକୁ ସୁଦୃଢ଼ କରିବା ଲାଗି ତିନୋଟି ସ୍ତରରେ କାର୍ଯ୍ୟ କରାଯାଉଛି। ପ୍ରଥମତଃ ମତ୍ସ୍ୟଜୀବୀମାନଙ୍କୁ ଆର୍ଥିକ ସହାୟତା ଜରିଆରେ ଗ୍ରାମାଂଚଳରେ ମତ୍ସ୍ୟ ଚାଷକୁ ପ୍ରୋତ୍ସାହନ ଦିଆଯାଉଛି। ଦ୍ୱିତୀୟତଃ ନୀଳ ବିପ୍ଳବ ଯୋଜନା ଅଧୀନରେ ମାଛଧରା ଡଙ୍ଗାର ଆଧୁନିକୀକରଣ କରାଯାଉଛି। ତୃତୀୟତଃ ମାଛ ବ୍ୟବସାୟ ଓ ବାଣିଜ୍ୟ ସହ ସଂକ୍ରାନ୍ତ ଆଧୁନିକ ଭିତିଭୂମି ନିର୍ମାଣ କରାଯାଉଛି। ପ୍ରଧାନମନ୍ତ୍ରୀ କହିଥିଲେ, ମତ୍ସ୍ୟଜୀବୀମାନଙ୍କୁ କିସାନ କ୍ରେଡିଟ କାର୍ଡ ସୁବିଧା ସହ ଯୋଡ଼ାଯାଇଛି। ମାଛ ଚାଷୀଙ୍କ ସୁବିଧା ଲାଗି ବଡ଼ ନଦୀ ଏବଂ ସମୁଦ୍ରରେ ନୂଆ ମାଛଧରା ପୋତାଶ୍ରୟ ନିର୍ମାଣ କରାଯାଉଛି। ଆଧୁନିକ ଭିତିଭୂମି ନିର୍ମାଣ ଲାଗି ୭.୫୦ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯାଇଛି। ଗଭୀର ସମୁଦ୍ରରେ ମାଛ ଧରା ପାଇଁ ମତ୍ସ୍ୟଜୀବୀଙ୍କ ଡଙ୍ଗାର ଆଧୁନିକୀକରଣ କରାଯାଉଛି ଏବଂ ମତ୍ସ୍ୟଜୀବୀଙ୍କ ସୁରକ୍ଷା ଲାଗି ଇସ୍ରୋ ସହାୟତାରେ ଏଥିରେ ଦିଗନିର୍ଣ୍ଣୟ ଡିଭାଇସ ସଂଯୋଗ କରାଯାଉଛି। ଦେଶର ପୁଷ୍ଟିସାଧନ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଷ୍ଟିକର ଶସ୍ୟ, ଉଦ୍ୟାନ କୃଷି ଓ ଜୈବିକ କୃଷି ପାଇଁ କୃଷି କର୍ମଣ ପୁରସ୍କାରର ଏକ ନୂତନ ବର୍ଗ ସୃଷ୍ଟି କରିବା ଲାଗି ପ୍ରଧାନମନ୍ତ୍ରୀ ଅନୁରୋଧ କରିଥିଲେ। ଯଦ୍ଦ୍ୱାରା ଏହି କ୍ଷେତ୍ରରେ ଭଲ କାର୍ଯ୍ୟ କରିବା ଲାଗି ଲୋକମାନଙ୍କୁ ଓ ରାଜ୍ୟଗୁଡ଼ିକୁ ପ୍ରୋତ୍ସାହନ ମିଳିପାରିବ।

### ଖାଦ୍ୟଶସ୍ୟ ...

ଏହି ଅବସରରେ କୃଷି ଉତ୍ପାଦନ କମିସନର ପ୍ରଦୀପ୍ତ ମହାପାତ୍ର ଓ କୃଷି ନିର୍ଦ୍ଦେଶକ ଡ. ଏମ୍ ମୁଥୁକୁମାର ମଧ୍ୟ ଉପସ୍ଥିତ ଥିଲେ। ୨୦୧୬-୧୭ ବର୍ଷ ପାଇଁ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଖାଦ୍ୟଶସ୍ୟ ଉତ୍ପାଦନରେ ଉଲ୍ଲେଖନୀୟ ସଫଳତା ପାଇଥିବାରୁ କେନ୍ଦ୍ର ସରକାର ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଦେଶରେ ସାମଗ୍ରୀକ କୃଷି ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ଦ୍ୱିତୀୟ ଶ୍ରେଣୀ ରାଜ୍ୟ ଭାବେ ଚୟନ କରିଛନ୍ତି। ଚାଷୀଙ୍କୁ ଉନ୍ନତମାନର ବିହନ ଯୋଗାଣଠୁଁ ଆରମ୍ଭ କରି ଉତ୍ପାଦନ ପର୍ଯ୍ୟନ୍ତ ଆବଶ୍ୟକ ଭିତିଭୂମି ଯୋଗାଇବାରେ ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ଏହି ପୁରସ୍କାର ପ୍ରଦାନ କରିଛନ୍ତି। କୃଷି କ୍ଷେତ୍ରରେ ସଫଳତା ପାଇଁ ଓଡ଼ିଶାକୁ ପୂର୍ବରୁ ୪ ଥର 'କୃଷି କର୍ମଣ' ପୁରସ୍କାର ମିଳିସାରିଛି। ବର୍ଷ ୨୦୧୦-୧୧, ୨୦୧୨-୧୩, ୨୦୧୩-୧୪ ଓ ୨୦୧୪-୧୫ ପାଇଁ ଏହି ପୁରସ୍କାର ମିଳିଥିଲା।

# 'ସ୍ନେହ ବନ୍ଧନରେ ସ୍ୱର୍ଗୀୟ ଆନନ୍ଦ'



**ଭୁବନେଶ୍ୱର :** କାଇମାଟିଆ ଜାଗସରାସ୍ଥିତ ଅରୁନ୍ଧତୀ ବିହାର ୱେଲଫେୟାର୍ ଟ୍ରଷ୍ଟର ଚତୁର୍ଥବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟର ଅଧ୍ୟକ୍ଷ କାହ୍ନୁରଞ୍ଜନ ପଟ୍ଟନାୟକ ଯୋଗଦେଇ ଉପସ୍ଥିତ ସଭ୍ୟବୃନ୍ଦଙ୍କୁ ୨୦୨୦ ନବବର୍ଷର ଶୁଭେଚ୍ଛା ଜଣାଇ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଅଭିଭାଷଣରେ ସେ କହିଥିଲେଯେ ଏଠାରେ ବସବାସ କରୁଥିବା ବନ୍ଧୁମାନଙ୍କ ଆନ୍ତରିକ ସହଯୋଗରେ ଅରୁନ୍ଧତୀ ବିହାର ପଞ୍ଚମବର୍ଷରେ ପଦାର୍ପଣ କରିଛି। ପରିସରର ସର୍ବାଙ୍ଗୀନ ଉନ୍ନତିରେ ପ୍ରତ୍ୟେକ ବାସିନ୍ଦା ସହଯୋଗର ହାତ ବଢ଼ାଇଥିବାରୁ ସେ ଧନ୍ୟବାଦ ଜଣାଇଥିଲେ। ଟ୍ରଷ୍ଟର ସଚିବ ମନୋଜ ପଟ୍ଟନାୟକ ଅରୁନ୍ଧତୀ ବିହାରର ବିକାଶ ସଂପର୍କରେ ସୂଚନା ଦେଇ କହିଥିଲେଯେ ବିଗତବର୍ଷ ତୁଳନାରେ ଚତୁର୍ଥବର୍ଷରେ ଅନେକ ବିକାଶମୂଳକ କାର୍ଯ୍ୟ ସଂପାଦିତ ହୋଇଛି। ଆଗାମୀଦିନରେ ଆହୁରି ଅତ୍ୟାଧୁନିକ ଢଙ୍ଗରେ ସାଜସଜ୍ଜା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଦସ୍ୟ ଅଭିମନ୍ୟୁ ନନ୍ଦ କହିଥିଲେ ଯେ ଅରୁନ୍ଧତୀ ବିହାରବାସୀ ପରସ୍ପର ସ୍ନେହବନ୍ଧନରେ କାଳାତିପାତ କରୁଥିବାରୁ ବିହାର ପରିସରରେ ସ୍ୱର୍ଗୀୟ ଆନନ୍ଦ ଅନୁଭୂତ ହେଉଛି। ଏହି ଅବସରରେ ବରିଷ୍ଠସଭ୍ୟ ଶରତଚନ୍ଦ୍ର ବିଶୋଇଙ୍କୁ ଶୀତବସ୍ତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନବବର୍ଷକୁ ସ୍ୱାଗତ ଜଣାଇ ବିହାର ପରିସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ସମସ୍ତ ପରିବାର ଯୋଗଦେଇ ଉତ୍ସବର ଭରପୁରମଜ୍ଜା ଉଠାଇଥିଲେ।

# ରବି ଚାଷ ଆରମ୍ଭ

## ସାର, କୀଟନାଶକ ଓ ବିହନ ଦର ଆକାଶଛୁଆଁ



**ସୋନପୁର :** ସୁବର୍ଣ୍ଣପୁର ଜିଲା ଏକ କୃଷି ବହୁଳ ଅଞ୍ଚଳ ରୂପେ ପରିଚିତ। ଏହି ଜିଲାର ଚାଷୀ ବିଭିନ୍ନ ସମସ୍ୟାରେ ରହିଥିବା ଚାଷୀକୂଳ ଅଭିଯୋଗ କରିଛନ୍ତି। ଚାଷୀଙ୍କ କହିବା ଅନୁସାରେ ସୁବର୍ଣ୍ଣପୁର ଜିଲାରେ ଖରି ଋତୁ ଚାଷ ସମୟରେ ଉନ୍ନତମାନର ଧାନ ବିହନ ମିଳୁ ନ ଥିବା ବେଳେ ଠିକ୍ ସମୟରେ ୟୁରିଆ, ପଟାସ୍, ଓ ଅନ୍ୟ ସାରର ଅଭାବ ରହୁଛି। ଯାହାଦ୍ୱାରା ଚାଷୀକୂଳ ପ୍ରଭାବିତ ହେଉଛି। ଚଳିତ ବର୍ଷ ଧାନ ଚାଷ ସମୟରେ ପ୍ରବଳ ୟୁରିଆ ଅଭାବ ଯୋଗୁଁ ଚାଷୀ ବାହାର ଜିଲ୍ଲା ଠାରୁ ସାର ଆଣି ଚାଷ କରିଥିବା ଅଭିଯୋଗ କରିଛନ୍ତି। ବିଗତ ଦିନଙ୍କରେ କିଛି ମାତ୍ରା ରେ ଚାଷୀଙ୍କ ନିମନ୍ତେ ରିହାତି ଦରରେ ଉନ୍ନତମାନର ବିହନ, ସାର, ଓ କୀଟନାଶକ ତଥା ବିଭିନ୍ନ ପ୍ରକାରର ରୋଗ ନିୟନ୍ତ୍ରଣ ନିମନ୍ତେ ଔଷଧ ଚାଷୀଙ୍କୁ ଯୋଗାଇ ଦିଆଯାଉଥିଲା। ବର୍ତ୍ତମାନ ରବି ଚାଷ ସମୟରେ ଉନ୍ନତ ମାନର ବିହନ ଓ ସାର ତଥା ରିହାତି ଦରରେ କିଟନାସକ ଔଷଧର ବ୍ୟବସ୍ଥା ନଥିବା ଯୋଗୁଁ ଚାଷୀ ଚଢା ଦରରେ ବଜାରରୁ କିଣି ଚାଷ କାମ କରୁଥିବାର ପ୍ରକାଶ କରିଛନ୍ତି। ଚାଷୀଙ୍କୁ ଚାଷ କାମରେ ସହଯୋଗ ଓ ସୂଚନା ନିମନ୍ତେ ବିଭିନ୍ନ ଗ୍ରାମାଞ୍ଚଳରେ ଗ୍ରାମସେବକଙ୍କୁ ନିୟୋଜିତ କରାଯାଇଛି। ଏହା ବ୍ୟତୀତ ପ୍ରତି ବ୍ଲକରେ ସ୍ୱତନ୍ତ୍ର କୃଷି ଅଧିକାରୀ ତଥା ଅନେକ କର୍ମଚାରୀଙ୍କୁ ଚାଷୀଙ୍କ ଉନ୍ନତି ପାଇଁ ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଛି। ଏହି ବାବୁମାନେ ଚାଷୀଙ୍କ କ୍ଷେତରେ ପାଦ ପକାଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟଦିଗରେ କାଳିଆ ଯୋଜନା ଟଙ୍କା ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରା ନ ଯାଇ ଅନିୟମିତ ଭାବେ ଲୋକଙ୍କୁ ପ୍ରଦାନ କରାଯାଇଛି। ପ୍ରକୃତ ଚାଷୀ ଏହି ଯୋଜନାରୁ ବଞ୍ଚିତ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। କେତେକ ଚାଷୀ ୫ରୁ ୧୦ ଏକର ଜମିରେ ଚାଷ କରୁଛନ୍ତି। ସେମାନଙ୍କ ପାଇଁ କାଳିଆ ଯୋଜନାର ୫ ହଜାର ଟଙ୍କା ସମୁଦ୍ରକୁ ଶଙ୍ଖେ ବୋଲି ପ୍ରକାଶ କରିଛନ୍ତି। ପ୍ରକୃତରେ ସରକାର ଚାଷୀଙ୍କୁ ସହାୟତା କରିବାକୁ ହେଲେ ବିଭିନ୍ନ ଯୋଜନା ଗୁଡିକ କରାଯାଇ ସାର, ବିହନ ଓ କିଟନାସକ ଔଷଧରେ ସବସିଡି ବ୍ୟବସ୍ଥା କରାଯାଇ ଚାଷୀଙ୍କୁ ରିହାତି ଦରରେ ଚାଷ ସାମଗ୍ରୀ ପ୍ରଦାନ କରାଗଲେ ଚାଷୀଙ୍କ ଉନ୍ନତି ହୋଇପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

# ତୀର୍ଥଯାତ୍ରା ହିଁ ଚେତନାର ଜାଗରଣ

ପ୍ରଫେସର ହରିକୃଷ୍ଣ ଦାଶ



**ପ୍ରାକ୍‌କଥନ :** ମନୁଷ୍ୟ ଜୀବନରେ ତୀର୍ଥଯାତ୍ରା ଏକାନ୍ତ ଆବଶ୍ୟକ। ତୀର୍ଥକ୍ଷେତ୍ର ବିଷୟରେ ଧର୍ମ ସମ୍ବନ୍ଧୀୟ ପୁସ୍ତକରୁ ଆମେ ଅବଗତ ହେଉ। ପୁସ୍ତକ ପଠନରୁ ଜ୍ଞାନ ମିଳେ, କିନ୍ତୁ ଆନନ୍ଦ ମିଳେ ନାହିଁ। କ୍ଷେତ୍ର ଓ ବିଗ୍ରହର ଚିତ୍ର ଦେଖିବା ଅପେକ୍ଷା ବିଗ୍ରହକୁ ସ୍ୱଚକ୍ଷୁରେ ଦର୍ଶନ କରିବା କେବଳ ଆନନ୍ଦଦାୟକ ନୁହେଁ, ଅଧିକନ୍ତୁ ମୁକ୍ତି ପ୍ରଦାୟକ। ଏହି ପୁଣ୍ୟ ଆର୍ଯ୍ୟଭୂମି ଭାରତରେ ବିଭିନ୍ନ ସମ୍ପ୍ରଦାୟ ଭିନ୍ନ ଭିନ୍ନ ଦେବଦେବୀଙ୍କୁ ପୂଜା ଆରାଧନା କରନ୍ତି। କେତେକ ପୁଣ୍ୟାତ୍ମା ପ୍ରତ୍ୟକ୍ଷ ଦର୍ଶନ ମଧ୍ୟ କରିଛନ୍ତି। ଆମ ହୃଦୟକୁ ରତ୍ନସିଂହାସନ ବୋଲି କୁହାଯାଏ। ଗୀତାରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଛନ୍ତି – 'ହୃଦଦେଶେ ଅର୍ଜ୍ଜୁନ ତିଷ୍ଠତି'। ଶାସ୍ତ୍ର କହିଥାଏ 'ଦେହୋ ଦେବାଳୟ ପ୍ରୋକ୍ତ ଜୀବ ଦେବ ସନାତନ'। ଦେହ ହିଁ ଦେବାଳୟ। ଏହା ମଧ୍ୟରେ ଜୀବାତ୍ମା ବିରାଜିତ। ଏହି ଶାଶ୍ୱତ ସତ୍ୟକୁ ଉପଲବ୍ଧି ପାଇଁ ସାଧନା ଅପରିହାର୍ଯ୍ୟ। ବାହ୍ୟ ଦୃଷ୍ଟିରୁ ଦିଅଁ ମନ୍ଦିରରେ ଅଛନ୍ତି। ଉଭୟ ଉକ୍ତି ସତ୍ୟ। ଭାରତବର୍ଷରେ ତେତିଶ କୋଟି ଦେବତାଙ୍କ ସ୍ଥିତିର କଳ୍ପନା କରାହୋଇଛି। ଭିନ୍ନ ଭିନ୍ନ ଦିଅଁ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମାପନ କରନ୍ତି। ଦୃଷ୍ଟାନ୍ତସ୍ୱରୂପ ବରୁଣ ଜଳର ଉତ୍ସ, ଇନ୍ଦ୍ର ବର୍ଷା, ଅଗ୍ନି ଆଲୋକ ଓ ଉତ୍ତାପ ପ୍ରଦାନକାରୀ, ସେହିପରି ସୂର୍ଯ୍ୟ ସକଳ ଶକ୍ତିର ଆଧାର, ବ୍ରହ୍ମା ସୃଷ୍ଟିକର୍ତ୍ତା, ବିଷ୍ଣୁ ପାଳନକର୍ତ୍ତା, ମହେଶ୍ୱର ସଂହାରକର୍ତ୍ତା। ଲକ୍ଷ୍ମୀ



ଐଶ୍ୱର୍ଯ୍ୟଦାତ୍ରୀ, ସରସ୍ୱତୀ ଜ୍ଞାନ ପ୍ରଦାୟିନୀ ଓ ଦୁର୍ଗା ସକଳ ଶକ୍ତିର ଉତ୍ସ ବୋଲି ଶାସ୍ତ୍ର ମତ ଦିଏ। ସତ୍ୟକୁ ଉପଲବ୍ଧି କରିବା ପାଇଁ ସାଧନା ଦରକାର। ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ପାଗୋଡ଼ା ଓ ଗୁରୁଦ୍ୱାରରେ ପୂଜା, ଆରାଧନା କରାଯାଏ। ପରଂବ୍ରହ୍ମ ନିରାକାର, ନିର୍ଗୁଣ ହେଲେ ମଧ୍ୟ ମନୁଷ୍ୟ ପାଇଁ ସଗୁଣ ଓ ସାକାର ରୂପ ଧାରଣ କରନ୍ତି। ଗୁଣ ଦୃଷ୍ଟିରୁ ସେ ଶୁଦ୍ଧ ଚେତନା ଓ ଆଦ୍ୟାଶକ୍ତି ରୂପେ ପ୍ରକାଶିତ। ଏହି ଚେତନା ଓ ଶକ୍ତିର ବାହ୍ୟ ପ୍ରକା ମୂର୍ତ୍ତି ବା ବିଗ୍ରହ।

ଦେବାଳୟକୁ ନିର୍ମଳ ରଖିଲାପରି ଅନ୍ତରକୁ ନିର୍ମଳ ରଖିବାକୁ ହେବ। ଭଗବାନ ଭକ୍ତ ସଂରକ୍ଷଣ ସହ ଧର୍ମପାଳନ ପାଇଁ କେତେ ନିୟମ ଦ୍ୱାରା ଶାସନ କରନ୍ତି। ଏହା ସହ ବେଦ ଉଦ୍ଧାରଣ ଓ ମାନବ କଲ୍ୟାଣ, ଭକ୍ତ ସଂରକ୍ଷଣ ଓ ବିଦ୍ୱତପୋଷଣ ପାଇଁ ଅବତାର ରୂପେ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି। ଭାଗବତ କହେ 'କରି କରାଉଥାଏ ମୁହିଁ ମୋ ବିନୁ ଆନ ଗତି ନାହିଁ।' ଏହା ଅବଗତ ହେଲେ ଦେବଦର୍ଶନ ପାଇଁ ଆଗ୍ରହ ସୃଷ୍ଟି ହୋଇଥାଏ। ଶ୍ରୀରାମକୃଷ୍ଣ ପରମହଂସ କହନ୍ତି – ଗାଈ ଖାଇସାରି ରୋମନ୍ଥନ କଲାପରି ବିଗ୍ରହ ଦର୍ଶନ ପରେ ପୂଜା ଆରାଧନା ସହ ଗଭୀର ଧ୍ୟାନମଗ୍ନ ହୁଅ ତେବେ ତାଙ୍କ କୃପା ପ୍ରାପ୍ତ ହେବ। ପିଲାମାନେ ପ୍ରଥମେ ଖେଳନା, ହାତୀ, ଗାଈ ଓ ବାଛୁରୀ ଦେଖିଥାନ୍ତି। ପରପର୍ଯ୍ୟାୟରେ ପ୍ରକୃତ ଜୀବନ୍ତ ଜୀବନକୁ ଦର୍ଶନ କରିଥାନ୍ତି। ସେହିପରି ଆମ୍ଭେମାନେ ବିଗ୍ରହ ପୂଜା ପରେ ଅସଲ ଭଗବାନଙ୍କୁ ଅନ୍ୱେଷଣ କରିଥାଉ। ସାଧନା ପରିପକ୍ୱ ହେଲେ ମୃଣ୍ମୟ ମୂର୍ତ୍ତି ଚିନ୍ମୟ ମୂର୍ତ୍ତିରେ ପ୍ରକଟିତ ହୁଅନ୍ତି। ଶ୍ରୀରାମକୃଷ୍ଣ ପରମହଂସଙ୍କ ହସ୍ତରୁ ମା'କାଳୀ ଖାଦ୍ୟ ଗ୍ରହଣ କରିଥିଲେ। ବାଳକ ଶଙ୍କରଙ୍କ ପୂଜା ଓ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମା'ନିଜ ସ୍ତନରୁ କ୍ଷୀର ଦେଇଥିଲେ। ଦାସିଆର ନାରିକେଳ ଫଳ ଶ୍ରୀଜଗନ୍ନାଥ ଗ୍ରହଣ କରିଥିଲେ। ସାଇ ଭକ୍ତମାନେ ନୈବେଦ୍ୟ ଅର୍ପଣ କଲେ ସତ୍ୟସାଇ ସୂକ୍ଷ୍ମ ଶରୀରରେ ଚିତ୍ରପଟରେ ଏହାକୁ ଗ୍ରହଣ ମଧ୍ୟ କରୁଛନ୍ତି।

ଏହିପରି ଶତ ଶତ ଘଟଣା ଘଟିଛି ଓ ଘଟୁଛି। ଏହାକୁ ଭକ୍ତମାନେ ପ୍ରତ୍ୟକ୍ଷରେ ଅନୁଭବ କରିଛନ୍ତି।

**ତୀର୍ଥଯାତ୍ରାର ଗୂଢ଼ ଅର୍ଥ :** ଅବତାର ପୁରୁଷ, ସାଧୁସନ୍ଥ ଦେବଦର୍ଶନ ପାଇଁ ମନ୍ଦିର ଯାଆନ୍ତି। ସାଧାରଣ ଭକ୍ତମାନେ ମଧ୍ୟ ଦେବ ଦର୍ଶନରେ ମନ୍ଦିର ଯାଆନ୍ତି। ଉଭୟଙ୍କ ଦର୍ଶନ ମଧ୍ୟରେ ପାର୍ଥକ୍ୟ ପରିଲକ୍ଷିତ ହୁଏ। ମହାପୁରୁଷମାନେ ଦର୍ଶନ ମାଧ୍ୟମରେ ବିଗ୍ରହ ଦେହରେ ଶକ୍ତି ସଂଚାର କରନ୍ତି। ଭକ୍ତମାନେ ଦର୍ଶନ କରି କୃପା ପ୍ରାପ୍ତ ହୁଅନ୍ତି। ମନ୍ଦିର ମଧ୍ୟରେ ବିଗ୍ରହ ସମ୍ମୁଖରେ ଦର୍ଶନ ସମୟରେ ଚକ୍ଷୁ ବନ୍ଦ କରିଦେଉ, ସେତେବେଳେ ଆମ ହୃଦୟରେ ତାଙ୍କୁ ଦର୍ଶନ କରିଥାଉ। ଦର୍ଶନ ମାଧ୍ୟମରେ ପାପ ମୁକ୍ତ ହେଉ। ଶ୍ରୀକୃଷ୍ଣ ଭଗବତ ଗୀତାରେ କହିଛନ୍ତି – 'ସର୍ବଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ, ଅହଂତ୍ୱା ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମାଶୁଚଃ'। ସମସ୍ତ ଛୋଟ ବଡ କାମନା ତ୍ୟାଗ କରି ଶରଣାଗତ ହେଲେ ଆମେ ପାପ ମୁକ୍ତ ହେବା। ଏହା ସତ୍ତ୍ୱେ ଆମେ କିପରି ଦେବ ଦର୍ଶନରୁ ନିବୃତ୍ତ ରହିବା? ତୀର୍ଥଯାତ୍ରା ଐଶ୍ୱରିକ ସତ୍ତାକୁ ଉଜ୍ଜୀବିତ କରେ। ସେ ଭାବକୁ ନିକଟ, ସେ ଭାବଗ୍ରାହୀ। ଆମର ଆଧ୍ୟାତ୍ମିକ ପ୍ରଗତିରେ ଆମ ସଂକଳ୍ପ ଓ ତାଙ୍କର କୃପା କାମ କରେ। ସତ୍ୟସାଇ ବାବା କହନ୍ତି ମୂର୍ତ୍ତିପୂଜା ସହ ତାଙ୍କ ଆଦର୍ଶକୁ ଅନୁସରଣ କର। **'Idol worship should accompany Ideal worship'** କିଛି ଉତ୍କୃଷ୍ଟ ଗୁଣ ଆହରଣ କରିବାକୁ ହେଲେ, କିଛି ତ୍ୟାଗ କରିବାକୁ ପଡ଼େ। ତୀର୍ଥରେ ଜଣେ ଭଲ ପାଇଥିବା ଫଳ ଭକ୍ଷଣ ତ୍ୟାଗ କରନ୍ତି। ବାସ୍ତବିକ୍ ମନ୍ଦଗୁଣ ତ୍ୟାଗ କରି ଉତ୍ତମ ଗୁଣ ଆହରଣ କରିବା ଭକ୍ତର ଲକ୍ଷ୍ୟ ହେବା ଉଚିତ। ସେ ମିଥ୍ୟା, ଘୃଣା, ଈର୍ଷା ତ୍ୟାଗ କରି ପ୍ରେମ ଭାବ ବଢ଼ାଇବା ଓ ଅଧର୍ମ ତ୍ୟାଗ କରି ସଦାଚାର ପୂର୍ଣ୍ଣ ଜୀବନଯାପନ କରିବା ଆବଶ୍ୟକ। କାମ ତ୍ୟାଗ ନୁହେଁ କାମନା ତ୍ୟାଗ, ବାସ ତ୍ୟାଗ ନୁହେଁ ବାସନା ତ୍ୟାଗ ଦରକାର।







ଶ୍ରୀସତ୍ୟସାଇ ବାବା କହନ୍ତି – **Man - immorality - Immortality,** ବିଶ୍ୱାସ କରାଯାଏ ବିଭିନ୍ନ ଲୋକ ତୀର୍ଥରେ ଦେବ ଦର୍ଶନ କରି ପାପ ଧୋଇଦେବାକୁ ଯାଆନ୍ତି। ପାପୀ ଲୋକ ମଧ୍ୟ ତୀର୍ଥ ଦର୍ଶନରେ ଯାଇ କ୍ଷେତ୍ର ମହାତ୍ମ୍ୟ ଓ ବିଭୁ କୃପାରୁ ଅଧିକ ନିଷ୍ପାପ ହୋଇ ଫେରନ୍ତି। ତେଣୁକରି ତୀର୍ଥ ଦର୍ଶନରେ ପବିତ୍ର ହୃଦୟ ଧରି ଯିବା ଉଚିତ। ହିନ୍ଦୁମାନେ ଅନ୍ତତଃପକ୍ଷେ ଚାରି ଧାମ ଦର୍ଶନ କରିବା କଥା ଶାସ୍ତ୍ର କହେ। ମୁସଲମାନମାନେ ମକ୍କାକୁ ହଜ୍ ଯାତ୍ରାରେ ଯାଆନ୍ତି। ପ୍ରତ୍ୟେକ ଧର୍ମାବଲମ୍ବୀ ନିଜ ନିଜ ତୀର୍ଥ ସ୍ଥାନକୁ ଦର୍ଶନ ପାଇଁ ଯାଆନ୍ତି। ଏ ଭାରତ ଭୂଖଣ୍ଡକୁ ଆମର ସଂସ୍କୃତି ସହ ବେଦ, ରାମାୟଣ, ମହାଭାରତ, ଗୀତା, ପୁରାଣ ଓ ଭାଗବତ ଏକତା ସୂତ୍ରରେ ବାନ୍ଧି ରଖିଛି। ଶାସ୍ତ୍ର କହେ ପ୍ରଥମ – ପ୍ରତିମା ପୂଜା, ତା'ଠାରୁ ଅଧିକ, ମଧ୍ୟମା ପୂଜା ଅର୍ଥାତ୍ ଜପସ୍ତୋତ୍ର ଓ ସୋହଂ ପୂଜା ଶ୍ରେଷ୍ଠ। ଦେବଦେବୀ ଦର୍ଶନରେ ଦିବ୍ୟ ଅନୁଭୂତି ମିଳିଥାଏ। ଶ୍ରୀରାମକୃଷ୍ଣ, ସ୍ୱାମୀ ବିବେକାନନ୍ଦ, ମା'କାଳୀଙ୍କୁ ପ୍ରତ୍ୟକ୍ଷ ଭାବେ ଦର୍ଶନ କରିଥିଲେ। ଶ୍ରୀଚୈତନ୍ୟ, ଜୟଦେବ, ମୀରା, ଶ୍ରୀକୃଷ୍ଣଙ୍କ ଓ ଗୋସ୍ୱାମୀ ତୁଳସୀଦାସ ହନୁମାନ ଓ ଶ୍ରୀରାମଚନ୍ଦ୍ରଙ୍କ ଦର୍ଶନ ପାଇଥିଲେ। ଆଚାର୍ଯ୍ୟ ଶଙ୍କର ଦେବାଧିଦେବ ମହାଦେବଙ୍କ ଦର୍ଶନ ପାଇଁ ନିଜକୁ କୃତାର୍ଥ ମନେକରିଥିଲେ। ବାହ୍ୟ ଦର୍ଶନ ସହ ଅନ୍ତରରେ ଦର୍ଶନ ଆହୁରି ଅଧିକ ସ୍ଥିର ଓ ଚିର ଶାଶ୍ୱତ ଶାନ୍ତି ସବୁ ସମୟ ପାଇଁ ଦିଏ।

**ଜୀବନର ଅନ୍ତିମ ଲକ୍ଷ୍ୟ :** ମଣିଷ ମୋକ୍ଷ ପାଇଁ ଲାଳାୟିତ ହୋଇଥାଏ। ମଣିଷ ବା 'MAN', 'M'ର ଅର୍ଥ ମାୟା ଦୂରୀକରଣ, 'A' ଆତ୍ମା ଦୃଶ୍ୟମାନ, 'N' ନିର୍ବାଣପ୍ରାପ୍ତି। ଏହାର ସମୁଦାୟ ଅର୍ଥ ମାୟା ଦୂର କରି ଅନ୍ତରାତ୍ମା ଦର୍ଶନ କରିବା। ଏଥିପାଇଁ ଭକ୍ତ ତୀର୍ଥ ଭ୍ରମଣ କରେ। ଶ୍ରୀ ଶଙ୍କର କହନ୍ତି ଜୀବନର ଲକ୍ଷ୍ୟ ମୋକ୍ଷ ପ୍ରାପ୍ତି। ବୁଦ୍ଧଦେବ ଏହାକୁ ନିର୍ବାଣ, ସାଂଖ୍ୟ ଯୋଗୀମାନେ କୈବଲ୍ୟ ଓ ଶ୍ରୀରାମାନୁଜ ମୁକ୍ତି ବୋଲି କହିଥାଆନ୍ତି। ଶ୍ରୀସତ୍ୟସାଇ ବାବା ଆତ୍ମୋପଲବ୍ଧି ଉପରେ ଗୁରୁତ୍ୱ ଦିଅନ୍ତି। ଭାଷା ପୃଥକ ହେଲେ ମଧ୍ୟ ଏସବୁ ଏକାର୍ଥବୋଧକ। ମୋକ୍ଷ ପ୍ରାପ୍ତି ହିଁ ମଣିଷର ଅନ୍ତିମ ଲକ୍ଷ୍ୟ। ତୀର୍ଥ ଭ୍ରମଣରେ ବିଗ୍ରହ ଦର୍ଶନ କରି ମନ୍ଦଗୁଣ ତ୍ୟାଗ ସହ ସୁଗୁଣ ଅର୍ଜନ ଦ୍ୱାରା ମାୟା ଓ ଅବିଦ୍ୟାକୁ ଦୂର କରି ଦିବ୍ୟାନନ୍ଦରେ ବୁଡ଼ି ରହି ଶେଷରେ ମୋକ୍ଷ ସୋପାନରେ ଉପନୀତ ହେବା ଜୀବନର ମୁଖ୍ୟ ଆବଶ୍ୟକତା। ତୀର୍ଥ ଦର୍ଶନରେ ତିନିଗୋଟି ଶବ୍ଦ ଉପରେ ଗୁରୁତ୍ୱ ଦିଆଯାଏ। ଏହାପ୍ରିୟ, ମୋଦ ଓ ପ୍ରମୋଦ। ବିଗ୍ରହକୁ ମୀରାଙ୍କ ପରି ଅନ୍ତରରେ ଭଲପାଇବା ପ୍ରିୟ। ମୋଦ ଅର୍ଥ ତାଙ୍କୁ ନିଜର ଅନ୍ତରଙ୍ଗ କରିନେବା ଓ ପ୍ରମୋଦର ଅର୍ଥ ସେଥିରୁ ଦିବ୍ୟାନନ୍ଦ ପ୍ରାପ୍ତ ହୋଇ ମୋକ୍ଷ ସୋପାନରେ ଉପନୀତ ହେବା। ଏହା ହିଁ ଆତ୍ମୋପଲବ୍ଧିର ଉପାୟ କହିଲେ ଅତ୍ୟୁକ୍ତି ହେବନାହିଁ।



**ଆମର ଦେବଦେବୀ ଦର୍ଶନ :** ମୁଁ ଓ ମୋର ସହଧର୍ମିଣୀ, ପୁତ୍ର ଓ ବଧୂ ତୀର୍ଥଯାତ୍ରାରେ ବିଭିନ୍ନ ସ୍ଥାନକୁ ଯାଇଥିଲୁ। ଜଗତଗୁରୁ ସତ୍ୟସାଇଙ୍କୁ ଜୀବନର କେନ୍ଦ୍ରବିନ୍ଦୁ କରି ପୁଟ୍ଟପର୍ତ୍ତିରେ ମନ ନିବେଶ କଲୁ। ଶିରିଡ଼ି ବାବା ସତ୍ୟସାଇଙ୍କ ପୂର୍ବାବତାର। ସେଠାକୁ ଦର୍ଶନ କରିବାକୁ ଯାଇଥିଲୁ। ଏହାପରେ ପଣ୍ଡିଚେରୀ ଯୋଗୀ ଅରବିନ୍ଦଙ୍କ ଆଶ୍ରମ, କଲିକତାର ଶ୍ରୀରାମକୃଷ୍ଣ ପରମହଂସଙ୍କ ବେଲୁରମଠ, ସ୍ୱାମୀ ଶିବାନନ୍ଦଙ୍କ ଋଷିକେଶର ଦିବ୍ୟଜୀବନ ସଂଘ ଆଶ୍ରମ ଇତ୍ୟାଦି ବୁଲି ଦେଖିଲୁ। ଏହାପରେ ପରେ ଦକ୍ଷିଣ ଭାରତର ମୀନାକ୍ଷି ମନ୍ଦିର, ଶ୍ରୀରାମେଶ୍ୱରମ୍ ଦର୍ଶନ କରିବାର କୃପା ପ୍ରାପ୍ତ ହେଲା। ଦକ୍ଷିଣ ଭାରତର ପ୍ରସିଦ୍ଧ ମନ୍ଦିର ବାଲାଜୀ ଭେଙ୍କଟେଶ୍ୱର ମନ୍ଦିରରେ, ଗୋବିନ୍ଦଙ୍କ ନାମ ଚତୁଃପାର୍ଶ୍ୱରେ ଝଙ୍କୃତ ହେଉଥିଲା। ଏହା ଦେବତ୍ୱ ଉପଲବ୍ଧିର ରାସ୍ତା। ଶୟନରତ ବିଷ୍ଣୁଙ୍କୁ ଶ୍ରୀରଙ୍ଗପଟନମ୍, ଭଦ୍ରାଚଳମ୍‌ରେ ଶ୍ରୀରାମଙ୍କ ଦର୍ଶନ କରିବାର ସୁଯୋଗ ପାଇଲୁ। ଏହାବ୍ୟତୀତ ସ୍ୱାମୀ ନାରାୟଣଙ୍କ ଅକ୍ଷର ଧାମ ଦିଲ୍ଲୀ ଓ ଅହମଦାବାଦରେ ପୂର୍ଣ୍ଣ ପ୍ରାଣରେ ଉପଭୋଗ କଲୁ। ପଶ୍ଚିମର ଶ୍ରୀ ସୋମନାଥ, ନାଗେଶ୍ୱର, ତ୍ର୍ୟମ୍ବକେଶ୍ୱର ଦର୍ଶନର ସୁଯୋଗ ମିଳିଲା। କନ୍ୟାକୁମାରୀରେ ପ୍ରାତଃ ଓ ଅସ୍ତଗାମୀ ସୂର୍ଯ୍ୟଙ୍କ ଅପରୂପ ଶୋଭା ଦର୍ଶନ ସହ ମା'ଙ୍କ ଦର୍ଶନ, ବିବେକାନନ୍ଦ ଧ୍ୟାନ ସ୍ମୃତି ମନ୍ଦିର ଦର୍ଶନ କରିଥିଲୁ। ନେପାଳର ପଶୁପତିନାଥ ଓ ବୁଦ୍ଧଙ୍କ ଜନ୍ମସ୍ଥାନ ଲୁମ୍ବିନୀ ଦେଖିବାକୁ ପ୍ରାର୍ଥନା କରିଥିଲୁ, ମନସ୍କାମନା ପୂରଣ ହେଲା। ଆଲାହାବାଦର କୁମ୍ଭ ମେଳା, ଗୟା, ବୋଧଗୟା, କାଶୀ ବିଶ୍ୱନାଥ ଓ ବୁଦ୍ଧଙ୍କ ମୁକ୍ତିପ୍ରାପ୍ତିର ସ୍ଥାନ ସାରନାଥ ଇତ୍ୟାଦି ଦେଖିବାର ସୁଯୋଗ ମିଳିଲା। କଳିଯୁଗର ପ୍ରତ୍ୟକ୍ଷ ମାତା ବୈଷ୍ଣୋଦେବୀଙ୍କୁ ଦର୍ଶନ କରି ଅପୂର୍ବ ଆନନ୍ଦ ପାଇଥିଲୁ। ଉତ୍ତରାଖଣ୍ଡର ଚାରିଧାମ ଯଥା – କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରୀ ଓ ଯମୁନେତ୍ରୀ ଦର୍ଶନ ମଧ୍ୟରେ ଭଗବାନଙ୍କ ସୃଷ୍ଟିର ଅପୂର୍ବ ରୂପ ସୌନ୍ଦର୍ଯ୍ୟ ଉପଲବ୍ଧି କରିବାର ସୁଯୋଗ ପାଇଲୁ। ଏହାପରେ ଶ୍ରୀକୃଷ୍ଣଙ୍କ ଲୀଳା ଭୂମି ବୃନ୍ଦାବନ, ମଥୁରା, ଭେଟ ଦ୍ୱାରକା ଦର୍ଶନ କରି କୃଷ୍ଣତତ୍ତ୍ୱକୁ ଅନ୍ତର ସହିତ ଗ୍ରହଣ କରିବାକୁ ଚେଷ୍ଟା କଲୁ। ଏହା ବ୍ୟତୀତ ଗୁଜୁରାଟର ଦଲିଓ୍ୱାର ଜୈନ ମନ୍ଦିର, ମାଉଣ୍ଟଆବୁର ବ୍ରହ୍ମକୁମାରୀଙ୍କ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆମର ଦୃଷ୍ଟି ଆକର୍ଷଣ କଲା। କାଶ୍ମୀରରେ ଆଚାର୍ଯ୍ୟ ଶଙ୍କରଙ୍କ ପୂଜିତ ଶିବଲିଙ୍ଗ ଓ ସ୍ୱ-ପ୍ରତିମୂର୍ତ୍ତି ଦର୍ଶନ ସହ ମୁସଲମାନ ଭାଇମାନଙ୍କର କାଶ୍ମୀର ସ୍ଥିତ ହଜରତ୍ ବାଲ ମସଜିଦ୍ ଓ ଖ୍ରୀଷ୍ଟିୟାନମାନଙ୍କ କର୍ଣ୍ଣାଟକର ମହୀଶୂର ଠାରେ ଅବସ୍ଥିତ ପିଲୋମିନା ଚର୍ଚ୍ଚରେ ହୃଦୟର ଗଭୀର ଶ୍ରଦ୍ଧା ଜଣାଇଥିଲୁ। ଶିଖମାନଙ୍କ ଗୁରୁଦ୍ୱାରରେ ଗୁରୁବାଣୀ ଶ୍ରବଣ କରିବାର ସୁଯୋଗ ପାଇଲି। ଏହା ଈଶ୍ୱରଙ୍କ ବିଶେଷ କୃପାର ଫଳ।



ମୋ ଓଡ଼ିଶା ମାଟିର ଅଧିକାଂଶ ଦିଅଁ ଦେବତାଙ୍କୁ ଦର୍ଶନ, ପୂଜା ଆରାଧନା କରିଛି। ଏହି ଦର୍ଶନ ପାଇଁ ପ୍ରଭୁ ପାଦରେ କୋଟି ପ୍ରଣାମ ଓ କୃତଜ୍ଞତା ଜଣାଉଛି। 'ଅଯୋଧ୍ୟା ମଥୁରା ମାୟା, କାଶୀ କାଞ୍ଚି ଅବନ୍ତିକା ଦ୍ୱାରାବତୀ ପୁରୀ ଚୈବ, ସପ୍ତୈତେ ମୋକ୍ଷଦାୟିକାଃ।' ଏହା ବ୍ୟତୀତ ଆହୁରି ଅନେକ କ୍ଷେତ୍ର ଅଛି ଏବଂ ନୂଆ ନୂଆ କ୍ଷେତ୍ରମାନ ବଢ଼ି ଚାଲିଛି। ଏସବୁ କ୍ଷେତ୍ରର ମହିମା ମଧ୍ୟ କ୍ଷେତ୍ରାଧିପତିଙ୍କ ମହିମାକୁ ଧାରଣ କରୁଥିବାରୁ କୌଣସି କ୍ଷେତ୍ରକୁ କାହା ଠାରୁ ଊଣା ମନେ କରାଯାଇ ପାରିବ ନାହିଁ।

*ଉତ୍ତରାୟଣ, ୭୩୮/୧୦, ଜୟଦେବ ବିହାର, ଭୁବନେଶ୍ୱର*
*ଦୂରଭାଷ : ୯୪୩୭୪୩୭୯୭୦*











# ଜାନୁଆରୀ ୨୬ରୁ ଆଦିବାସୀ ମେଳା



**ଭୁବନେଶ୍ୱର :** ବାର୍ଷିକ ଆଦିବାସୀ ମେଳାର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହାକୁ ଅଧିକ ବ୍ୟାପକ ଓ ସୁବ୍ୟବସ୍ଥିତ କରିବା ନିମନ୍ତେ ସ୍ଥାନୀୟ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧ସ୍ଥିତ ଓ.ଟି.ଡି.ସି ସମ୍ମିଳନୀ କକ୍ଷରେ ଆଦିବାସୀ ମେଳା-୨୦୨୦ ଆୟୋଜନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବାର୍ଷିକ ଆଦିବାସୀ ମେଳା ସହିତ ସମ୍ପୃକ୍ତ ସମସ୍ତ ବିଭାଗ ଗୁଡ଼ିକର ସମନ୍ୱୟରେ ମେଳା କିପରି ସୂଚାରୁରୂପେ ଅନୁଷ୍ଠିତ ହେବ ସେ ସମ୍ପର୍କରେ ଶ୍ରୀମତୀ ଚୋପ୍ରା ଗୁରୁତ୍ୱାରୋପ କରିଥିଲେ। ଏସ.ସିଏସ.ଟି.ଆର.ଟି.ଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ମେଳା ସହିତ ସମ୍ପୃକ୍ତ ସମସ୍ତ ବିଭାଗର ସମନ୍ୱୟ, ପ୍ରସ୍ତୁତି ଓ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ବାର୍ଷିକ ଆଦିବାସୀ ମେଳା ୨୦୨୦ ଜାନୁଆରୀ ୨୬ ତାରିଖରୁ ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ୩ ନମ୍ବରସ୍ଥିତ ଇଡ଼କୋ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେବ । ମେଳା ନିମନ୍ତେ ଏ.ଟି.ଏଲ.ସି ନୋଡ଼ାଲ ଏଜେନ୍ସି ଭାବରେ କାର୍ଯ୍ୟ କରିବ। ଜାନୁୟାରୀ ୨୬ ତାରିଖ ଦିନ ସନ୍ଧ୍ୟାରେ ଉଦଘାଟିତ ହେବାକୁ ଥିବା ଆଦିବାସୀ ମେଳାରେ ଆଠଟି ବିଭାଗ ରହିବ। ମେଳାରେ ପ୍ରବଳ ଜନଗହଳି ହେତୁ ସୁବ୍ୟବସ୍ଥିତ ଯାନବାହାନ ଚଳାଚଳ, ମେଳା ପରିସରରେ ଅଗ୍ନି ନିରାପତା, ମେଳାକୁ ପ୍ଲାଷ୍ଟିକମୁକ୍ତ, ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ଆଦି ବିଷୟରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଜି ଆଲୋଚନା କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଫାୟାର ସର୍ଭିସ କମିଶନର ଅଫ୍ ପୋଲିସ୍, ବିଏମସି, କଲେକ୍ଟର ଖୋର୍ଦ୍ଧା, କୃଷି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଉଦ୍ୟାନ କୃଷି, ପର୍ଯ୍ୟଟନ, ମୃତିକା ସଂରକ୍ଷଣ, ହସ୍ତଶିଳ୍ପ, କୁଟୀର ଶିଳ୍ପ, ଆୟୁଷ, ଶିଳ୍ପ, ସୂଚନା ଓ ଲୋକସମ୍ପର୍କ, ଦୂରଦର୍ଶନ, ଟି.ଡି.ସି.ସି.ଓ.ଏଲ, ଓ.ପି.ଇଏଲ.ଆଇ.ପି., ଓ.ଏସ୍.ଏଫ.ଡି.ସି, ମହିଳା ବିକାଶ ସମବାୟ ନିଗମ, ଚିଫ୍ କନଜରଭେସନ ଅଫ୍ ଫରେଷ୍ଟ, ଚିଫ୍ ଇଲେକ୍ଟ୍ରିକାଲ ଇନିସପେକ୍ଟର ଭୁବନେଶ୍ୱର, ବିସିବିଡ଼ି(୧), ଭୁବନେଶ୍ୱର, ସେସୁ/ପିଏଚଡ଼ି ଡିଭିଜନ, ସିଡ଼ିଏମଓ, ଖୋର୍ଦ୍ଧା, ଏସିପି ଟ୍ରାଫିକ୍, ସିଟି ହେଲଥ୍ ଅଫିସ, ବିଏମସି ଆଦି ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୦୨୦ରେ ଦେଶର ଉର୍ଜା ଭିତ୍ତିଭୂମିରେ ଅଭୂତପୂର୍ବ ପ୍ରଗତି ହେବ : ଧର୍ମେନ୍ଦ୍ର



**ନୂଆଦିଲ୍ଲୀ/ଭୁବନେଶ୍ୱର :** ଉର୍ଜା କ୍ଷେତ୍ରରେ ଭାରତ ସରକାର ରାଜସ୍ୱ ଅପେକ୍ଷା ଉତ୍ପାଦନକୁ ବୃଦ୍ଧିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏହି କାରଣରୁ ଏହି କ୍ଷେତ୍ରରେ କ୍ରମାଗତ ସଂସ୍କାର ଅଣାଯାଇପାରୁଛି । ବର୍ଷ ୨୦୨୦ରେ ଦେଶର ଉର୍ଜା ଭିତିଭୂମିରେ ଅଭୂତପୂର୍ବ ପ୍ରଗତି ହେବ ବୋଲି ନୂଆଦିଲ୍ଲୀ ଠାରେ ଓପନ ଆକ୍ରେଜ ଲାଇସେନ୍ସିଂ ପଲିସି ଓଏଏଲପି ବିଡ୍ ରାଉଣ୍ଡ-୪ ଅଧୀନରେ ଚୁକ୍ତି ସ୍ୱାକ୍ଷର ହେବା କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଏନଜିସିକୁ ମିଳିଥିବା ୭ ବ୍ଲକ ପାଇଁ ଅଭିନନ୍ଦନ ଜଣାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଗତ ଅଢେଇ ବର୍ଷରେ ଭାରତ ସରକାରଙ୍କ ପକ୍ଷରୁ ସଫଳତାର ସହ ଅନୁସନ୍ଧାନ ଓ ଉତ୍ପାଦନ ପାଇଁ ପ୍ରାୟ ୧.୪ ଲକ୍ଷ ବର୍ଗ କିଲୋମିଟର ଆବଣ୍ଟନ କରାଯାଇଛି। କ୍ରମାଗତ ସଂସ୍କାର କରାଯାଇ ନୀତିଗତ ଭାବେ ଓପନ ଆକ୍ରେଜ ଲାଇସେନ୍ସିଂ ପଲିସି ଓଏଏଲପି ବିଡ୍ ରାଉଣ୍ଡ-୪ ଅଧୀନରେ ପ୍ରଥମ ରାଉଣ୍ଡରେ ୬୦ ହଜାର କିମି, ଦ୍ୱିତୀୟ ଏବଂ ତୃତୀୟ ରାଉଣ୍ଡରେ ପ୍ରାୟ ୩୦-୩୦ ହଜାର ଏବଂ ଚତୁର୍ଥ ରାଉଣ୍ଡରେ ୧୮ ହଜାର ୫୦୦ ବର୍ଗ କିମିର ଆବଂଟନ ପୂରଣ ହୋଇଛି ଏବଂ ଚତୁର୍ଥ ରାଉଣ୍ଡର କାମ ଓଏନଜିସି ଦ୍ୱାରା ହେବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶରେ ଉର୍ଜା ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି । ଭାରତ ସରକାରଙ୍କ ତରଫରୁ ଉର୍ଜା କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ କରାଯାଉଛି। ଜାତୀୟ ଭିତିଭୂମି କ୍ଷେତ୍ରରେ ଆଗାମୀ ୫ ବର୍ଷ ପାଇଁ ୧୦୨ ଲକ୍ଷ କୋଟି ଟଙ୍କା ପୁଞ୍ଜିନିବେଶ କରିବାର ଯୋଜନା କରାଯାଇଛି। ଏହି ପ୍ରକଳ୍ପରେ ଉର୍ଜା କ୍ଷେତ୍ରର ୨୪ ପ୍ରତିଶତ ଭାଗ ରହିବ। ଯାହା ଦେଶର ଅର୍ଥନୀତି ଉପରେ ପ୍ରଭାବ ପକାଇବ। ଦେଶର ଅର୍ଥନୀତିକୁ ଦ୍ରୁତ ବିକାଶ ପ୍ରଦାନ କରିବାରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସର ଅଂଶୀଦାରଙ୍କ ଯୋଗଦାନ ରହିଛି ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ବର୍ତମାନ ବିଜ୍ଞାନ ଓ ପ୍ରଯୁକ୍ତି ଦ୍ରୁତ ଗତିରେ ଅଗ୍ରସର ହେଉଛି। ତୈଳ ଏବଂ ଗ୍ୟାସ କମ୍ପାନୀମାନେ ମଧ୍ୟ ଏହି କ୍ଷେତ୍ରର ଅଭିବୃଦ୍ଧି ପାଇଁ ପାଇଁ ଡିଜିଟାଲାଇଜେସନକୁ ଗୁରୁତ୍ୱ ଦେଉଛନ୍ତି।

# ନିରଞ୍ଜନ ସେଠୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ)



**ଭୁବନେଶ୍ୱର :** ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ତଥା ଯୁଗ୍ମ ଶାସନ ସଚିବ ଭାବେ କାର୍ଯ୍ୟ କରୁଥିବା ନିରଞ୍ଜନ ସେଠୀ ପଦୋନ୍ନତି ପାଇଛନ୍ତି। ନିରଞ୍ଜନଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ପଦବୀକୁ ପଦୋନ୍ନତି ମିଳିଛି। ସେ ଦୀର୍ଘ ୩୦ବର୍ଷ କାର୍ଯ୍ୟକାଳ ମଧ୍ୟରେ ଅନେକ ସମୟରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଲୋକ ସଂପର୍କ ଅଧିକାରୀ, ବିଭିନ୍ନ ଜିଲ୍ଲାରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଉତ୍ତରାଞ୍ଚଳ ଉପ ନିର୍ଦ୍ଦେଶକ( ସମ୍ବଲପୁର) ଓ ବିଭାଗର ପ୍ରାୟ ସବୁ ବ୍ରାଞ୍ଚରେ ବ୍ରାଞ୍ଚ ଅଫିସର ଭାବେ କାର୍ଯ୍ୟକରି ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ଓଡିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସେ ଗଣମାଧ୍ୟମ ପରିଚାଳନା ଓ ସୋସିଆଲ ମିଡିଆର ନୋଡାଲ ଅଫିସର ଭାବେ ସଫଳତାର ସହିତ କାର୍ଯ୍ୟ କରି ପ୍ରଶଂସିତ ହୋଇଥିଲେ। ଗଣମାଧ୍ୟମ ପରିଚାଳନା କ୍ଷେତ୍ରରେ ଅନେକ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟକରି ସେ ଗଣମାଧ୍ୟମ ଜଗତରେ ବେଶ ପରିଚିତ। ରାଜ୍ୟ ସରକାରଙ୍କ ୫-ଟି ଆଧାରରେ ପଦୋନ୍ନତି ପ୍ରକ୍ରିୟା ତ୍ୱରାନ୍ୱିତ ହେବା ପରେ ଶ୍ରୀ ସେଠୀଙ୍କର ଦୀର୍ଘ ଦିନର ଅଭିଜ୍ଞତା ଓ ବିଭାଗୀୟ କାର୍ଯ୍ୟରେ ବୈଷୟିକ ଦକ୍ଷତାକୁ ଉପଲବ୍ଧି କରି ରାଜ୍ୟ ସରକାର ତାଙ୍କୁ ନିର୍ଦ୍ଦେଶକ (ବୈଷୟିକ) ଭାବେ ପଦୋନ୍ନତି ଦେଇଛନ୍ତି।

## ବରଦା ପ୍ରସନ୍ନ ଦାସ ଯୁଗ୍ମ ନିର୍ଦ୍ଦେଶକ



**ଭୁବନେଶ୍ୱର :** ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ତଥା ଉପ ଶାସନ ସଚିବ ଭାବେ କାର୍ଯ୍ୟ କରୁଥିବା ବରଦା ପ୍ରସନ୍ନ ଦାସ ବିଭାଗୀୟ ପଦନ୍ନୋତି ପାଇ ଯୁଗ୍ମ ନିର୍ଦ୍ଦେଶକ ପଦରେ ନିଯୁକ୍ତି ହୋଇଛନ୍ତି । ଶ୍ରୀ ଦାସ ତାଙ୍କର ୩୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଟିଟିଲାଗଡ଼, ନୟାଗଡ଼, ବାଙ୍କୀ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ଅନୁଗୁଳ, ଦେବଗଡ଼ ଆଦି ସ୍ଥାନରେ ଲୋକ ସମ୍ପର୍କ ଅଧିକାରୀ ଓ ବିଭିନ୍ନ ମନ୍ତ୍ରୀଙ୍କ ସୂଚନା ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ସେ ଜଣେ ସୁଲେଖକ, ସୁବକ୍ତା, ସଂଗଠକ ଓ ସାହିତ୍ୟିକ ଭାବେ ସୁପରିଚିତ।

# ବରିଷ୍ଠ ଆଇନଜୀବୀ କାମଦେବ ତ୍ରିପାଠୀଙ୍କୁ ‘ଦୂରଦୃଷ୍ଟି ଆଇନ ସ୍ୱଚ୍ଛତା ସମ୍ମାନ’



**ଭୁବନେଶ୍ୱର :** ସାପ୍ତାହିକ ଖବରକାଗଜ ‘ଦୂରଦୃଷ୍ଟି’ର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ ଜୟଦେବ ଭବନଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ‘ଦୂରଦୃଷ୍ଟି’ର ସାମ୍ପାଦକ ଭକ୍ତଶେଖର ରାୟ ଗଣମାଧ୍ୟମ ନିରପେକ୍ଷ ଭାବେ କାର୍ଯ୍ୟ କରିବା କଥା କହିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଭୁବନେଶ୍ୱର ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ହେମନ୍ତ ରଥଙ୍କୁ ‘ଦୂରଦୃଷ୍ଟି କଲମ ସମ୍ମାନ’, କିମ୍ସ ହସ୍ପିଟାଲକୁ ‘ଦୂରଦୃଷ୍ଟି ସ୍ୱାସ୍ଥ୍ୟ ସ୍ୱଚ୍ଛତା ସମ୍ମାନ’, ୟୁନିଟ୍-୬ ସରସ୍ୱତୀ ଶିଶୁ ମନ୍ଦିରକୁ ‘ଦୂରଦୃଷ୍ଟି ଶିକ୍ଷା ସ୍ୱଚ୍ଛତା ସମ୍ମାନ’, ବରିଷ୍ଠ ଆଇନଜୀବୀ କାମଦେବ ତ୍ରିପାଠୀଙ୍କୁ ‘ଦୂରଦୃଷ୍ଟି ଆଇନ ସ୍ୱଚ୍ଛତା ସମ୍ମାନ’ ଓ କଳାରାହାଙ୍ଗ ଦୁର୍ଗାପୂଜା କମିଟିକୁ ‘ଦୂରଦୃଷ୍ଟି ସଂସ୍କୃତି ସମ୍ମାନ’ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ କମଳ କିରଣ ସଂଯୋଜନା କରିଥିଲା ବେଳେ ଫଟୋ ସାମ୍ବାଦିକ ପିୟୂଷ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ‘ଦୂରଦୃଷ୍ଟି’ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରାଯାଇଥିଲା।





ଇଂରାଜୀ ନବବର୍ଷ ୨୦୨୦ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
HEAVEN OF TEETH DENTAL CLINIC
ଡାକ୍ତର ସିଦ୍ଧାର୍ଥ ସାମଲ
ସୁଜନପୁର, ବରୀ, ଯାଜପୁର / ଦୂରଭାଷ : ୭୦୦୮୨୩୫୬୮୬



୨୦୨୦ ଇଂରାଜୀ ନବବର୍ଷ ଅବସରରେ ଏଚ୍.ପି.ଗ୍ୟାସ୍‌ଧାରୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ନୂତନ ବର୍ଷ ଆପଣଙ୍କ ପାଇଁ ମଙ୍ଗଳମୟ ହେଉ।
ବୃନ୍ଦାବନ ସେନାପତି
ସୋନିଆ ଏଚ୍.ପି.ଗ୍ୟାସ୍ ବିତରକ
ରାମନାଗୁଡ଼ା, ରାୟଗଡ଼ା

ନୂତନ ବର୍ଷ ୨୦୨୦ ଅବସରରେ ବରୀ ବ୍ଲକର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଣବ କୁମାର ଦାସ (ଭାଗୀ)
ରମ୍ଭା ଗ୍ରାମ ପଞ୍ଚାୟତ, ବରୀ, ଯାଜପୁର


PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

ନବବର୍ଷ ଅବସରରେ ପଶ୍ଚିମ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମା’ ପାଟଣେଶ୍ୱରୀ ସମସ୍ତଙ୍କୁ ସୁଖ, ଶାନ୍ତିରେ ରଖନ୍ତୁ ଏହାହିଁ କାମନା।



PLOT FOR SALE@BHUBANESWAR

Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455
30ft Internal Road
Mouza : Pandiapada
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com
Chief Editor : **Bibhuti Bhusan Patra** Managing Editor : **Laxmipriya Dash** Editor : **Tarak Mohanty**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ ସମ୍ପାଦକ : ତାରକ ମହାନ୍ତି